ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.310, Bhubaneswar Saturday, January 25, 2020 ୨୨ତମ ବର୍ଷ ସଂଖ୍ୟା-୩୧୦ ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୫, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ମାର୍ଚ୍ଚ ୫ ସୁଦ୍ଧା ସବୁ ବିଭାଗରେ ମୋ ସରକାର ଲାଗୁ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଡ଼ିସେମ୍ବର ଶେଷସୁଦ୍ଧା ରାଜସ୍ୱ ସଂଗ୍ରହରେ ୮ % ଅଭିବୃଦ୍ଧି

ଭୁବନେଶ୍ୱର, (ପିଏନ)- ଚଳିତ ଆର୍ଥିକ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ଓଡ଼ିଶାର ରାଜସ୍ୱ ସଂଗ୍ରହରେ ୮.୩୯ % ଅବିବୃଦ୍ଧି ଘଟିଛି । ଶୁକ୍ରବାର ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକର ଆଲୋଚନାରୁ ଏହା ଜଣାପଡିଛି। ବିଭିନ୍ନ ବିଭାଗର ଆର୍ଥିକ ପରିଚାଳନା କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ବଜେଟ୍ ବିନିଯୋଗକୁ ତ୍ୱରାନ୍ୱିତ କରିବା ସହ ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ପ୍ରତି ବିଭାଗରେ ମୋ ସରକାର ମାନକ ପ୍ରୟୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ ବର୍ତମାନ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥାମାନେ ଓଡ଼ିଶାକୁ ଏକ ପ୍ରଗତିଶୀଳ ଓ କର୍ମଚଂଚଳ ରାଜ୍ୟଭାବେ ପ୍ରଶଂସା କରୁଥିବାରୁ ଏହାକୁ ଏକ ଉତମ ମାନର ଅନୁଶାସିତ ରାଜ୍ୟରେ ପରିଣତ କରିବା ପାଇଁ ସରକାରୀ ବିଭାଗମାନେ ଆଗଭର ହୁଅନ୍ତୁ। ତ୍ୱରିତ ଓ ସଠିକ୍ ସେବା ଯୋଗାଣ ମାଧ୍ୟମରେ ଏହା ସମ୍ଭବ ହେବ । ଅଧିକରୁ ଅଧିକ ସରକାରଙ୍କଠାରୁ ନାଗରିକ ଓ ବ୍ୟବସାୟ ସଂସ୍ଥା ମାନଙ୍କୁ ଯୋଗାଯାଉଥିବା ସେବାକୁ ଅନ୍‌ଲାଇନ୍ କରିବା, ସହ ସେବା ଯୋଗାଣ ବିଷୟରେ ଲୋକମାନଙ୍କ ସନ୍ତୋଷ ଓ ମତାମତକୁ ଅଗ୍ରାଧିକାର ଦେବା ପାଇଁ ଶ୍ରୀ ତ୍ରିପାଠୀ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ବ୍ୟାଙ୍କ୍ ବା କର୍ପୋରେସନରେ ପାଣ୍ଠି ଜମାନରଖି ସାଧାରଣ ଟ୍ରେଜରୀ ପୋର୍ଟାଲ୍ ମାଧ୍ୟମରେ ପ୍ରକୃତ ବିନିଯୋଗ କରିବା ନିମନ୍ତେ ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟ ଲୋକସେବା ଭବନ ସଭାଗୃହଠାରେ ଅନୁଷ୍ଠିତ ଏହି ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଅଶୋକ କୁମାର ମୀନା ଡ଼ିସେମ୍ବର ମାସ ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ଓ ବଜେଟ୍ ବିନିଯୋଗ ସମ୍ବନ୍ଧିତ ବିଷୟବସ୍ତୁ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । ଶ୍ରୀ ମୀନା ଜଣାଇଥିଲେ ଯେ ଚଳିତ ଆର୍ଥିକ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ପ୍ରାୟ ୯,୪୯୮ କୋଟି ଟଙ୍କା। ଅଣ-ଟିକସ ରାଜସ୍ୱ ବାବଦରେ ସଂଗ୍ରହ ହୋଇ ଏ କ୍ଷେତ୍ରରେ ୯ % ଅବିବୃଦ୍ଧି କରାଯାଇଛି । ସେହିପରି ନିଜସ୍ୱ -ଟିକସ୍ କ୍ଷେତ୍ରରେ ମଧ ୮.୧୩ % ବୃଦ୍ଧି ଘଟିଛି । ଗତ ଆ।ର୍ଥିକ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ନିଜସ୍ୱ-ଟିକସ୍ ବାବଦରେ ୨୦,୮୯୮ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ଡ଼ିସେମ୍ବର ଶେଷସୁଦ୍ଧା ୨୨,୫୯୯ କୋଟି ଟଙ୍କା ଆଦାୟ ହୋଇଛି । ସମତାଳରେ ବଜେଟ୍ ବିନିଯୋଗରେ ମଧ ପ୍ରାୟ ୧୫ % ଅଭିବୃଦ୍ଧି ଘଟିଛି । ଗତ ଆର୍ଥିକ ବର୍ଷ ଅକ୍ଟୋବର ମାସ ଶେଷସୁଦ୍ଧା ବିଭିନ୍ନ ବିଭାଗମାନେ ୭୧,୬୦୨ କୋଟି ଟଙ୍କା ବିନିଯୋଗ କରିଥିବାବେଳେ ଚଳିତ ବର୍ଷ ଏହି ବିନିଯୋଗ ୮୨,୨୦୦ କୋଟି ଟଙ୍କା ଅତିକ୍ରମ କରିଛି । କୃଷି କ୍ଷେତ୍ରରେ ବିନିଯୋଗ ପରିମାଣ ୧୧୨୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ସାମାଜିକ ଓ ଭିତିଭୂମି କ୍ଷେତ୍ରରେ ଏହା ଯଥାକ୍ରମେ ୩୪,୪୦୦ ଏବଂ ୯,୧୯୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଏବଂ ସ୍ୱତନ୍ତ୍ର ଶାସନ ସଚିବମାନେ ବୈଠକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଓଡ଼ିଆ ଲେ. ଜେନେରାଲ ଚଣ୍ଡୀ ପ୍ରସାଦ ମହାନ୍ତି ଦକ୍ଷିଣାଂଚଳ ଆର୍ମି କମାଣ୍ଡର

ଭୁବନେଶ୍ୱର, (ପିଏନ)- ଓଡ଼ିଆ ଲେ. ଜେନେରାଲ ଚଣ୍ଡୀ ପ୍ରସାଦ ମହାନ୍ତିଙ୍କୁ ଦକ୍ଷିଣ ଆର୍ମି କମାଣ୍ଡର ରୂପେ ନିଯୁକ୍ତି ମିଳିଛି । ଜେନେରାଲ ମହାନ୍ତି ସଂପ୍ରତି ଉତର ଭାରତ ଏରିଆର କମାଣ୍ଡର ହିସାବରେ କାର୍ଯ୍ୟରତ ।ନିଜର ୩୭ ବର୍ଷର କର୍ମମୟ ଜୀବନରେ ଜେନେରଲ ମହାନ୍ତି ଜାମ୍ମୁ କାଶ୍ମୀର ଏଲ.ଓ.ସିରେ ରାଜପୁତ ବାଟାଲିୟନର ନେତୃତ୍ୱ ନେଇଛନ୍ତି । ଆତଙ୍କବାଦ ଗ୍ରସ୍ତ ଉତର ପୂର୍ବ ଭାରତରେ ମଧ ସେ ବାଟାଲିୟନର ସଫଳତାର ସହ ନେତୃତ୍ୱ ନେଇଛନ୍ତି । ମିଲିଟାରୀ ଆଡ୍‌ଭାଇଜର ଭାବେ ସେ ସେଚଲସରେ ମଧ ଅବସ୍ଥାପିତ ଥିଲେ । ପରବର୍ତୀ ପର୍ଯ୍ୟାୟରେ ଆର୍ମି ମୁଖ୍ୟାଳୟର ଏମ.ଏସ. ବ୍ରାଂଚରେ ମଧ କାର୍ଯ୍ୟ କରିଥିଲେ ।ବ୍ରିଗେଡ଼ିୟର ରୂପେ ପଦୋନ୍ନତି ପାଇ ଜେନେରାଲ ମହାନ୍ତି ଅତ୍ୟନ୍ତ ସମ୍ବେଦନଶୀଳ ଚୀନ୍ ସୀମାରେ, ଅରୁଣାଚଳ ପ୍ରଦେଶରେ ବ୍ରିଗେଡ଼ କମାଣ୍ଡର ହିସାବରେ ଏବଂ ପରବର୍ତୀ ପର୍ଯ୍ୟାୟରେ ଉତରପୂର୍ବ ସୀମାରେ ବି.ଜି.ଏସ୍ ଅପ୍‌ସ ରୂପେ ସଫଳତାର ସହ କାମ କରିଥିଲେ । କଂଗୋ ରାଷ୍ଟ୍ରରେ ଜାତିସଂଘ ସୁରକ୍ଷା ବଳ ଅନ୍ତର୍ଗତ ଏକ ସଂବେଦନଶୀଳ ବ୍ରିଗେଡ଼ର ନେତୃତ୍ୱ ଜେନେରାଲ ମହାନ୍ତି ସଫଳତାର ସହିତ ସମ୍ପାଦନ କରିଥିଲୋମେଜର ଜେନେରାଲ ରୂପେ ଅପରେସନ ରାଇନୋ ସମୟରେ ଗୁରୁତ୍ୱପୂର୍ଣ୍ଣ ଡିଭିଜନର କମାଣ୍ଡର ରୂପେ, ୨୦୧୪ର ବୋଡ଼ୋ-ଗଣହତ୍ୟା ପରବର୍ତୀ ପର୍ଯ୍ୟାୟରେ ଆତଙ୍କବାଦକୁ ଦୃଢ଼ ହସ୍ତରେ ଦମନ କରବାର ଶ୍ରେୟ ପ୍ରାପ୍ତ ହୋଇଥିଲେ । ଯୋଧପୁର ସବ୍ ଏରିଆର କମାଣ୍ଡର ରୂପେ ଜେନେରାଲ ମହାନ୍ତି ସଫଳତାର ସହ କାର୍ଯ୍ୟ କରିଥିଲେ ।

ଫେବୃଆରୀ ୧ରୁ ଖଣ୍ଡଗିରି ମାଘ ମେଳା

ଭୁବନେଶ୍ୱର,(ପିଏନ)- ଆସନ୍ତା ୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଖଣ୍ଡଗିରିରେ ମାଘ ସପ୍ତମୀ ମେଳା ହେବ । ଏଥିପାଇଁ ବିଏମସି ପକ୍ଷରୁ ସମସ୍ତ ପ୍ରକାରର ସୁବିଧା କରାଯିବା ସହ ପୋଲିସ ପକ୍ଷରୁ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବ ବୋଲି ଉଭୟେ ବିଏମସି ଏବଂ କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି ।

ଏହି କୁମ୍ଭମେଳା କିପରି ଭାବରେ ସୂଚାରୁ ରୂପେ ଚାଲିବ ସେଥିନେଇ ବିଏମସିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ବିଏମସି ପକ୍ଷରୁ ଫାଷ୍ଟ ଏଡ଼୍‌ର ସୁବିଧା, ପାନୀୟ ଜଳ, ପ୍ରସ୍ତୁତି ଖାଦ୍ୟ ପଦାର୍ଥର ତନଖି, ଅସ୍ଥାୟୀ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯାତ୍ରାପାର୍ଟିମାନଙ୍କର ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ରାଜ୍ୟସ୍ତରୀୟ ସାଧାରାଣତନ୍ତ୍ର ପ୍ୟାରେଡରେ ଯୋଗଦେବେ ୪୮ଟି ଟ୍ରୁପ୍

ଭୁବନେଶ୍ୱର, (ପିଏନ)- ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଗାନ୍ଧୀମାର୍ଗ ଠାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ପ୍ୟାରେଡ଼ ଉତ୍ସବରେ ସମୁଦାୟ ୪୮ଟି ଟ୍ରୁପ୍ ଯୋଗଦେବେ । ଏଥି ମଧ୍ୟରେ ବିଭିନ୍ନ ସ୍କୁଲ ଏବଂ କଲେଜର ଏନସିସି, ଫାୟାର ବ୍ରିଗେଡ଼,ଡେୟାର ଡେଭିଲରେ ଦୁଇଟି ଦଳ (ପୁଅ ଓ ଝିଅ), ସ୍କେଟିଂ (ପୁଅ, ଝିଅ), ଖୋର୍ଦ୍ଧା, ଗଂଜାମ, ବରଗଡ଼ ଏବଂ କୋରାପୁଟ ଜିଲ୍ଲାର ସାଂସ୍କୃତିକ ଦଳ ଅନ୍ତର୍ଭୁକ୍ତ ଅଛନ୍ତି । ଏହା ବ୍ୟତୀତ ୧୧ଟି ପ୍ରଜ୍ଞାପନ ମେଢ଼, ଆମ୍ବୁଲାନ୍ସ ମଧ୍ୟ ଅଂଶ ଗ୍ରହଣ କରିବ । ଆରଏସପି ଏବଂ ଆରଏସପି ସମେତ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ୧୧ଟି ପ୍ରଜ୍ଞାପନ ମେଢ଼ ଅଂଶ ଗ୍ରହଣ କରିବ ।

ଏୟାର ଇଣ୍ଡିଆ ଅଫିସ ସମ୍ମୁଖରେ ଥିବା ଫଳ ଦୋକାନ ଉଚ୍ଛେଦ

ଭୁବନେଶ୍ୱର,(ପିଏନ)- ଆଜି ୧ ନମ୍ବର ୟୁନିଟସ୍ଥିତ ଏୟାର ଇଣ୍ଡିଆ ଅଫିସ ସମ୍ମୁଖରେ ଥିବା ଫଳ ଦୋକାନୀ ଗୁଡ଼ିକୁ ବିଏମସି କମିଶନରଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି । ଏଥିରେ ୫ ରୁ ୭ଟି ଦୋକାନର ଫଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି ବ୍ୟବସାୟୀ ମାନଙ୍କ ପକ୍ଷରୁ କୁହାଯାଇଛି ।

ନନ୍ଦନକାନନ ଆସିବ ସିଙ୍ଗାପୁର ଧଳା ଗଣ୍ଡା

ଭୁବନେଶ୍ୱର,(ପିଏନ)- ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ସିଙ୍ଗାପୁରରୁ ଧଳା ଗଣ୍ଡା ଅଣାଯିବ। ସେହିପରି ଶ୍ରୀଲଙ୍କାରୁ ଆଫ୍ରିକୀୟ ସିଂହ ଓ ଅନ୍ୟାନ୍ୟ ଜନ୍ତୁ ଆଣିବାପାଇଁ ଯୋଜନା କରାଯାଉଛି। ନନ୍ଦନକାନନରେ ଥିବା ରୋପ୍ ୱେ ଓ ଟୟ ଟ୍ରେନ୍ ରାସ୍ତାରେ ୨ ଟି ଓଭର ବ୍ରିଜ୍ ନିର୍ମାଣ କରାଯିବ। ଉଦ୍ୟାନର ପରିଚାଳନା ବୈଠକରେ ଏହି ନିଷ୍ପତି ନିଆଯାଇଥିବା ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲ୍ ପ୍ରକାଶ କରିଛନ୍ତି।

ରାଷ୍ଟ୍ରୀୟ ବାଳ ପୁରସ୍କାର ବିଜେତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଭାବବିନିମୟ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରାଷ୍ଟ୍ରୀୟ ବାଲ ପୁରସ୍କାର ବିଜେତାମାନଙ୍କ ସହିତ ଭାବ ବିନିମୟ କରିଛନ୍ତି। ୨୨ ଜାନୁଆରୀରେ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନେ ଗଣତନ୍ତ୍ର ଦିବସ ପରେଡରେ ମଧ ଅଂଶଗ୍ରହଣ କରିବେ।

ଏହି ଶିଶୁମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଉପଲବ୍ଧି ପାଇଁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ଏତେ କମ ବୟସରେ ସେମାନଙ୍କ କାର୍ଯ୍ୟକୁ ଅଦ୍ଭୁତ ବୋଲି କହିଥିଲେ। ସେ କହିଥିଲେ ଯେ, ଆପଣମାନେ ଯେପରି ଭାବେ ସମାଜ ଓ ରାଷ୍ଟ୍ର ପ୍ରତି ନିଜର କର୍ତବ୍ୟକୁ ପୂରଣ କରୁଛନ୍ତି ତାହା ଦେଖି ମୁଁ ଗର୍ବିତ। ଯେତେବେଳେ ମୁଁ ଯୁବ ସାଥୀମାନଙ୍କ ସାହସ ଓ ଉପଲବ୍ଧିର କାହାଣୀ ଶୁଣୁଛି ସେଥିରୁ ମୋତେ ଅତିରିକ୍ତ ଉତ୍ସାହ ଓ କଠିନ ପରିଶ୍ରମ କରିବାର ପ୍ରେରଣା ମଧ ମିଳୁଛି।

ପ୍ରଧାନମନ୍ତ୍ରୀ ପୁରସ୍କାର ବିଜେତା ଶିଶୁମାନଙ୍କୁ ତୃଣମୂଳସ୍ତରର ବାସ୍ତବିକତା ସହ ଦୃଢ଼ ଭାବେ ଯୋଡ଼ି ହୋଇ କଠିନ ପରିଶ୍ରମ କରିବାକୁ କହିଥିଲେ। ସେ କହିଥିଲେ, “ଏହି ପରିଚୟ ଆହୁରି ଅଧିକ ସଫଳତା ଅର୍ଜନ କରିବା ଦିଗରେ ପ୍ରେରଣା ସାଜିବା ଉଚିତ। ଆପଣମାନେ ଏହା ଅନୁଭବ କରିବା ଆବଶ୍ୟକ ଯେ ଏହା ଏକ ଅନ୍ତ ନୁହେଁ। ଏପରି ପୁରସ୍କାର ଆପଣଙ୍କ ସାଥୀ ଓ ଅନ୍ୟ ଶିଶୁମାନଙ୍କୁ ସଫଳତା ହାସଲ କରିବା ଲାଗି ପ୍ରେରଣା ଯୋଗାଇବ।”

ସୂଚନାଯୋଗ୍ୟ ଭାରତର ବିଭିନ୍ନ ରାଜ୍ୟର ୪୯ଜଣ ଶିଶୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ଜମ୍ମୁ-କଶ୍ମୀର, ମଣିପୁର ଓ ଅରୁଣାଚଳ ପ୍ରଦେଶର ଜଣେ ଲେଖାଏଁ ପୁରସ୍କାର ବିଜେତା ଅଛନ୍ତି। ଏହି ଶିଶୁମାନଙ୍କୁ କଳା ଓ ସଂସ୍କୃତି, ନବୋନ୍ମେଷ, ଶିକ୍ଷା, ସମାଜସେବା, କ୍ରୀଡ଼ା ଓ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପୁରସ୍କୃତ କରାଯାଇଛି। ଭାରତ ସରକାର ଶିଶୁମାନଙ୍କୁ ରାଷ୍ଟ୍ର ନିର୍ମାଣରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବେ ଗ୍ରହଣ କରିଛନ୍ତି। ଏହି ଉଦ୍ଦେଶ୍ୟ ଲାଗି କେନ୍ଦ୍ର ସରକାର ନବୋନ୍ମେଷ, ଶିକ୍ଷା କ୍ଷେତ୍ରରେ ଉପଲବ୍ଧି, ସମାଜସେବା, କଳା ଓ ସଂସ୍କୃତି, କ୍ରୀଡ଼ା ଓ ସାହସିକତା କ୍ଷେତ୍ରରେ ଅସାଧାରଣ ଉପଲବ୍ଧି ପାଇଁ ପ୍ରତିବର୍ଷ ଶିଶୁମାନଙ୍କ ଏହି ପୁରସ୍କାର ପ୍ରଦାନ କରିଥାନ୍ତି।

ଧର୍ମଶାଳା ନାବାଳିକା ଅପହରଣ ଓ ନିର୍ଯାତନା ମାମଲା

ପୁଲିସ କନଷ୍ଟେବଲ ସହ ୪ ଅଭିଯୁକ୍ତ ଗିରଫ

ଧର୍ମଶାଳା, ୨୪।୧ (ପି.ଏନ୍): ବହୁଚର୍ଚ୍ଚିତ ଧର୍ମଶାଳା ଥାନା କଣ୍ଟିଗଡିଆ ନାବାଳିକା ଅପହରଣ ଓ ନିର୍ଯ୍ୟାତନା ଘଟଣାରେ ପୁଲିସ୍ ପୁଣି ଜଣେ କନଷ୍ଟେବଲଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ୍ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଘଟଣାର ମୁଖ୍ୟ ଅଭିଯୁକ୍ତ ସତ୍ୟନାରାୟଣ ସାମଲର ଭିଣୋଇ ଧର୍ମଶାଳା ଥାନାର କନଷ୍ଟେବଲ ସନ୍ତୋଷ ବାରିକ, ମାଉସୀ ସୁକିନ୍ଦାର ପୁଷ୍ପାଞ୍ଜଳି ବେଉରା, ମାମୁଁପୁଅ ଭାଇ ମୋହନ ମହାନ୍ତି ଓ ସହଯୋଗୀ ଅବଦୁଲ ରହେମନ୍ । ପୂର୍ବରୁ ପୁଲିସ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମିଲତନଗର ଗ୍ରାମର ବିଦ୍ୟାଧର ସାମଲଙ୍କ ପୁଅ ସତ୍ୟନାରାୟଣ ଓରଫ୍ ପିଣ୍ଟୁ, ତା’ର ଦୁଇ ଭଉଣୀ ମିର୍ଜାପୁର (ସାଲେପୁର) ଗ୍ରାମର ବନିତା ପରିଡା (ବନି), କଟକ ଚାଉଳିଆଗଞ୍ଜର କବିତା ସାହୁ (ପିଙ୍କି) ସହ ଭାଇ ରୁଦ୍ରନାରାୟଣ ସାମଲ (ମିଟୁ)ଙ୍କୁ ଗିରଫ କରି କୋର୍ଟ୍ ଚାଲାଣ କରିଛି । ଏଥିସହ ପିଣ୍ଟୁର କନଷ୍ଟେବଲ ଭଉଣୀ ରଞ୍ଜିତା ସାମଲ ଗତକାଲି ରାତିରେ ହୃଦ୍‌ଘାତର ଶିକାର ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଖବର ମିଳିଛି । ସୂଚନା ଯୋଗ୍ୟ, ପିଣ୍ଟୁ ଜଣେ ବିବାହିତ ଯୁବକ। କୌଣସି କାରଣକୁ ନେଇ ତାଙ୍କ ସ୍ତ୍ରୀ କିଛି ବର୍ଷ ପୂର୍ବେ ତାଙ୍କୁ ଛାଡି ଚାଲି ଯାଇଛନ୍ତି। ପିଣ୍ଟୁ ଘର ନିକଟ ସରକାରୀ ଜମିରେ ଏକ ଲେଡିସ୍ କର୍ଣ୍ଣର ଦୋକାନ କରିଥିଲେ। ପୀଡିତା ନାବାଳିକା ଜିନିଷ କିଣାକିଣି ନିମନ୍ତେ ବହୁ ସମୟରେ ଏହି ଦୋକାନକୁ ଆସିଥାନ୍ତି। ସମୟକ୍ରମେ ଉଭୟଙ୍କ ମଧ୍ୟରେ ଜଣାଶୁଣା ଓ ସମ୍ପର୍କ ସୃଷ୍ଟି ହୋଇଥିଲା। ପରେ ପିଣ୍ଟୁ ପୀଡିତାଙ୍କୁ ଏକ ମୋବାଇଲ ଫୋନ୍ ଉପହାର ଦେଇଥିଲା । ତେବେ ପୀଡିତା ପିଣ୍ଟୁ ସହ କଥାବାର୍ତ୍ତା ନ କଲେ ସେ ତାଙ୍କ ବାପାଙ୍କୁ ମାରିଦେବା ପାଇଁ କୁଆଡେ ଧମକ ଚମକ ଦେଉଥିଲା । ଯୋଜନା ମୁତାବକ ପିଣ୍ଟୁ ୧୫ ତାରିଖ ବିଳମ୍ବିତ ରାତିରେ ଏକ ସ୍କର୍ପିଓ (ନଂ-ଓଆର୍ ୦୨ ଏୟୁ-୩୫୯୬)ରେ ନାବାଳିକାକୁ ଘରୁ ବନ୍ଧୁକ ଦେଖାଇ ଉଠାଇ ନେଇଥିଲା । ପରେ ତାଙ୍କୁ ନେଇ କଟକ ଚାଉଳିଆଗଞ୍ଜରେ ଥିବା ତାଙ୍କ ଭଉଣୀ କବିତା ସାହୁଙ୍କ ଭଡା ଘରେ ରଖିଥିଲା। ସେଠାରେ ଗୋଟିଏ ଦିନ ରହିବା ପରେ ସେମାନେ ସୁକିନ୍ଦା ଅଞ୍ଚଳର ମାଉସୀ ଘରକୁ ଚାଲିଯାଇଥିଲେ। ସେଠାରେ ଦୁଇଦିନ ରହିଥିଲେ । ଖାଦ୍ୟରେ ନିଶା ଦେଇ ପୀଡିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦିଆ ଯାଉଥିଲା । ତେବେ ଝିଅର ଅପହରଣ ଘଟଣା ନେଇ ବାପା ଥାନାରେ ମାମଲା ରୁଜୁ କରିବା ପରେ ଅଭିଯୁକ୍ତମାନେ ବାରବାଟୀ ନିକଟରେ ପୀଡିତାଙ୍କୁ ଉକ୍ତ ସ୍କର୍ପିଓ ଗାଡିରେ ଆଣି ଛାଡିଦେଇ ଚାଲି ଯାଇଥିଲେ। ସାଙ୍ଗରେ ସବୁ ବେଳେ ପିଣ୍ଟୁର ବିବାହିତ ଭଉଣୀ ବନିତା ପରିଡା ମଧ ରହୁଥିଲା । ଅପରପକ୍ଷେ ପିଣ୍ଟୁ ର ଭାଇ ମିଟୁ ପୀଡିତାଙ୍କ ବାପାଙ୍କୁ ଧମକ ଦେଉଥିଲେ। ଏହି ଘଟଣା ଜଣାପଡିବା ପରେ ବିରୋଧୀ ବିଜେପି ଓ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନ ଡାକରା ଦିଆ ଯାଇଥିବା ବେଳେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଦାବି ଜୋର ଧରିଥିଲା । ମୁଖ୍ୟ ଅଭିଯୁକ୍ତର ଭଉଣୀ ଭିଣୋଇ ପୁଲିସ କର୍ମଚାରୀ ହୋଇଥିବାରୁ ଘଟଣାର ନିରପେକ୍ଷ ତଦନ୍ତ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ । ତେବେ ପୁଲିସ ଏକ ଅପହରଣ ମାମଲା ୧୭/୨୦୨୦ ରୁଜୁ କରିବା ସହ ପୀଡିତାର ବୟାନ ଓ ଘଟଣାର ତଦନ୍ତକୁ ଆଧାର କରି ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଏପ୍ରିଲ ପହିଲାରୁ ଘଣ୍ଟାକରେ ମିଳିବ ଜମିବାଡି କାଗଜପତ୍ର

ଭୁବନେଶ୍ୱର,(ପିଏନ)- ଏଣିକି ଜମି ବାଡି କାଗଜପତ୍ର ପାଇଁ ଦୀର୍ଘ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ନାହିଁ। ଏପ୍ରଲ୍ ପହିଲାରୁ ଜମି ସଂକ୍ରାନ୍ତୀୟ କାଗଜପତ୍ର ଘଂଟାଏ ମଧ୍ୟରେ ସମାଧାନ କରାଯିବ। ସବରେଜିଷ୍ଟ୍ରାର ଅଫିସରେ ପଂଜିକରଣ ପରେ ସେହିଦିନ ଅପରାହ୍ନରେ ସବୁ ତଥ୍ୟ ବୋଲି ମିଳିବ କହିଛନ୍ତି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର । ସେହିପରି ଫେବୃଆରୀ ୧୦ରେ ମୋ ସରକାରରରେ ରାଜସ୍ୱ ବିଭାଗକୁ ସାମିଲ କରାଯିବ ।ଅନ୍ୟପକ୍ଷରେ ରାଜ୍ୟରେ ଅନେକ କଲେଜ ପ୍ରତିଷ୍ଠା ହେଉଥିଲେ ହେଁ ସେସବୁ ଗୁଡିକର ନିଜସ୍ୱ ଜମି ନାହିଁ। ତେଣୁ ଜମି ପାଇଁ ଆବେଦନ କରିବାପାଇଁ ସମ୍ପୃକ୍ତ କଲେଜମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଯେଉଁ ତହସିଲଦାର କାମ ବାକିଆ ରଖିଛନ୍ତି ସେମାନଙ୍କ ଛୁଟି ବାତିଲ କରାଯାଉଛି ।ଫେବୃଆରୀ ୫ ତାରିଖ ମଧ୍ୟରେ ଜମି ଆବେଦନକାରୀଙ୍କ କାଗଜପତ୍ର କାମ ଶେଷ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ପରଲୋକ

ଭୁବନେଶ୍ୱର, (ପିଏନ)- ଓଡିଶାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ରାଉତଙ୍କର ଶୁକ୍ରବାର ପରଲୋକ ହୋଇଛି। ଦୀର୍ଘ ଦିନ ଧରି ଅସୁସ୍ଥତା କାରଣରୁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା ।ଭଦ୍ରକ ଜିଲ୍ଲାର ଧୁଷୁରି ବ୍ଲକର ନରସିଂହପୁର ଗାଁରେ ୧୩ ନଭେମ୍ବର ୧୯୪୨ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ। ସେ ଭଦ୍ରକ ଜିଲ୍ଲାର ଧାମନଗର ଆସନରୁ ୩ ଥର କଂଗ୍ରେସ ବିଧାୟକ ଥିଲେ। ସେ ଅଷ୍ଟମ, ନବମ ଓ ଏକାଦଶ ବିଧାନସଭାରେ ଧାମନଗର ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଶିଳ୍ପ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ନଗର ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୮୯ରୁ ୧୯୯୦ ଯାଏଁ ଶିଳ୍ପ ମନ୍ତ୍ରୀ ଭାବେ , ୧୯୯୫ରୁ ୧୯୯୮ ମସିହା ଯାଏଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ୧୯୯୮ରୁ ୧୯୯୯ ଯାଏଁ ସହରାଂଚଳ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ବ୍ୟତୀତ ସେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା କଂଗ୍ରେସର ସଭାପତି ପଦବୀରେ ମଧ୍ୟ ରହିଥିଲେ। ସ୍ୱର୍ଗତ ରାଉତଙ୍କର ପତ୍ନୀ ଶ୍ରୀମତୀ ବାସନ୍ତୀ ରାଉତ ଅଧ୍ୟାପିକା ଭାବେ ଅବସର ଗ୍ରହଣ କରିଛନ୍ତି। ତାଙ୍କର ଜଣେ ପୁଅ ଓ ଝିଅ ରହିଛନ୍ତି। ପୁଅ ଅଭିଷେକ ରାଉତ କଂଗ୍ରେସର ଜଣେ ବରିଷ୍ଠ ସଦସ୍ୟ ହୋଇଥିବା ବେଳେ ଝିଅ ଜଣେ ଡାକ୍ତର।

ଓଡ଼ିଶାରୁ ୬ ଅଧିକାରୀ ପାଇବେ ରାଷ୍ଟ୍ରପତି ପଦକ

ଭୁବନେଶ୍ୱର, (ପିଏନ)- ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ଉଲ୍ଲେଖନୀୟ ସେବା ଲାଗି ଜେଲ ଅଧିକାରୀମାନଙ୍କୁ ସଂସ୍କାରମୂଳକ ସେବା ପଦକ ପ୍ରଦାନ କରାଯିବ। ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ଦେଶର ବିଭିନ୍ନ ରାଜ୍ୟରୁ ୩୫ ଜଣ ଜେଲ ଅଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରୁ ୬ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ଏବଂ ୨୯ ଜଣଙ୍କୁ ଉଲ୍ଲେଖନୀୟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ଓଡ଼ିଶାରୁ ୩ ଜଣ ଜେଲ ଅଧିକାରୀଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ମିଳିବ। ସେମାନେ ହେଲେ ସମ୍ବଲପୁର ଜିଲ୍ଲା ଶିକ୍ଷାନବୀସ ଅଧିକାରୀ ନିରଞ୍ଜନ ସାହୁ, ଜୟପୁର ସବଜେଲର ଜେଲର ଲଳାଟେନ୍ଦୁ ଭୂଷଣ ଦାସ ଓ ସମ୍ବଲପୁର ନାରୀ ବନ୍ଦୀ ନିକେତନର ଅତିରିକ୍ତ ମାଟ୍ରନ ଶ୍ରୀମତୀ ସୋଭାଗିନୀ ସିଂ। ଅନ୍ୟପକ୍ଷରେ ଉଲ୍ଲେଖନୀୟ ସେବା ପାଇଁ ଅନୁଗୁଳ ନିରୀକ୍ଷଣ ଏବଂ ସ୍ୱତନ୍ତ୍ର ଗୃହର ଅଧିକ୍ଷକ ଅମିର କୁମାର ନାଥଶର୍ମା, ଗୁଣପୁର ସବଜେଲ ଜେଲର ଧୀରେନ୍ଦ୍ର ନାଥ ବାରିକ ଓ କଟକ ସର୍କଲ ଜେଲର ବନ୍ଦୀ କଲ୍ୟାଣ ଅଧିକାରୀ ଶ୍ରୀ ରାମକୃଷ୍ଣ ଦାସ।

‘ପ୍ରଗତି’ର ପ୍ରଥମ ବୈଠକରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ) ଚଳିତବର୍ଷ ‘ପ୍ରଗତି’ର ପ୍ରଥମ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ସମୀକ୍ଷା କରି ଏହି ପ୍ରକଳ୍ପକୁ ଗତିଶୀଳ କରିବା ପାଇଁ ପଦକ୍ଷେପ ନେଇଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏପ୍ରକାର ସମୀକ୍ଷା ବହୁ ପ୍ରତିକ୍ଷୀତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ନିଶ୍ଚିତରୂପେ ତ୍ୱରିତ କ୍ରିୟାନ୍ୱୟନର ରାସ୍ତାକୁ ନେବ ଏବଂ ପ୍ରକଳ୍ପ ଶୀଘ୍ର ସମୟରେ ପୂର୍ଣ୍ଣାଙ୍ଗ ହେବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକାଶ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀର ଦାୟିତ୍ୱ ଗ୍ରହଣ କରିବା ପରେ ଦେଶରେ ପଡିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ପାଇଁ ‘ପ୍ରଗତି’ର ଶୁଭାରମ୍ଭ କରିଥିଲେ । ଏହା ମାଧ୍ୟମରେ ଦେଶରେ ଦୀର୍ଘ ସମୟ ଧରି ପଡି ରହିଥିବା ମହତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡିକକୁ ଖୋଦ୍ ପ୍ରଧାନମନ୍ତ୍ରୀ ତଦାରଖ କରୁଛନ୍ତି । ବର୍ଷ ୨୦୨୦ ପ୍ରଥମ ପ୍ରଗତି ବୈଠକରେ ୨୮୯ କିମି ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ସମୀକ୍ଷା କରି ପ୍ରଧାନମନ୍ତ୍ରୀ ତାଙ୍କର ଓଡିଶା ପ୍ରତି ଥିବା ପ୍ରାଥମିକତାକୁ ସୂଚାଇଛନ୍ତି । ଏହି ପ୍ରଗତିର ବୈଠକରେ ବହୁ ପ୍ରତିକ୍ଷୀତ ଏହି ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ସହଯୋଗ ଅପେକ୍ଷା କରିଛନ୍ତି । ଉଭୟ ଭାରତ ସରକାର ଓ ରାଜ୍ୟ ସରକାର ମିଶି ଓଡିଶାର ସାମଗ୍ରିକ ବିକାଶ ପାଇଁ ଏହି ପ୍ରକଳ୍ପକୁ ପୂରା କରିବେ ଏହା ପ୍ରଧାନମନ୍ତ୍ରୀଙ୍କର ଅପେକ୍ଷା ରହିଛି ।

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ପରିକଳ୍ପନା ବହୁତ ପୁରୁଣା । କିନ୍ତୁ ଏହି ପ୍ରକଳ୍ପକୁ ପୂର୍ବରୁ ଦିଲ୍ଲୀ ସରକାରରେ

ଦାୟିତ୍ୱରେ ଥିବା ସରକାର ଏବଂ ରାଜ୍ୟ ସରକାର ଯେତେମାତ୍ରାରେ ପ୍ରାଥମିକତା ଦେବା କଥା ଦେଇନଥିଲେ । ଏହି କାରଣରୁ ପ୍ରକଳ୍ପଟି ସ୍ଥଗିତ ରହିଥିଲା । ମାତ୍ର ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ୧୯୯୫ ମସିହାରୁ ସ୍ଥଗିତ ଥିବା ଏହି ପ୍ରକଳ୍ପ ଗତିଶୀଳ ହେଲା । ମୋଦି ସରକାର ଓଡିଶା ସରକାରଙ୍କ ସହ ମିଶି ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ପ୍ରତିବଦ୍ଧ । ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ ସମ୍ପୂର୍ଣ୍ଣ ହେଲେ ଏହା ଅଂଚଳିକ କ୍ଷେତ୍ରରେ ଅର୍ଥନୀତିକୁ ବଳ ଦେବ । ଓଡିଶାର କଲ୍ୟାଣ ଓ ବିକାଶ ନରେନ୍ଦ୍ର ମୋଦିଙ୍କ ପ୍ରାଥମିକତା ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଉଲ୍ଲେଖନୀୟ ଯେ, ଖୋର୍ଦ୍ଧା-ବଲାଙ୍ଗିର ପ୍ରକଳ୍ପ ଗତ ୨୫ ବର୍ଷ ତଥା ୧୯୯୫ ମସିହାରୁ ଅଟକି ରହିଥିଲା । ବିଶେଷ ଭାବରେ ମୋଦିଙ୍କ ପୂର୍ବରୁ ଦିଲ୍ଲୀରେ ଦାୟିତ୍ୱରେ ଥିବା ସରକାର ଓ ରାଜ୍ୟ ସରକାରଙ୍କ ଅସହଯୋଗ ତଥା ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ କାରଣରୁ ଏହି ପ୍ରକଳ୍ପ ସ୍ଥଗିତ ରହିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପ୍ରଗତି ବୈଠକରେ ଓଡିଶା ରେଳବାଇର ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ। ଏହି ରିପୋର୍ଟରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ଷ୍ଟାଟସ ରିପୋର୍ଟରେ ସେ ବେଶ ପ୍ରଭାବିତ ହୋଇଥିଲେ।

୨୦୧୫ ମସିହାରେ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ଏହି ପ୍ରକଳ୍ପ ଉପରେ ତାଙ୍କର ଦୃଷ୍ଟି ପଡିଥିଲା । ସେହି ସମୟରେ ମୋଦି ପିଏମଓର ଅଧିକାରୀ ମାନଙ୍କୁ କହିଥିଲେ ଯେ ଏହି ଅଂଚଳ ତଥା କେବିକେ ଅଂଚଳର ଲୋକମାନଙ୍କୁ ସରକାରୀ ସୁବିଧାର ଆବଶ୍ୟକତା ରହିଛି । ଏହା ଅନ୍ୟ ଅଂଚଳ ଅପେକ୍ଷା ବେଶ୍ ପଛୁଆ ରହିଛି । ଏହି ଅଂଚଳର ଲୋକଙ୍କୁ ରେଳ ସୁବିଧାର ନିତାନ୍ତ ଆବଶ୍ୟକତା ରହିଛି । ତେଣୁ ପ୍ରଧାନମନ୍ତ୍ରୀ ଏହି ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପକୁ ପ୍ରାଥମିକତା ଦେଇଥିଲେ । ଯଦି ୧୯୯୫-୨୦୦୦ ମସିହାରେ ଏହି ପ୍ରକଳ୍ପର କାମ ଶେଷ ହୋଇଥାନ୍ତା ତେବେ ଏଥିପାଇଁ ହେଉଥିବା ଖର୍ଚ୍ଚ ମଧ୍ୟ କମ୍ ହୋଇଥାନ୍ତା । ପୂର୍ବ ଭାରତର ଅର୍ଥନୀତି ବଢିବା ସହ ଲୋକଙ୍କୁ ମଧ୍ୟ ଏହାର ସୁବିଧା ମିଳିଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ବର୍ତମାନ ରେଳ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପରେ ରେଳ ଟ୍ରାକର ନିର୍ମାଣ କାର୍ଯ୍ୟ ଠିକ୍ ଗତିରେ ଚାଲୁଅଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାର କାର୍ଯ୍ୟ ସଂପୂର୍ଣ୍ଣ ହେବ । ଏହି ରେଳ ପ୍ରକଳ୍ପର ଷ୍ଟାଟସରେ ଥିବା ଅନ୍ୟ କାର୍ଯ୍ୟ ସୂଚାରୁରୂପେ ସମ୍ପାଦିତ ହେଉଅଛି । ଅପରପକ୍ଷରେ ଆଗାମୀ ୬ ମାସ ମଧ୍ୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହେବ ବୋଲି ରାଜ୍ୟ ସରକାରଙ୍କ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି ।ପରିବେଶ ମଞ୍ଜୁରି ସମେତ ଅନ୍ୟ ସବୁ ପ୍ରକ୍ରିୟା ପୂରଣ ହେଲେ ୨୦୨୩ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବା ନେଇ ସମ୍ଭାବନା ରହିଛି । ସେହିପରି ଏହି ପ୍ରକଳ୍ପରେ ଜମି ଅଧିଗ୍ରହଣ ସମସ୍ୟାରେ ରାଜ୍ୟ ସରକାରଙ୍କ ସୂତ୍ରରୁ ଜଣାପଡିଛି ଯେ ବୌଦ୍ଧ ଏବଂ ସୋନପୁର ଜିଲ୍ଲାରେ ଜମି ଅଧିଗ୍ରହଣ ନେଇ ସମସ୍ୟା ଦେଖାଯାଇଛି । ଏହି ପ୍ରକଳ୍ପ ପାଇଁ ଉପରୋକ୍ତ ୨ଟି ଜିଲ୍ଲାରେ ରାଜ୍ୟ ସରକାର ଜମି ଅଧିଗ୍ରହଣ ପାଇଁ ଧ୍ୟାନ ଦେଉଥିବା ବେଳେ ଜଙ୍ଗଲ ଏବଂ ପରିବେଶ ମଞ୍ଜୁରି ପ୍ରତି ସରକାରଙ୍କୁ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ପ୍ରକଳ୍ପର ସମୀକ୍ଷା ପରେ ପରିବେଶ ଏବଂ ଜଙ୍ଗଲ ମଞ୍ଜୁରି ବିବାଦର ଶୀଘ୍ର ସମାଧାନ ହେବ ବୋଲି ଆଶା କରାଯାଉଛି ।

ଟି ଟାଇମ୍

ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲୋକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକଙ୍କୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

‘ପଦ୍ମାବତୀ’ରେ ଐଶ୍ୱର୍ଯ୍ୟା

ନିର୍ଦ୍ଦେଶକ ସୟ ଲୀଲା ଭଂସାଲୀ ଏବେ ତାଙ୍କର ଆଗାମୀ ଫିଲ୍ମ 'ପଦ୍ମାବତୀ’ର ସୁଟିଂ ଆରମ୍ଭ କରିଦେଇଛନ୍ତି। ଯେଉଁଥିରେ ମୁଖ୍ୟ ଭୂମିକାରେ ରହିଛନ୍ତି ଦୀପିକା ପାଦୁକୋନ, ରଣବୀର ସିଂହ ଓ ଶାହିଦ କପୁର। କିନ୍ତୁ ଲାଗୁଛି ଏତିକିରେ ବୋଧେ ମନଭରି ନାହିଁ ସୟଙ୍କର। ସେ ଫିଲ୍ମରେ ଆଉ କିଛି ତଡକା ଦେବା ପାଇଁ ଚାହୁଁଛନ୍ତି। ସେଥିପାଇଁ ତ ଐଶ୍ୱର୍ଯ୍ୟାଙ୍କୁ ଫିଲ୍ମରେ ନେଇଛନ୍ତି। ଶୁଣିବାକୁ ମିଳୁଛି ଭଂସାଲୀ ଫିଲ୍ମଟିକୁ ଆଉ ଟିକେ ମସାଲାଦାର କରିବା ପାଇଁ ଐଶ୍ୱର୍ଯ୍ୟାଙ୍କୁ ସାଇନ କରିଛନ୍ତି। ତେବେ ଐଶ୍ ଏଥିରେ ମୁଖ୍ୟ ଭୂମିକାରେ ନୁହେଁ ବରଂ ଅତିଥି ଭୂମିକାରେ ଆସିବେ। ଫିଲ୍ମରେ ତାଙ୍କର କେବଳ ଗୋଟିଏ ଗୀତ ରହିବ। ଆଉ ସେଥିପାଇଁ ସେ ଖୁବ୍ ଶୀଘ୍ର ସୁଟିଂ ମଧ୍ୟ ଆରମ୍ଭ କରିବେ। ତେବେ ଏହାପୂର୍ବରୁ ମଧ୍ୟ ଐଶ୍ ସୟଙ୍କ ସହ ଫିଲ୍ମ 'ଦେବଦାସ' ଓ 'ଗୁଜାରିସ୍' କରିସାରିଛନ୍ତି। ଦୁଇଟିଯାକ ଖୁବ୍ ସଫଳତା ମଧ୍ୟ ପାଇପାରିଛି। ଏବେ ଅପେକ୍ଷା କେବଳ ପଦ୍ମାବତୀର ରିଲିଜକୁ।

ସାନିଟେସନ୍ ଚାମ୍ପିଆନ୍ ମୌଦ୍ରିତା

ଜାମସେଦପୁର ଯେଉଁ ବୟସରେ ଶିଶୁମାନେ ନିଜ ପକେଟ ମନିକୁ ଆଇସ୍‌କ୍ରିମ୍, ଭଲ ପୋଷାକ, ମନ ପସନ୍ଦର ଖେଳଣା କିଣିବାରେ ଖର୍ଚ୍ଚ କରନ୍ତି ସେହି ବୟସରେ ଯଦି ଜଣେ ଶିଶୁ ନିଜ ସଞ୍ଚିତ ଅର୍ଥକୁ ଶୌଚାଳୟ ତିଆରି ବାବଦରେ ଖର୍ଚ୍ଚ କରେ ତେବେ ନିଶ୍ଚିତ ଏହି ପଦକ୍ଷେପକୁ ପ୍ରଶଂସା କରିବେ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜାମସେଦପୁରରେ। ହିଲ୍‌ଟପ୍ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୌଦ୍ରିତା ଚାଟାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛତା ଅଭିଯାନରେ ପ୍ରେରିତ ହୋଇ ଶୌଚାଳୟ ନିର୍ମାଣ ପାଇଁ ନିଜ ସଂଚିତ ଅର୍ଥ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଅର୍ଥରେ ଦୁଇଟି ଶୌଚାଳୟ ନିର୍ମାଣ କରିସାରିଲେଣି । ମୌଦ୍ରିତାଙ୍କ ଏହି ଉଦ୍ୟମକୁ ସମସ୍ତେ ପ୍ରଶଂସା କରିବା ସହ ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ମଧ୍ୟ ମୌଦ୍ରିତାଙ୍କୁ ସମ୍ମାନୀତ କରିଛନ୍ତି । ତାଙ୍କୁ ସାନିଟେସନ୍ ଚମ୍ପିଆନ୍ ଆଖ୍ୟା ପ୍ରଦାନ କରାଯାଇଛି । ମୌଦ୍ରିତା କହିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ମୁଁ ମୋର ସଂଚିତ ଅର୍ଥକୁ ସ୍ୱଚ୍ଛତା ଅଭିଯାନ ବାବଦରେ ଖର୍ଚ୍ଚ କରିବି ।

ପୁରାଣ କାହାଣୀ

ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା’ ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ। ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣା ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

ଆଜିର ଭାଗ୍ୟ

ମେଷ	ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।
ବୃଷ	ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।
ମିଥୁନ	ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।
କର୍କଟ	ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।
ସିଂହ	ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।
କନ୍ୟା	ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।
ତୁଳା	ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।
ବିଛା	ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।
ଧନୁ	ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।
ମକର	କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।
କୁମ୍ଭ	ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।
ମୀନ	ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ‘ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।

ପର୍ଯ୍ୟବେକ୍ଷକ
ମହାନଗର

ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ନିଶ୍ଚେତକ ଓ କ୍ରିଟିକାଲ କେୟାର

ପ୍ରତିବର୍ଷ ଅକ୍ଟୋବର ୧୬ରେ ବିଶ୍ୱବାସୀ ପାଳନ କରନ୍ତି ବିଶ୍ୱ ଆନେସ୍ଥେସିଆ ଦିବସ। ଅନେକଙ୍କ ଧାରଣା ଯେ ଏହା ଡାକ୍ତରମାନଙ୍କ ପାଇଁ ଏକ ଛୁଟିଦିନ। ପ୍ରକୃତରେ ଏହା ସମସ୍ତଙ୍କ ପାଇଁ। କାରଣ ଆନେସ୍ଥେସିଆ ଦ୍ୱାରା ପୀଡ଼ାରହିତ ସର୍ଜରୀ ଚିକିତ୍ସାର ଲାଭ ସବୁ ରୋଗୀ ପାଇଥାନ୍ତି। ଆମେରିକୀୟ ଦନ୍ତ ଚିକିତ୍ସକ ୱିଲିୟମ ଟି.ଜି.ମୋର୍ଟନ ୧୮୪୬ରେ ପ୍ରଥମେ ଇଥର ଆନେସ୍ଥେସିଆ ବ୍ୟବହାର କରିଥିଲେ। ତାଙ୍କ ସ୍ମୃତିରେ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇ ଆସୁଛି। ଇଥର ବ୍ୟବହାର ଦ୍ୱାରା ରୋଗୀ କିପରି କଷ୍ଟରହିତ ଦନ୍ତ ଚିକିତ୍ସା ପାଇପାରିବ ମୋର୍ଟନ ତାହା ପ୍ରଥମେ ପ୍ରମାଣ କରିଥିଲେ। ଇଥରର ଆନେସ୍ଥେଟିକ୍ ପ୍ରଭାବ ଆବିଷ୍କାର ପରବର୍ତ୍ତୀ ସମୟରେ କଷ୍ଟରହିତ ସର୍ଜରୀ ଚିକିତ୍ସା ବିକାଶ ଦିଗରେ ସହାୟକ ହୋଇଛି। ଆନେସ୍ଥେଟିଷ୍ଟମାନଙ୍କ ଦ୍ୱାରା ବିଶେଷ କରି ଏହି ଦିବସ ପାଳନ କରାଯାଏ। ଏ ଅବସରରେ ସେମାନେ ସମ୍ମେଳନ, ସେମିନାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରନ୍ତି। ଚିକିତ୍ସା କ୍ଷେତ୍ରରେ ଆନେସ୍ଥେସିଆର ଗୁରୁତ୍ୱ ବିଷୟରେ ଏହି ଦିନ ବିଶେଷ ଆଲୋଚନା କରାଯାଏ। ଆଜିର ସମୟରେ ଅନେକ ହୁଏତ ଜାଣିନଥାନ୍ତି ବିଶେଷକରି ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ନିଶ୍ଚେତକର ଭୂମିକା ଓ ସ୍ୱତନ୍ତ୍ର ଭାବେ ଆନାସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାରର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କ'ଣ? କାରଣ ନିଶ୍ଚେତକକୁ ସାଧାରଣରେ ଏକ ପ୍ରକାର ନିଶା ଭାବି ଏହି ବ୍ୟବସ୍ଥାର ଚିକିତ୍ସକଙ୍କୁ ସାଧାରଣ ଡାକ୍ତର ଭାବେ ବିଚାର କରିଥାନ୍ତି। କିନ୍ତୁ ବର୍ତ୍ତମାନ ସମୟର ଜଟିଳ ସ୍ୱାସ୍ଥ୍ୟ ପରିସ୍ଥିତି କ୍ଷେତ୍ର ଭିତରେ ନିଶ୍ଚେତକର ଭୂମିକା ଦିନକୁ ଦିନ ଗୁରୁତ୍ୱପୂର୍ଣ୍ଣ, ଅପରିହାର୍ଯ୍ୟ ଓ ଅତ୍ୟାବଶ୍ୟକ ଜୀବନ ନିର୍ବାହର କ୍ଷେତ୍ର ହେବାକୁ ଯାଉଛି। ୧୮୫୭ ମସିହାର କଥା। ଚିକିତ୍ସା ଜଗତରେ ବିଶେଷକରି ଶଲ୍ୟ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ସୂତ୍ରପାତ ହୋଇଥିଲା। ଜଣେ ଆମେରିକୀୟ ନିଶ୍ଚେତକ ଚିକିତ୍ସକ ଡବ୍ଲୁଟିଜି ମୋର୍ଟନ ଅତି ସାହସର ସହିତ ମାସାସୁଚେଟସ୍‌ର ଏକ ପ୍ରେକ୍ଷାଳୟରେ, ଜନସାଧାରଣଙ୍କ ସମ୍ମୁଖରେ ନିଶ୍ଚେତକର ଦ୍ରବ୍ୟଗୁଣ ଏବଂ ଇଥର ଉପରେ ତା'ର ପ୍ରତିକ୍ରିୟା ସମ୍ବନ୍ଧରେ ସବିଶେଷ ପ୍ରଦର୍ଶନ କରିଥିଲେ। ପରେ ଏହା ଶତାବ୍ଦୀର ଆଶ୍ଚର୍ଯ୍ୟ ଔଷଧ ଭାବେ ପରିଚିତ ହୋଇଥିଲା। ଔଷଧୀୟ ଜଗତର ଏହି ଆଶ୍ଚର୍ଯ୍ୟଜନକ ଏବଂ ଗୁରୁତ୍ୱପୂର୍ଣ୍ଣ ଉଦ୍ଭାବନ ପରେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଆଜି ନିଶ୍ଚେତକ ଚିକିତ୍ସକମାନେ ଅଜଣା ହୋଇ ରହିଛନ୍ତି। ଅକ୍ଟୋବର ମାସରେ ବିଶ୍ୱ ନିଶ୍ଚେତକ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଉପଲକ୍ଷେ ବିଶ୍ୱବ୍ୟାପୀ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟଶାଳା ଆୟୋଜନ କରାଯାଇଛି। ଜନସାଧାରଣଙ୍କୁ ସମ୍ବେଦନଶୀଳ, ମହତ୍ତ୍ୱପୂର୍ଣ୍ଣ ଔଷଧର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଅବଗତ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆଜି ସ୍ୱାସ୍ଥ୍ୟ ବିଜ୍ଞାନରେ ନିଶ୍ଚେତକ ତତ୍ତ୍ୱ ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ ବିଷୟ। ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ନିଶ୍ଚେତକ ବିଶେଷଜ୍ଞ ବିନା ଅସମ୍ଭବ। ଉଭୟ ଶଲ୍ୟ ଚିକିତ୍ସା ଓ ଚିକିତ୍ସକଙ୍କ ପ୍ରମୁଖ ସାଥୀ ଓ ସହଯୋଗୀ ହେଉଛନ୍ତି ନିଶ୍ଚେତକ ବିଶେଷଜ୍ଞ। ଯେ କୌଣସି ହସ୍ପିଟାଲର ଆଇସିୟୁ ସହିତ ଏମାନଙ୍କର ଅନ୍ତରଙ୍ଗ ସମ୍ପୃକ୍ତି। ସ୍ଥୁଳ ବିଶେଷରେ ନିଶ୍ଚେତକ ଡାକ୍ତରମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ନିଶ୍ଚେତକ ବିଶେଷଜ୍ଞ ରୋଗୀର ସୁଗମ ଅସ୍ତ୍ରୋପଚାର ପାଇଁ କ୍ଷେତ୍ର ପ୍ରସ୍ତୁତି କରିଥାନ୍ତି ଏବଂ ତାର କଷ୍ଟ ଲାଘବ ପାଇଁ ଅହରହ ପ୍ରସ୍ତୁତଥାନ୍ତି। ଏହି ଉଚ୍ଚ ପ୍ରଶିକ୍ଷଣପ୍ରାପ୍ତ ବ୍ୟକ୍ତିମାନେ ଅସଂଖ୍ୟ ରୋଗୀମାନଙ୍କ ଜୀବନ ରକ୍ଷା କରିଥାନ୍ତି। ଜୀବନ ଓ ମୃତ୍ୟୁ ମଧ୍ୟରେ ଥିବା ଅତି ସମ୍ବେଦନଶୀଳ ସୂକ୍ଷ୍ମ ରେଖାକୁ ନିଶ୍ଚେତକ ବିଶେଷଜ୍ଞ ପ୍ରହରୀ ସାଜି ଅହରହ ରୋଗୀଟିର କଷ୍ଟପ୍ରଦ ଯନ୍ତ୍ରଣାକୁ ଲାଘବ କରିବାର ପ୍ରଚେଷ୍ଟା ରଖିଥାନ୍ତି। ବିଶେଷକରି ଅସ୍ତ୍ରୋପଚାର ସମୟରେ ନିଶ୍ଚେତକ ବିଶେଷଜ୍ଞ ରୋଗୀ ସମସ୍ତ ଅଙ୍ଗର ସୁପରିଚାଳନା ପ୍ରତି ସତର୍କ ଦୃଷ୍ଟି ରଖିଥାନ୍ତି। ରୋଗୀ ହୃତ୍‌ପିଣ୍ଡ, ମସ୍ତିଷ୍କ, ନିଃଶ୍ୱାସ-ପ୍ରଶ୍ୱାସ, ବୃକ୍‌କ ଆଦି ଶରୀରର ପ୍ରତିଟି ଅଙ୍ଗର ଅବସ୍ଥାକୁ ମଧ୍ୟ ଅନୁଧ୍ୟାନ କରିଥାନ୍ତି। ଅସ୍ତ୍ରୋପଚାର ପୂର୍ବରୁ ରୋଗୀକୁ ସଂଜ୍ଞାହୀନ କରାଇବା, ରୋଗୀର କଷ୍ଟକୁ ଯଥାସମ୍ଭବ ସୀମିତ କରାଇବା ଏବଂ ଶଲ୍ୟ ଚିକିତ୍ସକମାନଙ୍କୁ ସହଜ ଓ ସାବଲୀଳ ପ୍ରକ୍ରିୟାରେ ଅସ୍ତ୍ରୋପଚାର କାର୍ଯ୍ୟରେ ସହାୟତା ପ୍ରଦାନ କରିବା ଇତ୍ୟାଦି ନିଶ୍ଚେତକ ବିଶେଷଜ୍ଞମାନଙ୍କ ମୁଖ୍ୟ ଭୂମିକା। କାଳକ୍ରମେ ଯାନ୍ତ୍ରିକ ସୁବିଧା ସୁଯୋଗର ଉନ୍ନତି ଏବଂ ଉଚିତ ଅନୁଧ୍ୟାନ କରିବାର ପର୍ଯ୍ୟାପ୍ତ ଆଧୁନିକ ସୁବିଧା ସୁଯୋଗର ଉପଲବ୍ଧ ହୋଇପାରିଛି। ଫଳତଃ ନିଶ୍ଚେତକ ବିଶେଷଜ୍ଞମାନେ ଅସ୍ତ୍ରୋପଚାର ସମୟରେ ରୋଗୀ ଜୀବନରକ୍ଷା ପ୍ରତି ଉଚିତ ଅନୁଧ୍ୟାନ କରିପାରିଛନ୍ତି। ଏବେ ନିଶ୍ଚେତକ ବିଶେଷଜ୍ଞଙ୍କ ଭୂମିକା ଅଧିକ ବ୍ୟାପ୍ତ ହୋଇଛି। କେବଳ ଅସ୍ତ୍ରୋପଚାର ଗୃହରେ ସୀମିତ ନ ରହି ଏମାନଙ୍କ କାର୍ଯ୍ୟଧାରା ଓପିଡ଼ି, ପେନ୍ କ୍ଲିନିକ ଏବଂ ଆଇସିୟୁ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଯାଇଛି। ବିଶ୍ୱସ୍ତରୀୟ ଚିକିତ୍ସା ବ୍ୟବସ୍ଥାରେ ନିଶ୍ଚେତକର ବ୍ୟବହାର ବିଶେଷ ଆଦୃତ ହେବା ସହ ଭିନ୍ନ ଭିନ୍ନ ଅପରେସନ ପାଇଁ ନିଶ୍ଚେତକର ପ୍ରୟୋଗ ପ୍ରଣାଳୀ ଓ ସମୟ ଅବଧି ଅଲଗା ରହିଥାଏ। ନିଶ୍ଚେତକ ଶିକ୍ଷା ଆଜିର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଅପରିହାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଯେକୌଣସି ଅପରେସନ ହେଉ ନା କାହିଁକି ନିଶ୍ଚେତକ ବିଶେଷଜ୍ଞଙ୍କ ବିନା ପରାମର୍ଶ ଓ ଡୋଜ୍ ବ୍ୟବହାର ଦ୍ୱାରା ରୋଗୀର ମୃତ୍ୟୁ ସୁନିଶ୍ଚିତ ହୋଇଥାଏ। ଏପରି କ୍ଷେତ୍ରରେ ନିଶ୍ଚେତକ ବିଶେଷଜ୍ଞଙ୍କ ଅଭିଜ୍ଞତା ଓ ଚିକିତ୍ସା ପ୍ରଣାଳୀ ସ୍ୱତନ୍ତ୍ର ଗୁରୁତ୍ୱବହନ କରେ। ଆଜି ସରକାରୀ ଓ ବେସରକାରୀ ଚିକିତ୍ସା ପ୍ରତିଷ୍ଠାନରେ ନିଶ୍ଚେତକ ଶିକ୍ଷା ସମ୍ବନ୍ଧୀୟ କୋର୍ସ ଗୁରୁତ୍ୱ ରଖିବାସହ ଅନେକ ଛାତ୍ରଛାତ୍ରୀ ନିଜ ସ୍ୱାସ୍ଥ୍ୟ ଚିକିତ୍ସକ କ୍ୟାରିୟରରେ ନିଶ୍ଚେତକ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ନିଶ୍ଚେତକ ସ୍ୱାସ୍ଥ୍ୟ ବିଜ୍ଞାନ ଆଜିର ସମୟରେ ଅନେକ ଗୁରୁତ୍ୱ ବହନ କରିବା ସହ ଏହାର କ୍ଷେତ୍ରଗତ ପ୍ରଣାଳୀ ଓ ବିଧି ବ୍ୟବସ୍ଥା ଅଧିକ ଶିକ୍ଷଣୀୟ ହେଉଛି।

ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର,
ସହକାରୀ ପ୍ରଫେସର, ଆନାସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, (ଇନ୍‌ଚାର୍ଜ-ସେଣ୍ଟ୍ରାଲ ଆଇସିୟୁ) ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୮୦୧୨୭୯୧୦

ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର

ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତା'ର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଯଥା – (୧) ଆଇନ ସମ୍ମତ – ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। (୨) ଆଇନ ଅସମ୍ମତ – ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ (ଧର୍ଷଣ, ହତ୍ୟା, ଡକାୟତି ଆଦି) ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ। **ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧାୟ:** ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। **ମୁଖ୍ୟ ଶାରୀରିକ ସମସ୍ୟା :** ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। **ମୁଖ୍ୟ ମାନସିକ ସମସ୍ୟା :** ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଛା ସତ୍ତ୍ୱେ ଛାଡ଼ି ନପାରିବା। **ଭାରତରେ ନିଶାଦ୍ରବ୍ୟର ବ୍ୟବହାର:** ଭାରତରେ ନିଶାଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏହା ସୂଚନାଯୋଗ୍ୟ ବର୍ତ୍ତମାନ ରିଲିଜ ହୋଇଥିବା ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧ କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, **ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

ଲାଲମାଟିର ଲୋମଟାଂକୁରା ଇତିହାସ

ଲୋମଟାଂକୁରା ଇତିହାସ ପୁଣି ଲେଉଟିଛି। ପାଇକ ବିଦ୍ରୋହର ଦୁଇ ଶହ ବର୍ଷ ପୂରଣ ଅବସରରେ ରୋମନ୍ଥିତ ହୋଇଛି ସେଇ ବୀରତ୍ୱ, ତ୍ୟାଗ ଓ ତିତିକ୍ଷାର କଥା ଓ ଗାଥା। ଏହି ଉତ୍ସବକୁ ଜାତୀୟସ୍ତରରେ ପାଳନ କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପି ଆମ ଓଡ଼ିଆ ଜାତି ପାଇଁ ଥିଲା ଗର୍ବର ବିଷୟ। ଗତ ବର୍ଷ(୨୦୧୭) ଜୁଲାଇ ୨୦ ତାରିଖରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଅନୁଷ୍ଠିତ ଏହି ସମାବେଶକୁ ଉଦଘାଟନ କରି ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଯେତେବେଳେ କହିଥିଲେ ଯେ, ପାଇକ ବିଦ୍ରୋହ ହେଉଚି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ସେତେବେଳେ ସମଗ୍ର ବିଜ୍ଞାନଭବନ କରତାଳି ଧ୍ୱନିରେ କମ୍ପି ଉଠିଥିଲା। ଏ ଲେଖକ ସେଇ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ଥିଲା। ମନେପଡୁଚି, ୨୦୦୮ ମସିହାରେ କେନ୍ଦ୍ର ସରକାର ଯେତେବେଳେ ସିପାହୀ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା କଲେ ଓଡ଼ିଶାର ବିଭିନ୍ନ ପାଇକ ସଂଗଠନ ଓ ରାଜ୍ୟ ସରକାର ତା'ର ଦୃଢ଼ ପ୍ରତିବାଦ କରିଥିଲେ, କାରଣ ୧୮୫୭ ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ହୋଇଥିଲା ପାଇକ ବିଦ୍ରୋହ। ସିପାହୀ ବିଦ୍ରୋହ ଦୁଇବର୍ଷ ମଧ୍ୟରେ ଦମନ ହୋଇଥିଲେ ହେଁ ପାଇକ ବିଦ୍ରୋହ ପ୍ରଶମିତ ହେବାକୁ ଲାଗିଥିଲା ଆଠବର୍ଷ। ଖ୍ରୀ ୧୭୫୭ରେ ଇଂରେଜମାନେ ବଙ୍ଗଳା ଦଖଲ କରିଥିଲେ ହେଁ ସେହି ବଙ୍ଗଳାର ବାରାକପୁରରୁ ଅର୍ଥାତ ଶହେ ବର୍ଷ ପରେ ସିପାହୀ ବିଦ୍ରୋହ ଆରମ୍ଭ ହୋଇଥିଲା। ଅଥଚ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଇଂରେଜମାନଙ୍କ ଆଗମନ ପରେ ୧୮୦୪ରେ ଖୋର୍ଦ୍ଧା ରାଜ ବିଦ୍ରୋହ, ୧୮୧୭ରେ ପାଇକ ବିଦ୍ରୋହ, ୧୮୨୭ରେ ତାପଙ୍ଗ ଯୁଦ୍ଧ ଏବଂ ୧୮୩୬ରେ ଫଂରୁଆ ଫତୁରୀ ମେଳି ବା ବାଣପୁର ମୁକ୍ତି ସଂଗ୍ରାମ ସଂଗଠିତ ହୋଇ ଦୀର୍ଘ ୩୨ ବର୍ଷ କାଳ ଓଡ଼ିଆମାନେ ଯେଉଁଭଳି ଇଂରେଜ ବିରୋଧି ସଂଗ୍ରାମ କରିଥିଲେ ତାହା ଓଡ଼ିଆମାନଙ୍କ ସ୍ୱାଧୀନଚେତା ମନୋଭାବର ପରିଚୟ ଦିଏ।

୧୮୧୭ ପାଇକ ବିଦ୍ରୋହକୁ ଇଂରେଜମାନେ ପାଇକ ବିଦ୍ରୋହ ଆଖ୍ୟା ଦେଇଥିଲେ ହେଁ ତାହାଥିଲା ବାସ୍ତବରେ ଓଡ଼ିଶାର ଗଣ ବିପ୍ଳବ। ବିଭିନ୍ନ କାରଣରୁ ପ୍ରତ୍ୟେକ ବର୍ଗର ଲୋକମାନଙ୍କର ଏହି ବିପ୍ଳବରେ ସମର୍ଥନ ଥିଲା। ଏହାର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ରାଜାଙ୍କ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର। ଏହି ମହାବିପ୍ଳବର ମହାନାୟକ ବକ୍ସି ଜଗବନ୍ଧୁଙ୍କ ମହାପ୍ରୟାଣ ହୋଇଥିଲା ୧୮୨୯ ମସିହା ଜାନୁଆରୀ ୨୪ ତାରିଖ। ଅର୍ଥାତ ଆଜକୁ ଠିକ୍ ୧୮୯ ବର୍ଷ ତଳେ ଏହି ମହାନ୍ ଯୋଦ୍ଧା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବକ୍ସି ନାମ ଉଚ୍ଚାରଣ ମାତ୍ରେ ପ୍ରତ୍ୟେକ ଓଡ଼ିଆର ଲୋମ ଟାଙ୍କୁରି ଉଠେ। ବ୍ରହ୍ମଗିରି ନିକଟବର୍ତ୍ତୀ ରୋଡ଼ଙ୍ଗ ଗଡ଼ ହେଉଛି ତାଙ୍କର ଜନ୍ମସ୍ଥାନ। ସେ ଖୋର୍ଦ୍ଧା ରାଜାଙ୍କର ବଂଶାନୁକ୍ରମିକ ସେନାପତି ପଦରେ ରହିଥିଲେ। ଘୁମୁସର, ଶେରଗଡ଼ ଓ ବଡ଼ମ୍ବା ରାଜ ପରିବାର ସହିତ ତାଂକ ପରିବାରର ବୈବାହିକ ସମ୍ପର୍କ ଥିଲା। ସେ ଖୋର୍ଦ୍ଧା ରାଜାଙ୍କ ବଂଶଗତ ବକ୍ସି ବା ସେନାପତି ଥିବାରୁ ତାଙ୍କର ମାନମର୍ଯ୍ୟାଦା ଯଥେଷ୍ଟ ଥିଲା। ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାର ପ୍ରତ୍ୟେକ ଅଂଚଳରେ ଜନସାଧାରଣ ତାଙ୍କ ବଂଶ ଓ ତାଙ୍କ ପ୍ରତି ସମ୍ମାନ ଦେଖାଉଥିଲେ। ଏହି କାରଣରୁ ସେ ଜାଗିରି ହରାଇ ସର୍ବସ୍ୱାନ୍ତ ହୋଇଯିବା ଅବସ୍ଥାରେ ବିଭିନ୍ନ ରାଜା, ଜମିଦାର ଓ ଜନସାଧାରଣଙ୍କ ଆର୍ଥିକ ସାହାଯ୍ୟ ଓ ସହାନୁଭୂତି ଲାଭ କରିଥିଲେ। ବିପଦକୁ ବରଣ କରି ମଧ୍ୟ ବହୁ ଦଳେଇ ଦଳବେହେରା ଜମିଦାର ରାଜା ତାଙ୍କୁ ବିଦ୍ରୋହରେ ସାହାଯ୍ୟ କରିଥିଲେ ଏବଂ ଦୁର୍ବଳ ଅବସ୍ଥାରେ ଆଶ୍ରୟ ଦାନ କରିଥିଲେ। ଇଂରେଜମାନଙ୍କ ଖୋର୍ଦ୍ଧା ଆଗମନ ପୂର୍ବରୁ ଖୋର୍ଦ୍ଧାର ରାଜା ନାବାଳକ ମୁକୁନ୍ଦଦେବ ଜୟୀ ରାଜଗୁରୁଙ୍କ ନିୟଂତ୍ରଣରେ ଥିଲେ। ରାଜଗୁରୁଙ୍କ ମଂତ୍ରଣାରେ ଦେୱାନ(ମଂତ୍ରୀ), ବକ୍ସି(ସେନାପତି)ଙ୍କ ସହ ରାଜାଂକ ସଂପର୍କକୁ ଦୂରେଇଦିଆଯାଇଥିଲା। କାରଣ ବକ୍ସି ଇଂରେଜମାନଂକ ଆଗମନକୁ ବିରୋଧ କରୁଥିଲେ। ଗଞ୍ଜାମ ପଟୁ ବାଲୁଗାଁ ଖୋର୍ଦ୍ଧା ଦେଇ କଟକ ଯିବାକୁ ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଚାହିଁଥିଲା। ଇଂରେଜ ସେନାପତି ମେଲ୍‌ଭିଲ ବକ୍ସି ଜଗବନ୍ଧୁଙ୍କୁ ପରମଗୁରୁଙ୍କ ହାତରେ ପତ୍ର ଦେଇ ଜଣାଇଥିଲେ। ତା'ର ଉତ୍ତରରେ ବକ୍ସି ବାଲୁଗାଁ ଖୋର୍ଦ୍ଧା ଦେଇ କଟକ ଦେଇ ଯିବାକୁ ମନା କରି ଦେଇଥିଲେ। ମଧୁସୂଦନ ବିପ୍ରଙ୍କ 'ଫିରିଙ୍ଗିକଳି ଭାରତ' ୮ମ ଅଧ୍ୟାୟ ପୃ ୧୮୬-୮୭ରେ ଏହା ନିମ୍ନମତେ ବର୍ଣ୍ଣିତ ହୋଇଛି: 'ବକ୍‌ସିଙ୍କ ଠାରୁ ଲେଖିଲେକ ପତ୍ର, ବାଣପୁର ସଲଖେ ଆମ୍ଭଙ୍କୁ ଦିଅ ପଥ। ପତ୍ରଘେନି ଦେଶାଭର ବହନ ଚଳିଲା, ବାଣପୁର ଦ୍ୱାରେ ପ୍ରବେଶ ହୋଇଲା। ଦ୍ୱାରିଙ୍କି ବୋଇଲାରେ ଲେଖିଛି ସାହେବ, ଜଗବନ୍ଧୁ ବିଧ୍ୟାଧରଙ୍କୁ ଏ ପତ୍ର ଦେବ। ସେ ଚିଟି ଆଣି ଦ୍ୱାରୀ ବକ୍‌ସୀଙ୍କୁ ଦେଲା, ସାହେବଙ୍କ ପତ୍ର ବୋଲି ଆଗରେ କହିଲା। ଶୁଣିଣ ବକ୍‌ସୀ ବୋଲନ୍ତିରେ ବାଇ, ଏ ବାଟେ ଯିବାକୁ ନୃପତି ଆଜ୍ଞା ନାହିଁ। ସେ ସଳଖେ ମୁହିଁ କେମନ୍ତେ ଦେବି ବାଟ, ମହା ବଳୀଆର ଯେ ରାଜନ ମୁକୁଟ। ଏତେ ବୋଲି ଚିଟାଉ ଲେଖିଲେ ବକ୍‌ସି, ଲଘୁମ ପରମଗୁରୁଙ୍କୁ ଦେଲେ ପେଶି। ଚିଟି ଘେନିଣ ଯେ ପରମଗୁରୁ ଗଲା, ମିଳି ମିଳି ସାହେବର ହାତରେ ଲେଖାଦେଲା। ଘ ଘ ଘ ମିଳି ମିଳି ସାହେବ ପଚ୍ଚରେ ଗୁରୁଙ୍କୁ, ନୃପତିର ତେଜ ଲାଗେ କେତେକ ଦୂରକୁ। ଘଘଘ ପରମଗୁରୁ କହେ ଏହା କାହିଁକି ପଚ୍ଚର, ଯେତେଦୂର ଜଗନ୍ନାଥ ମହିମା ବିକାଶଇ, ତେତେଦୂର ନୃପତିର ତେଜ ପ୍ରକାଶଇ। ଘଘଘ ଶୁଣିଣ ଫିରିଙ୍ଗି ବଡ଼ ଆନନ୍ଦ ହୋଇଲା, ରାଜାର ବ୍ରାହ୍ମଣ ବୋଲି ଶାଲ ଧୋତିଦେଲା। ଅନେକ ପ୍ରକାରେ ବହୁକଳା ପଉରୁଷ, ନୃପତିଙ୍କ ଛାମୁଙ୍କୁ ଲେଖିଲା ଉଦ୍ଦେଶ୍ୟ। ଦେଖା ଦରଶନୀ ଧନ ଅନେକ ସେ ଦେଲା, ଦୁଇ ଜଣଙ୍କୁ ଡାକି ଛାମୁକୁ ପେଶିଲା।

ବକ୍ସି ଜଗବନ୍ଧୁ ବିଦ୍ରୋହ କରିବା ସମୟରେ ଯୌବନାବସ୍ଥା ଅତିକ୍ରମ କରିସାରିଥିଲେ ମଧ୍ୟ ବାର୍ଦ୍ଧକ୍ୟ ଅବସ୍ଥାରେ ପହଂଚିନଥିଲେ। ବାଲ୍ୟାବସ୍ଥାରୁ କୁସ୍ତି କସରତ କରୁଥିବାରୁ ତାଂକର ସ୍ୱାସ୍ଥ୍ୟ ଭଲ ଥିଲା। ଜନଶ୍ରୁତି କହେ, ସେ ଜଣେ ସୁନ୍ଦର ବଳିଷ୍ଠ ପୁରୁଷ ଥିଲେ। ଖୋର୍ଦ୍ଧାର ଏକ ପ୍ରାଚୀନ ମନ୍ଦିରରେ ଥିବା ୧୦ଘ୫ଘ୨.୫ ଫୁଟର ଏକ ବିଶାଳ ପଥରକୁ ଏକାକୀ ତଳୁ ଉପରକୁ ଉଠାଇ ପାରୁଥିଲେ। ନାଚୁଣୀ ହରିପୁର ଠାରେ ତାଙ୍କର ଜାଗିରୀ ଜମିଥିଲା। ସେ ମଧ୍ୟ ସେଠାରେ ଅବସ୍ଥାନ ସମୟରେ ଦାଣ୍ଡ ଦ୍ୱାରରୁ ଗୋଲାକାର କଳାମୁଗୁନି ପଥରକୁ ଗୋଡ଼ରେ ଗଡ଼ାଇ ଗଡ଼ାଇ ପୋଖରୀତୁଠ ପର୍ଯ୍ୟନ୍ତ ଯାଉଥିଲେ ଏବଂ ଗାଧୋଇ ସାରି ସେହି ପଥରକୁ ଗୋଡ଼ରେ ଗଡ଼ାଇ ଗଡ଼ାଇ ଆଣୁଥିଲେ। ସେ ସର୍ବଦା ଘୋଡ଼ା ସବାରରେ ଦୂରସ୍ଥାନକୁ ଯାତାୟାତ କରୁଥିବା ଲୋକମୁଖରେ ଶୁଣାଯାଏ। ବକ୍ସି ଜଗବନ୍ଧୁ ରାଜାଙ୍କ ସେନାପତି ଥିବାରୁ ପୁରୁଷାନୁକ୍ରମେ ବକ୍ସିବାଡ଼ ମଧ୍ୟରେ ଥିବା ୨୪ଟି ଗ୍ରାମକୁ ନେଇ ରୋଡ଼ଙ୍ଗ ପ୍ରଗଣାର ଅଧିକାରୀ ଥିଲେ। ଏହା ବ୍ୟତୀତ ତାଙ୍କ ପିତାମହ ବାସୁଦେବ ଭ୍ରମରବର ରାୟ ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କ ଠାରୁ ୨୦୦ ବାଟି ଜମି ଦାନପତ୍ରରେ ପାଇଥିଲେ। ଦିବ୍ୟସିଂହ ଚମ୍ପି ତାଙ୍କର ପୁସ୍ତକ "ବକ୍ସି ଜଗବନ୍ଧୁ ବଂଶର ନୂତନ ଇତିହାସ" ପୁସ୍ତକରେ ୧୧, ୧୨ ଓ ୧୩ ପୃଷ୍ଠାରେ ଏହା ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଚବିଶକୁଦ ପ୍ରଗଣାର କାଙ୍କୋଡ଼, ଗୁଡ଼ାଦାର, ସାହାଲଘର, ଗୋଲରା ଓ କୁଆପଦାରୁ ୧୦୯ ବାଟି ୯ ମାଣ, ରାହାଙ୍ଗ ପ୍ରଗଣାର କୋଇଲିପୁର, ବୁଧଡଙ୍ଗା, ଉଗ୍ରମାଳ, କମାଶାସନ ଓ ମହାପଦାରେ ୨୭ବାଟି ୧୫ମାଣ ଏବଂ ସିରାଇ ପ୍ରଗଣା ଶିବ ସାଗର ଓ ଚନ୍ଦପଡ଼ାରେ ୩୦ବାଟି ଏବଂ ଅବଶିଷ୍ଟ ୩୨ ବାଟି ୧୬ମାଣ ଜମି ନାଚୁଣୀ ନିକଟସ୍ଥ ହରିପୁର, ବାଲିଆ, ପରବଳ, ବଉଳାବନ୍ଧ ଓ ନଇରୀ ଗ୍ରାମରେ ଥିଲା। ବିଶାଳ ଐଶ୍ୱର୍ଯ୍ୟର ଅଧିକାରୀ ଓ ଅଚଳାଚଳ ସମ୍ପିର ମାଲିକ ବକ୍ସି ଜଗବନ୍ଧୁ କୁଚକ୍ରୀ କୃଷ୍ଣଚନ୍ଦ୍ର ସିଂହଙ୍କ ଚକ୍ରାନ୍ତ ଯୋଗୁଁ ସର୍ବସ୍ୱାନ୍ତ ହେଲେ। କୃଷ୍ଣଚନ୍ଦ୍ରଙ୍କ ଭାଇ ଗୌରହରି ସିଂହ ତହସିଲଦାର ଥିଲେ। କୃଷ୍ଣଚନ୍ଦ୍ରଙ୍କ କୁପରାମର୍ଶରେ ଗୌରହରି ସିଂହ ଯିଏ ଯାହା ଖଜଣା ଦେଲା, 'ରାହଙ୍ଗ ଓଗେର' ଅସୁଲ ଲେଖୁଥିଲେ। ବକ୍ସି ରୋଡ଼ଙ୍ଗ ପାଇଁ ଦେଇଥିବା ଖଜଣା 'ରାହଙ୍ଗ ଓଗେର'ରେ ଚାଲିଗଲା। କୃଷ୍ଣଚନ୍ଦ୍ର ସିଂହ ରାହଙ୍ଗ ଓଗେର କିଣିନେବା ଯୋଗୁଁ ବକ୍ସିଙ୍କ ରୋଡ଼ଙ୍ଗ ସେଥିରେ ଚାଲିଗଲା। ବକ୍ସି କମିଶନରଙ୍କ ନିକଟରେ ଆପତ୍ତି ଦରଖାସ୍ତ କଲେ। ଏଣେ ବକ୍ସିଙ୍କ ଦାଦାପୁଅ ଭାଇ ଗଦାଧର ଜାଗିରି ଜମି ପାଇଁ ବିବାଦ କଲେ। ଏଣୁ ମାଲିମୋକଦ୍ଦମା ଲାଗିରହିଲା। ସେ ୧୮୦୫ରୁ ୧୮୧୬ ପର୍ଯ୍ୟନ୍ତ କୋର୍ଟ କଚେରୀକୁ ଦୌଡ଼ି ଦୌଡ଼ି ସର୍ବସ୍ୱାନ୍ତ ହେଲେ। ଇଂରେଜ ସରକାରଙ୍କ ଉପରୁ ତାଙ୍କର ଆସ୍ଥା ତୁଟିଗଲା। ତାଙ୍କ ହୃଦୟରେ ଇଂରେଜ ବିରୋଧରେ ବିଦ୍ରୋହାଗ୍ନି ଜଳି ଉଠିଲା। ସେ ହେଲେ ଅସହଯୋଗୀ ଜଗବନ୍ଧୁ।

ଇଂରେଜ ଶାସନରେ ମେଜର ଫ୍ଲେଚର ଖୋର୍ଦ୍ଧାର ଶାସକ ଥିଲେ। ସେ ଖୋର୍ଦ୍ଧାରେ ପ୍ରଥମେ ସରକାରୀ କଚେରୀ ନିର୍ମାଣ କଲେ। ପାଇକମାନେ ଆବାହମାନ କାଳରୁ ଯେଉଁ ନିଷ୍କର ଜାଗିରି ଭୋଗ କରି ଆସୁଥିଲେ, ଫ୍ଲେଚର ସେ ସମସ୍ତ ଜାଗିରି ପାଇକମାନଙ୍କ ଠାରୁ ଛଡ଼ାଇ ନେଇ ସରକାରଙ୍କ ଖାସମହାଲ ମଧ୍ୟରେ ରଖିଲେ ଏବଂ ସେହି ଜମି ଉପରେ ଜମାଧାର୍ଯ୍ୟ କଲେ। ରାଜସ୍ୱ ଆଦାୟ ନିମନ୍ତେ ଯେଉଁ ସରବରାକାରମାନେ ନିଯୁକ୍ତ ରହିଲେ ସେମାନେ କଠୋର ଭାବରେ କର ଆଦାୟ କରି ପାଇକମାନଙ୍କ ଉପରେ ଅତ୍ୟାଚାର କଲେ। ସେତେବେଳେ ବଙ୍ଗାଳୀମାନେ ସରକାରଙ୍କ ପ୍ରଧାନ କର୍ମଚାରୀ ଥାଇ ନିଜ ସ୍ୱାର୍ଥ ସାଧନ ପାଇଁ କଦର୍ଯ୍ୟ ଆଚରଣ କରୁଥିଲେ, ତାହା ପାଇକମାନଙ୍କୁ ବିଶେଷ ଉତ୍ତେଜିତ କରୁଥିଲା। ୧୮୦୫ ରୁ ୧୮୧୬ ମଧ୍ୟରେ ଇଂରେଜମାନେ ଛ'ଥର ବନ୍ଦୋବସ୍ତ କରି ଛ' ଗୁଣା କର ବୃଦ୍ଧି କରିଥିଲେ ଯାହା ଲୋକମାନଙ୍କୁ ଅସନ୍ତୁଷ୍ଟ କରିଥିଲା। ପୁନଶ୍ଚ କଉଡ଼ି ପରିବର୍ତ୍ତେ ଟଙ୍କା ଅସୁଲ ଏବଂ ଲୁଣ ମାରିବା ଉପରେ ନିଷେଧ ଆଦେଶ ମଲାଙ୍ଗିମାନଙ୍କୁ ବାଧିଥିଲା। ସୂର୍ଯ୍ୟାସ୍ତ ଆଇନ ଯୋଗୁଁ ଓଡ଼ିଆ ଜମିଦାରମାନେ ରାଜ୍ୟ ହରାଇଲେ ଓ ସେମାନଙ୍କ ସ୍ଥାନ ବଙ୍ଗାଳୀ ଜମିଦାରମାନେ ମାଡ଼ିବସିଲେ। ଏ ସମସ୍ତ କାରଣରୁ ଲୋକମାନଙ୍କ ଅସନ୍ତୋଷ ସାଙ୍ଗକୁ ବକ୍ସି ଜଗବନ୍ଧୁଙ୍କ ଅସନ୍ତୋଷ ପାଇକ ବିଦ୍ରୋହର ବହ୍ନିକୁ ପ୍ରଜ୍ୱଳିତ କରିଥିଲା। ବକ୍ସି ଜଗବନ୍ଧୁ ତାଙ୍କ ପୈତୃକ ଜମିଦାରୀ ରୋଡ଼ଙ୍ଗ ପ୍ରଗଣା ଚଂଚକତା ଯୋଗୁଁ ହରାଇଥିଲେ। ଏହି ଚଂଚକତା ଧରାପଡ଼ିଲେ ବି ସରକାର ଆଉ ପ୍ରଗଣା ଫେରାଇନଥିଲେ। ଏଣେ କୃଷ୍ଣଚନ୍ଦ୍ର ସିଂହ 'ରାହଙ୍ଗ ଓଗେର ରୋଡ଼ଙ୍ଗ'କୁ ଖର୍ଦ୍ଦିକରି ବକ୍ସି ଜଗବନ୍ଧୁଙ୍କର ସମସ୍ତ ସମ୍ପି ଅଧିକାର କଲେ। ଗଡ଼ ରୋଡ଼ଙ୍ଗ ହରଚଣ୍ଡୀପୁର ଓ ଚଣ୍ଡୀପୁଟରେ ଥିବା ବକ୍ସି ଜଗବନ୍ଧୁଙ୍କର ଚାଷଜମିକୁ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ବୁଝାସୁଝା କରୁଥିଲେ। ବକ୍ସି ଜଗବନ୍ଧୁଙ୍କ ଦୁର୍ଦ୍ଦିନର ସୁଯୋଗ ନେଇ ଜଗବନ୍ଧୁ ପଟ୍ଟନାୟକ ଉପରୋକ୍ତ ଗ୍ରାମର ଚାଷଜମିକୁ କୃଷ୍ଣଚନ୍ଦ୍ର ସିଂହଙ୍କ ଠାରୁ ନିଜ ନାମରେ କବଲା କରି ଚାଷ କଲେ। ଏହାର ମର୍ମ ହେଲା ବକ୍ସି ଜଗବନ୍ଧୁଙ୍କର ଶେଷ ସମ୍ବଳ ନିଜ ଚାଷ ଜମିକୁ ତାଙ୍କ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ଅମାନୁଷିକ ବିଶ୍ୱାସଘାତକତା କରି ଆତ୍ମସାତ କଲେ। ପୈତୃକ ରୋଡ଼ଙ୍ଗ କିଲ୍ଲା, ଜାଗିରିଜମି ଓ ନିଜ ଚାଷ ଜମିକୁ ହରାଇ ବକ୍ସି ଜଗବନ୍ଧୁ ଦାଣ୍ଡର ଭିକାରୀ ହୋଇଗଲେ। ଜୀବନଧାରଣ ପାଇଁ ନିକଟ ଅଂଚଳର ସରବରାକାରଙ୍କ ଦୟା ଉପରେ ନିର୍ଭର କରିବାକୁ ପଡୁଥିଲା। ସହିବାର ସମସ୍ତ ସୀମା ଟପିଗଲା ପରେ ଇଂରେଜ ବିରୋଧରେ ବିଦ୍ରୋହ ପାଇଁ ମନସ୍ଥିର କଲେ। ଇଂରେଜ ଶାସନର ଅବସାନ ଘଟାଇ ପୁନର୍ବାର ରାଜାଙ୍କୁ ଖୋର୍ଦ୍ଧା ସିଂହାସନରେ ଅଧିଷ୍ଠିତ କରାଇବା ଯୋଜନା କରି ଜଗବନ୍ଧୁ ରାଜ୍ୟର ମୁଖ୍ୟବ୍ୟକ୍ତିମାନଙ୍କୁ ତାଳପତ୍ରରେ ଲିଖିତ ନିମନ୍ତ୍ରଣ ପତ୍ର ପଠାଇଲେ। ଏହାର ପ୍ରଭାବ କୁଜଙ୍ଗ, କନିକା ଭଳି ରାଜନ୍ୟମଣ୍ଡଳୀକୁ ସଶସ୍ତ୍ର ବିଦ୍ରୋହରେ ପ୍ରଭାବିତ କରିଥିବା ବେଳେ ଅନ୍ୟ ପଡ଼ୋଶୀ ଗଡ଼ଜାତ ରାଜାମାନଙ୍କର ନୈତିକ ସମର୍ଥନ ମିଳିଥିଲା।

ଡ. ସୁରେନ୍ଦ୍ରନାଥ ପାଣିଗ୍ରାହୀଙ୍କ 'ଗଂଜାମ: ଐତିହ୍ୟ ଓ ପରମ୍ପରାର ପୁଣ୍ୟଭୂମି' ପୁସ୍ତକର ୧୬୭ ଓ ୨୩୦ ପୃଷ୍ଠାରେ ଦିଆଯାଇଥିବା ତଥ୍ୟରୁ ଜଣାପଡ଼େ ଯେ, ୧୮୦୦ ମସିହାରେ ଶେରଗଡ଼, ମହୁରୀ, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି ଓ ଘୁମୁସର ରାଜାଂକର ମିଳିତ ସୈନ୍ୟ ସହ ଇଂରେଜମାନଂକର ଯୁଦ୍ଧ ହୋଇଥିଲା। ଏଥିରେ ବକ୍ସିଙ୍କ ଶ୍ୟାଳକ ଅଦୈତ୍ୟପ୍ରସାଦ ସିଂହଦେଓ ମୃତ୍ୟୁବରଣ କରିଥିଲେ। ସେ ହେଲେ ପ୍ରଥମ ଓଡ଼ିଆ ଶହୀଦ। ବକ୍ସିଙ୍କ ଶ୍ୱଶୁର ଘର ଥିଲା ଶେରଗଡ, ଶେରଗଡ଼ ରାଜା ହରିକୃଷ୍ଣ ସିଂହଦେଓଙ୍କ କନ୍ୟାଂକୁ ସେ ବିବାହ କରିଥିଲେ। ବକ୍ସି ଉଭୟ ଶ୍ୱଶୁର ଘର ଶେରଗଡ଼ ଓ ମଳାଶୁର ଘୁମୁସର ରାଜାଂକ ସହ ବରାବର ସଂପର୍କ ରଖି ପାଇକ ବିଦ୍ରୋହ ପାଇଁ ସୈନ୍ୟଯୋଗାଡ଼ କରିବାରେ କ୍ଷମ ହୋଇଥିଲେ। ବକ୍ସିଂକୁ ସାହାଯ୍ୟ କରିବା ପାଇଁ ଘୁମୁସର ରାଜା ଶ୍ରୀକର ଭଂଜଙ୍କ ନିର୍ଦ୍ଦେଶରେ ୪୦୦ ସରିକି କନ୍ଧପାଇକ ବାଣପୁର ଆସି ବକ୍ସିଂକୁ ବିଦ୍ରୋହରେ ସହଯୋଗ ଦେଇଥିଲେ। ଘୁମୁସର ଅଂଚଳରୁ କନ୍ଧପାଇକମାନେ ଖୋର୍ଦ୍ଧା ଆସିବା ପାଇଁ ବକ୍ସି ପୂର୍ବରୁ ସାଂଗଠନିକ କାର୍ଯ୍ୟର ପ୍ରସ୍ତୁତି କରିଥିଲେ ଏବଂ ବାଣପୁରରେ ସେମାନଂକୁ ଅପେକ୍ଷା କରି ରହିଥିଲେ।

୧୮୧୭ ଜାନୁଆରୀ ଶେଷ ଓ ଫେବ୍ରୁୟାରୀ ଆରମ୍ଭକୁ ବକ୍ସି ଜଗବନ୍ଧୁ ଯେତେବେଳେ ବିଦ୍ରୋହ ପାଇଁ ମତାଇବାରେ ବ୍ୟସ୍ତ ଥାଆନ୍ତି ସେତେବେଳେ ମରହଟ୍ଟାମାନେ ଇଂରେଜ ଅଧିକୃତ ଓଡ଼ିଶାକୁ ଆକ୍ରମଣ କରିବାକୁ ଆସୁଥିବା ନେଇ ଗୁଜବ ପ୍ରଚାରିତ ହେଲା। ଖୋର୍ଦ୍ଧାର ଜଣାଶୁଣା ସର୍ବରାକାର ଚରଣ ପଟ୍ଟନାୟକ ପୂର୍ବରାଗର ପ୍ରତିଶୋଧ ପାଇଁ ମରହଟ୍ଟାଙ୍କ ସହିତ ଜଗବନ୍ଧୁଙ୍କର ସମ୍ପର୍କ ଥିବା ମିଥ୍ୟା ଅଭିଯୋଗ ଖୋର୍ଦ୍ଧା ପୁଲିସ ଦାରୋଗାଙ୍କୁ ଜଣାଇଲେ। ଏଣେ ବକ୍ସିଙ୍କ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ବକ୍ସିଙ୍କ ଚାଷଜମି ହଡ଼ପ କରିଥିବାରୁ ତାଙ୍କୁ ବକ୍ସିଙ୍କ ସମର୍ଥକମାନେ ହତ୍ୟା କରିଥିଲେ। ଏଣେ ବିଦ୍ରୋହକୁ ଶୀଘ୍ର କାର୍ଯ୍ୟକରିବା ମୁହୂର୍ତ୍ତକୁ ବକ୍ସି ଅପେକ୍ଷା କରି ରହିଲେ। ବକ୍ସି ଜଗବନ୍ଧୁ ଓ ତାଙ୍କ ସହଯୋଗୀ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ କିଛି ଅନୁଚରଙ୍କୁ ନେଇ ବାଣପୁରରେ ଜନ ସମର୍ଥନ ଲୋଡୁଥିବା ବେଳେ ଘୁମୁସର ଅଂଚଳରୁ ଚାରି ଶହ କନ୍ଧ ବାଣପୁରରେ ଲୁଟ୍‌ପାଟ ଆରମ୍ଭ କରିଥିଲେ। ଇଂରେଜମାନେ ଘୁମୁସର ରାଜା ଶ୍ରୀକର ଭଂଜଙ୍କ ବିରୋଧରେ କାର୍ଯ୍ୟ କରୁଥିବାରୁ ପ୍ରତିହିଂସାପରାୟଣ ହୋଇ ଇଂରେଜ ଶାସିତ ବାଣପୁରକୁ ଲୁଟ୍ କରିବାକୁ ଆସିଥିଲେ। ବକ୍ସି ଜଗବନ୍ଧୁ ବିପ୍ଳବୀ କନ୍ଧମାନଙ୍କ ସାହାଯ୍ୟରେ ବାଣପୁର ଥାନା ଓ ସରକାରୀ କୋଠାଘର ପୋଡ଼ି ଧ୍ୱଂସ କଲେ। ସରକାର ଖଜଣାଖାନା ଲୁଟ୍ କରି ପ୍ରାୟ ପନ୍ଦର ହଜାର ଟଙ୍କା ନେଇଗଲେ। ଚିଲିକା କୂଳ ଲୁଣ ଏଜେଂଟ୍ ବେଚର ସାହେବ୍ ବିଦ୍ରୋହୀମାନେ ଯିବାରୁ ଲୁଚି ପଳାଇଲେ। ଏହାପରେ ବିଦ୍ରୋହୀମାନେ ବାଣପୁରରୁ ଖୋର୍ଦ୍ଧା ଯାଇ ସରକାରୀ କୋଠାବାଡ଼ି ଧ୍ୱଂସ କରିବା ସହିତ ସରକାରୀ ଖଜଣାଖାନା ଲୁଟ୍ କରିଥିଲେ। ଅତ୍ୟାଚାରୀ ପୁଲିସ ଦାରୋଗା ମିର୍ଜା ମେହେଦି ଥାନା ଛାଡ଼ି ପଳାୟନ କଲା ଏବଂ ବିଦ୍ରୋହୀମାନେ ଥାନା ପୋଡ଼ିଦେଲେ। ଏହାପରେ ବକ୍ସିଙ୍କ ନିର୍ଦ୍ଦେଶରେ ବିଦ୍ରୋହୀମାନେ ପାଂଚଗଡ଼ ଯାଇ ସଁପୁର ଠାରେ ଥିବା ସମ୍ବଲପୁର ରାଣୀ ମୁକ୍ତାଦେଇଙ୍କ ଦେୱାନ ସଦାଶିବ ବହିଦାରକୁ ହତ୍ୟା କରିଥିଲେ। ତା'ପର ଦିନ ଅର୍ଥାତ ଏପ୍ରିଲ ୨ ତାରିଖ ଦିନ ବିଦ୍ରୋହୀମାନଙ୍କ ସହ ଇଂରେଜମାନଙ୍କ ଖଣ୍ଡଯୁଦ୍ଧ ହୋଇଥିଲା। ଲେଫ୍ଟନାଂଟ୍ ଫେରିସ୍ ଓ ଲେଫ୍ଟନାଂଟ୍ ପ୍ରାଇଡ୍‌ଙ୍କ ମିଳିତ ସୈନ୍ୟ ବିଦ୍ରୋହୀଙ୍କ ଠାରୁ ପରାସ୍ତ ହେଲେ। ଏହି ଯୁଦ୍ଧରେ ଲେଫ୍ଟନାଂଟ୍ ଫେରିସ ଓ ଜଣେ ଅଣ ଇଂରେଜ ସୁବେଦାର ନିହତ ହେଲେ। ବିଦ୍ରୋହୀଙ୍କ ସଂଖ୍ୟା ତିନି ହଜାରରୁ ଉର୍ଦ୍ଧ୍ୱ ହୋଇଥିବାରୁ ଇମ୍ପେ ଓ ଲେଫ୍ଟନାଂଟ ଟ୍ରାବିଶଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟଦଳ ବାଳକାଟି ରାସ୍ତାଦେଇ କଟକ ଫେରିଗଲେ। ସେମାନେ ମାର୍ଚ୍ଚ ୪ ତାରିଖ ଦିନ କଟକରେ ପହଁଚି ସରକାରଙ୍କୁ ଜଣାଇଲେ: 'ଏତିକି ମାତ୍ର ଗଭର୍ଣ୍ଣରକୁ ଜଣାଉଛି ଯେ ମୋର ପଶ୍ଚାତପଦ ବାଧବାଧକତା ଯୋଗୁଁ ସଂଘଟିତ ହେଲା। ସମଗ୍ର ଖୋର୍ଦ୍ଧା ରାଜ୍ୟରେ ମେଳି ଅବସ୍ଥା ରହିଛି।' ଏହାପରେ କୁଦିଆରୀ ଗ୍ରାମର ସରବରାକାର ଚରଣ ପଟ୍ଟନାୟକ ଯେକି ଇଂରେଜଙ୍କୁ ସାହାଯ୍ୟ କରୁଥିଲେ ତାଙ୍କୁ ବିଦ୍ରୋହୀମାନେ ହତ୍ୟା କଲେ। ଏହି ହତ୍ୟା ଅଭିଯୋଗରେ ପରେ ପର୍ଶୁରାମ ରାଉତରାୟଙ୍କୁ ଫାଶୀ ଦିଆଯାଇଥିଲା। ଏହି ବିଦ୍ରୋହ ଖୋର୍ଦ୍ଧା, ବାଣପୁର, ବୋଲଗଡ଼, ଗୋପ, ନିମାପଡ଼ା, ପୁରୀ, ପିପିଲି, ଡେଲାଙ୍ଗ, ଚନ୍ଦକା, କନିକା, କୁଜଙ୍ଗ, ହରିଶପୁର, ଗୋଲରା, ରୂପାସ, ବଳରାମପୁର, ବୁଢ଼ାକେରା, ମରିଚପୁର, ତିରଣ, ପଟ୍ଟାମୁଣ୍ଡାଇ ଆଦି ବହୁ ଅଂଚଳକୁ ବ୍ୟାପୀଯାଇଥିଲା। ୧୮୧୭ ମାର୍ଚ୍ଚ ୨୯ ରୁ ବାଣପୁରରୁ ବିଦ୍ରୋହ ଆରମ୍ଭ ହୋଇ ୧୮୧୮ ଶେଷ ପର୍ଯ୍ୟନ୍ତ ଲାଗି ରହିଥିଲା। ବିଦ୍ରୋହୀମାନେ ଘୁମୁସର, ଶେରଗଡ଼, ବୌଦ, ସମ୍ବଲପୁର, ଅନଗୁଳ, ଢ଼େଙ୍କାନାଳ, ରଣପୁର, ନୟାଗଡ଼, ଦଶପଲ୍ଲା ଆଦି ଅଂଚଳରେ ଆତ୍ମଗୋପନ କରି ଇଂରେଜ ସରକାରଙ୍କୁ ବିବ୍ରତ କରି ରଖୁଥିଲେ। ବକ୍ସିଙ୍କ ସହଯୋଗୀ ଦେୱାନ କୃଷ୍ଣଚନ୍ଦ୍ର, ପିଣ୍ଡିକ ବାହୁବଳେନ୍ଦ୍ର, ଦୀନବନ୍ଧୁ ସାମନ୍ତରାୟ, ଜଗବନ୍ଧୁ ସାମନ୍ତରା, ମୀର ହାଇଦର ଅଲ୍ଲୀ, ଲୋକନାଥ ବଳିଆରସିଂହ, କରୁଣାକର ପରମଗୁରୁ, ଶ୍ରୀହରି ମାନସିଂହ, ପଦ୍ମନାଭ ଛୋଟରାୟ, ଦାମ ସୁବୁଦ୍ଧି ପ୍ରମୁଖ ବିଦ୍ରୋହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। କ୍ଷମା ସର୍ତ୍ତବଳରେ ବହୁ ବିଦ୍ରୋହୀ ଆତ୍ମସମର୍ପଣ କରିଥିଲେ ମଧ୍ୟ ବକ୍ସି କିମ୍ବା ଦେବାନ ୧୮୨୫ ପର୍ଯ୍ୟନ୍ତ ଧରାପଡ଼ିନଥିଲେ। ସେହି ଦୁର୍ଦ୍ଦିନରେ ଭୋଗିଥିବା ଦୁର୍ଦ୍ଦଶା ସମ୍ବନ୍ଧରେ 'ଅଠରଶ ସତର' ଉପନ୍ୟାସରେ ଗୋଦାବରୀଶ ମିଶ୍ର ଲେଖିଛନ୍ତି ଯେ, "ଏପରି ଗଛମୂଳ ନଥିଲା, ଯେଉଁଠି ବକ୍ସି ଦୁଇରାତି ଶୋଇଥିଲେ, ଏପରି ପୋଖରୀ ନଥିଲା ଯେଉଁଠି ସେ ଦୁଇଥର ପାଣି ପିଇଥିଲେ ଏବଂ ଏପରି ଘରନଥିଲା, ଯେଉଁଠି ସେ ଦୁଇଥର ଭୋଜନ କରିଥିଲେ। ବକ୍ସି ଶ୍ୱାପଦସଂକୁଳ ବଣପାହାଡ଼ରେ ଲୁଚିବୁଲି ମଣିଷରୁ ଏକପ୍ରକାର ବଣମଣିଷ ଜୀବନ ଜିଇଁଥିଲେ।"

ପାଇକ ବିଦ୍ରୋହର ଭୟାବହତାକୁ ଉପଲବ୍ଧି କରି ଇଂରେଜ ଐତିହାସିକ ଟୟବିନ୍ ଲେଖିଥିବା ଉକ୍ତିର ମର୍ମହେଲା–"ଖୋର୍ଦ୍ଧାର ବୀର ଶ୍ରେଷ୍ଠ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ସଂଗଠିତ ୧୮୧୭ ଖ୍ରୀଷ୍ଟାବ୍ଦରେ 'ପାଇକ ବିଦ୍ରୋହ' ସେତେବେଳର ପ୍ରବଳ ପ୍ରତାପୀ ଇଂରେଜ ଶାସକମାନଙ୍କୁ ଏପରି ଭୟଭୀତ କରାଇ ଦେଇଥିଲା ଯେ, ସେହି ବିଦ୍ରୋହ ଫଳରେ ସେମାନେ ସମଗ୍ର ଓଡ଼ିଶାରୁ ନହେଲେ ମଧ୍ୟ, ନିହାତି ପକ୍ଷେ ଖୋର୍ଦ୍ଧା ରାଜ୍ୟରୁ ତଡ଼ାଖାଇ ବାଉଳି ଆଶଙ୍କାରେ ଛାନିଆ ହୋଇପଡ଼ିଥିଲେ।"

ବକ୍ସି ଧରାପଡୁ ନଥିବାରୁ ଉପଦ୍ରବ ଲାଗି ରହୁଥିଲା। ଖୋର୍ଦ୍ଧାର ମାଜିଷ୍ଟ୍ରେଟ୍ ଉଇଲିକିନ୍‌ସନ୍ ଆକ୍ଟିଙ୍ଗ୍ କମିଶନର ପ୍ୟାକେନ୍‌ହାମ୍‌ଙ୍କୁ ତା୨୧.୬.୧୮୨୧ରେ ଲେଖି ଜଣାଇଲେ ଯେ ସକଳ ପ୍ରକାର ସତର୍କତାମୂଳକ ପଦକ୍ଷେପ ଓ ସାମରିକ ଅଭିଯାନ ସତ୍ତ୍ୱେ ଘୁମୁସରର କନ୍ଧ ଓ ପାଣମାନେ ବାରମ୍ବାର ବାଣପୁର ଅଂଚଳରେ ଉପଦ୍ରବ କରୁଛନ୍ତି ଏବଂ ଏହା ନିଶ୍ଚିତ ଭାବରେ ବକ୍ସି ଜଗବନ୍ଧୁଙ୍କ ଇଙ୍ଗିତରେ ହେଉଛି। ଇଂରେଜଙ୍କ ପକ୍ଷରୁ ବକ୍ସିବାଡ଼ ଉଚ୍ଛେଦ, ବକ୍ସିପଦ ଉଚ୍ଛେଦ ଏବଂ ସମସ୍ତ ଚାପ ସତ୍ତ୍ୱେ ବକ୍ସିଙ୍କୁ ଧରିବା ସହଜ ହୋଇନଥିଲା। ନୟାଗଡ଼ ରାଜା ତାଙ୍କୁ ଆଶ୍ରୟ ଦେଉଥିବା ଜାଣିବାପରେ ରାଜାଙ୍କ ଉପରେ ଚାପ ପଡ଼ିଥିଲା। ବକ୍ସି ଜଗବନ୍ଧୁଙ୍କ ଆଶ୍ରୟ ଦାତା ନୟାଗଡ଼ ରାଜାଙ୍କ ଉପରେ କୁଟନୈତିକ ତଥା ସାମରିକ ଚାପ ପ୍ରୟୋଗ କରିବା ପାଇଁ ଉଇଲିକିସନ୍ ବିରାଟ ସୈନ୍ୟବାହିନୀ ଧରି ନୟାଗଡ଼ ଚାଲିଲେ। ସେତେବେଳେ ନୟାଗଡ଼ ରାଜା ଥିଲେ ବ୍ରଜବଲ୍ଲଭ ସିଂ ମାନ୍ଧାତା। ପୂର୍ବରୁ ତାଙ୍କ ପିତା ବିନାୟକ ସିଂହ ମାନ୍ଧାତା ବକ୍ସିଙ୍କୁ ଆଶ୍ରୟ ଦେଇଥିଲେ। ରାଜା ବ୍ରଜବଲ୍ଲଭ ୧୮୨୩ ଖ୍ରୀଷ୍ଟାବ୍ଦରେ ରାଜା ହେବା ପରେ ବକ୍ସିଙ୍କୁ ସମ୍ମାନ ଦେଉଥିଲେ। ସେହି ଦୃଢ଼ମନା ଯୁବକ ରାଜା ଉଇଲିକିସନ୍‌ଙ୍କୁ କହିଲେ – "ଆପଣ ଗୋଟିଏ ଜିଲାର ମାଜିଷ୍ଟ୍ରେଟ ଭାବରେ ଆଉ ମୁଁ ଗୋଟିଏ ରାଜ୍ୟର ରାଜା ଭାବରେ – ଉଭୟେ କେବଳ ନିଜ ନିଜର ପ୍ରତିଷ୍ଠିତ ପଦବୀ ଓ ଆସନ ଭିତିରେ ଉଚ୍ଚ କ୍ଷମତା ଓ ସମ୍ମାନର ଅଧିକାରୀ, କିନ୍ତୁ ବକ୍ସି ଜଗବନ୍ଧୁଙ୍କର କ୍ଷମତା ଆଉ ସମ୍ମାନ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ଆସନ ଉପରେ ପ୍ରତିଷ୍ଠିତ। ତା'ନ ହୋଇଥିଲେ ବ୍ରିଟିଶ ସରକାର ଦୀର୍ଘ ଆଠ ବର୍ଷକାଳ ସମସ୍ତ ଶକ୍ତି ଖଟାଇ ବକ୍ସି ଜଗବନ୍ଧୁଙ୍କୁ ଧରି ନପାରିବା ଭଳି ବିଡ଼ମ୍ବନା ସମ୍ଭବପର ହୋଇ ନଥାନ୍ତା ସାହେବ"। ଏହାର ଉତ୍ତରରେ ଉଇଲିକିନ୍‌ସନ ପ୍ରତ୍ୟୁତ୍ତର ଦେଲେ, "ବ୍ରିଟିଶ ସରକାର ଜଗବନ୍ଧୁଙ୍କ ଉଚ୍ଚ ସମ୍ମାନ ପ୍ରତି ପୂର୍ଣ୍ଣ ସଚେତନ ଅଛନ୍ତି ଓ ସମ୍ମାନ ପ୍ରତି ଆଘାତ ଦେଲାଭଳି କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ଏହା ତାଙ୍କର ଆତ୍ମସମର୍ପଣ ନୁହେଁ, ଏହା ଆତ୍ମପ୍ରକାଶ ପାଇଁ ପ୍ରକୃଷ୍ଟ ସମୟ।" ବେବର୍ତ୍ତା ବରଜୁ ପାଇକରାୟ ସର୍ତ୍ତର ସମସ୍ତ ବିବରଣୀ ରାଜା, ଉଇଲିକିନସନ୍‌ଙ୍କ ଉପସ୍ଥିତିରେ ବୁଝାଇ ଦେଇଥିଲେ। ଏହା ଥିଲା ୧୮୨୫ ମଇମାସ ୨୫ ତାରିଖ। ଆତ୍ମପ୍ରକାଶ ପାଇଁ ଆପୋଷ ସମ୍ମାନଜନକ ଚୁକ୍ତିକୁ ଗ୍ରହଣ କରି ବକ୍ସି ହାତୀ ସବାରରେ କଟକ ଆସିଲେ ଓ ୨୭ ତାରିଖରେ କଟକରେ ପହଁଚିଥିଲେ। ଫଳରେ ଦୀର୍ଘ ଆଠ ବର୍ଷ ସଂଘର୍ଷର ଅବସାନ ଘଟିଲା। ୧୮୨୯ ମସିହା ଜାନୁଆରୀ ୨୪ ତାରିଖ ଶନିବାର ଦିନ ବକ୍ସିଙ୍କର ଦେହାନ୍ତ ହେଲା। ଖ୍ରୀ. ୧୭୭୦ରୁ ୧୮୨୯ ଜୀବନ ପରିଧିର ବହୁ ଘନଘଟା ପାଇକ ବିଦ୍ରୋହର ଇତିହାସରେ ଏକ ଗୌରବମୟ ଅଧ୍ୟାୟ ହୋଇରହିଗଲା। ଓଡ଼ିଆ ଜାତିପ୍ରାଣ ସ୍ୱାଭିମାନୀ ବୀର ପୁଙ୍ଗବ ବକ୍ସି ଜଗବନ୍ଧୁ ଚିର ଦିନ ପାଇଁ ଇହଧାମରୁ ବିଦାୟ ନେଇ ଇତିହାସ ପାଲଟିଗଲେ। ଆମ ସ୍ୱାଧୀନତା ଓ ଆମ ଗଣତଂତ୍ର ପାଇଁ ପାଇକ ବିଦ୍ରୋହର ଅବଦାନ ଅବିସ୍ମରଣୀୟ।

ସତ୍ୟବାଦୀ ବଳିଆରସିଂହ, **ଉପଦେଷ୍ଟା, କଳିଙ୍ଗ ପାଇକ ସଂଗଠନ, ଖୋର୍ଦ୍ଧା ଓ ଉତ୍କଳ ବିକାଶ ପରିଷଦ, ଭୁବନେଶ୍ୱର, ଶୂନ୍ୟଭାଷ: ୯୨୩୭୦୮୯୫୦୯**

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ରଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୦, ଜାନୁଆରୀ ୨୫

ପାଠ୍ୟପୁସ୍ତକରେ ପରିବର୍ତ୍ତନ

ପରିବର୍ତ୍ତିତ ସମୟ ସହିତ ତାଳଦେଇ ଶିକ୍ଷାନୀତିରେ ଆବଶ୍ୟକୀୟ ପରିବର୍ତ୍ତନ ହିଁ ଦେଶର ମାନବ ସମ୍ବଳକୁ ଯୁଗୋପଯୋଗୀ କରାଇବାରେ ସହାୟକ ହୋଇଥାଏ। ଆଉ ଏଇଥିପାଇଁ ଏନ୍‌ସିଇଆରଟି ଏବେ ଏକ ନୂଆ ପାଠ୍ୟକ୍ରମକୁ ଶେଷ ସ୍ପର୍ଶ ଦେବାକୁ ଯାଉଛନ୍ତି ଯାହା ପିଲାମାନଙ୍କୁ ପାଠକୁ ଘୋଷି ଘୋଷି ମୁଖସ୍ଥ କରିବା ପରିବର୍ତ୍ତେ ବାସ୍ତବ ଅନୁଭୂତି ଓ ଅଭିଜ୍ଞତାମୂଳକ ଶିକ୍ଷା ପ୍ରଦାନ କରିବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କାରଣ, ବର୍ତ୍ତମାନର ଯୁଗ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଯୁଗ ଏବଂ ଏ ଯୁଗରେ ଘୋଷି ଘୋଷି ମନେ ରଖିବାର କ୍ୱଚିତ୍ ତାତ୍ପର୍ଯ୍ୟ ରହିଛି। ବରଂ ବର୍ତ୍ତମାନ ସମୟରେ ପିଲାମାନଙ୍କ ମଧ୍ୟରେ ବୋଧଶକ୍ତିର ବିକାଶ ଘଟାଇବା ଅଧିକ ଜରୁରୀ ଯେହେତୁ ଏହା ସେମାନଙ୍କୁ କୌଣସି ଜିନିଷକୁ ନୂତନ ଦୃଷ୍ଟିଭଙ୍ଗୀ ନେଇ ଦେଖିବାରେ ତଥା ଶିକ୍ଷାଲାଭ କରିଥିବା ବିଷୟବସ୍ତୁର ବିଶ୍ଳେଷଣ କରି ତାର ଆବଶ୍ୟକତାକୁ ବୁଝିବାରେ ସାହାଯ୍ୟ କରିଥାଏ। ସାଧାରଣତଃ ଏନ୍‌ସିଇଆର୍‌ଟି ପୁସ୍ତକଗୁଡ଼ିକ ସିବିଏସ୍‌ଇ ସ୍କୁଲମାନଙ୍କରେ ପଢ଼ା ଯାଇଥାଏ ଏବଂ ବିଭିନ୍ନ ରାଜ୍ୟ ସରକାରମାନଙ୍କ ଦ୍ୱାରା ପରିଚାଳିତ ସ୍କୁଲମାନଙ୍କରେ ପଢ଼ାଯାଉଥିବା ପୁସ୍ତକଗୁଡ଼ିକ, ଅନ୍ତତଃପକ୍ଷେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପୁସ୍ତକସବୁ ସମ୍ପୃକ୍ତ ରାଜ୍ୟର ବୋର୍ଡ଼ କର୍ତ୍ତୃପକ୍ଷମାନେ ପ୍ରସ୍ତୁତ କରିଥାନ୍ତି। ତେବେ ଏନ୍‌ସିଇଆରଟି ଦ୍ୱାରା ନିଆଯାଉଥିବା ଯେକୌଣସି ସକାରାତ୍ମକ ପଦକ୍ଷେପକୁ ମଧ ରାଜ୍ୟ ବୋର୍ଡ଼ମାନେ ଗ୍ରହଣ କରିଥା'ନ୍ତି। କ୍ରମେ କ୍ରମେ ଘରୋଇ ପ୍ରକାଶକମାନେ ମଧ ଏମାନଙ୍କ ଧାରାରେ ସାମିଲ ହୋଇଯାଇଥା'ନ୍ତି। ତେଣୁ ଏନ୍‌ସିଇଆର୍‌ଟିର ଉଦ୍ୟମ ପ୍ରଶଂସନୀୟ। ସମ୍ପ୍ରତି ଦେଶର ଶିକ୍ଷାର ମାନ ଦୁର୍ବଳ ହେବା ପଛରେ ବେଶ୍ କିଛି ସଂଖ୍ୟକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ଏଥିମଧ୍ୟରୁ କେତେକ ରାଜ୍ୟର ପାଠ୍ୟପୁସ୍ତକ ଅତ୍ୟନ୍ତ ନିମ୍ନମାନର ହେବା ଗୋଟିଏ। ସେହିପରି ଦେଶର ଅଧିକାଂଶ ସ୍କୁଲରେ ଥିବା ଶ୍ରେଣୀମାନଙ୍କରେ ପିଲାଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଏସବୁ ବ୍ୟତୀତ ଶିକ୍ଷାଦାନ ପାଇଁ ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କ କ୍ଷେତ୍ରରେ ଆବଶ୍ୟକୀୟ ଯୋଗ୍ୟତାର ଅଭାବ ରହିଛି ଏବଂ ସର୍ବୋପରି ଶିକ୍ଷାଦାନ ନିମନ୍ତେ ପ୍ରଦାନ କରାଯାଉଥିବା ସମୟ ମଧ ଖୁବ୍ କମ୍। ଏଭଳି ପରିସ୍ଥିତିରେ ତେଣୁ ପାଠ୍ୟ ପୁସ୍ତକଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ମାନର ହେବା ଉଚିତ। କିନ୍ତୁ ପ୍ରାୟତଃ ଏହା ହୋଇନଥାଏ, କାରଣ ପାଠ୍ୟପୁସ୍ତକଗୁଡ଼ିକର ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ ଆବଶ୍ୟକ ହେଉଥିବା ଆନୁଷଙ୍ଗିକ ବ୍ୟବସ୍ଥାଗୁଡ଼ିକ ଯଥା: ଭଲ ଲେଖକ, ଭଲ ପ୍ରକାଶକ ଏବଂ ଏକ ବଳିଷ୍ଠ ସମବର୍ଗୀ ସମୀକ୍ଷା ବ୍ୟବସ୍ଥା ଇତ୍ୟାଦି କଥା ଉଠିଲେ ରାଜ୍ୟ ସରକାରମାନେ ସେଥିପ୍ରତି ମୁହଁ ଏଡ଼ାଇ ନେଇଥା'ନ୍ତି। ଫଳରେ ଆନୁଷ୍ଠାନିକ ବିଫଳତାର ଶିକାର ହୋଇ ବିଭିନ୍ନ ରାଜ୍ୟମାନଙ୍କରେ ଅଧ୍ୟୟନ ପାଇଁ ବ୍ୟବହୃତ ପାଠ୍ୟପୁସ୍ତକଗୁଡ଼ିକ କ୍ଷେତ୍ରରେ ଅସଙ୍ଗତି ଦେଖାଦେଇଥାଏ। ସମୟ ଆସିଛି, ପିଲାମାନେ ଯେପରି ଏହି ବିଫଳତାର ବୋଝ ନ ବୋହିବେ, ତା'ର ବ୍ୟବସ୍ଥା କରିବାର। ଏଥିପାଇଁ ଶିକ୍ଷାଦାନର ବିଷୟବସ୍ତୁଗୁଡ଼ିକୁ ଅଧିକ ସମୃଦ୍ଧିଶାଳୀ ବା ଜ୍ଞାନଗର୍ଭକ ତଥା ଆଗ୍ରହ ସୃଷ୍ଟିକାରୀ କରିବା ସହିତ ଉନ୍ନତମାନର ବିଷୟବସ୍ତୁଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରାଯାଇପାରେ। ନିଜ ନିଜ ପିଲାମାନଙ୍କ ନିକଟରେ ଉନ୍ନତମାନର ବିଷୟବସ୍ତୁକୁ ପହଞ୍ଚାଇବା ନିମନ୍ତେ ବର୍ତ୍ତମାନ କେତେକ ସ୍କୁଲ ଏଡୁସ୍ୟାଟ୍‌ର ବ୍ୟବହାର କରୁଛନ୍ତି। ପୁଣି ଆଉ କେତେକ ସ୍କୁଲ ମୋବାଇଲ ବ୍ୟବହାର କରି ସହରାଞ୍ଚଳର ଷ୍ଟୁଡିଓମାନଙ୍କରେ ଅତିରିକ୍ତ କ୍ଲାସ ନେଉଥିବା ବିଭିନ୍ନ ବିଷୟବସ୍ତୁର ବିଶେଷଜ୍ଞ ଶିକ୍ଷକମାନଙ୍କ ସହିତ ଛାତ୍ରଛାତ୍ରୀମାନଙ୍କର ଭାବ ବିନିମୟ କରାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ଅବଶ୍ୟ ଏଭଳି ପଦ୍ଧତି ପ୍ରାୟତଃ ଭଲ ଭାବରେ ଶିକ୍ଷାଦାନ କରିବାରେ ବିଫଳ ହେଉଛି। ତେବେ ଗୁଣାତ୍ମକ ମାନର ଶିକ୍ଷାଦାନ ସମସ୍ୟାରେ ଜର୍ଜରିତ ରାଜ୍ୟମାନେ ଏଭଳି ବିକଳ୍ପ ପ୍ରଣାଳୀଗୁଡ଼ିକୁ ଆଶ୍ରୟ କରିବା ଅନେକାଂଶରେ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ।

ଆଜିର ଅନୁଚିନ୍ତା

ଯେଉଁ ବିଦ୍ୟା ଆତ୍ମାର ପରିଚୟ ନ ଦିଏ, ସେହି ବିଦ୍ୟା ପଢ଼ି ଲାଭ କ'ଣ ?

ଯଥାର୍ଥ ଶିକ୍ଷା

କଶ୍ୟପ ମୁନିଙ୍କ ଗୁରୁକୁଳ ସେ ସମୟରେ ଚର୍ଚ୍ଚିତ ଥିଲା । ଦୂର ଦୂରାନ୍ତରୁ ଶିକ୍ଷାର୍ଥୀମାନେ ଗୁରୁଗୃହରେ ରହି ଶିକ୍ଷାଲାଭ ନିମନ୍ତେ ଆସୁଥିଲେ । ଦିନେ ଗୁରୁଜୀ ଉଦାସହୋଇ ବସିଥିବାର ଶିଷ୍ୟମାନେ ଲକ୍ଷ୍ୟକଲେ । ଏହାର କାରଣ ପଚାରିବାରୁ ମୁନି କହିଲେ- ମୋର କନ୍ୟା ବିବାହଯୋଗ୍ୟ ହୋଇଗଲାଣି । ବିବାହରେ ଅତିଥିଚର୍ଚ୍ଚା ତଥା ତା'ଙ୍କୁ କିଛି ଉପହାର ଦେବାପାଇଁ ଆବଶ୍ୟକ ଅର୍ଥ ମୋ ପାଖରେ ନାହିଁ । କନ୍ୟାର ବୟସ ବଢ଼ି ଚାଲିଛି । ଏହାହିଁ ଚିନ୍ତାର କାରଣ । ଆଶ୍ରମରେ ଶିକ୍ଷାଗ୍ରହଣ କରୁଥିବା କିଛି ଧନଶାଳୀ ପିତାଙ୍କ ପୁଅ ତତ୍‌କ୍ଷଣାତ କହିଲେ- 'ଗୁରୁଜୀ ! ଏ ନିମନ୍ତେ ଚିନ୍ତା କରିବା ଅନାବଶ୍ୟକ । ଆମେ ଆମର ପିତାମାତାଙ୍କୁ କହି ସେମାନଙ୍କଠାରୁ କିଛି ଧନ ଆଣି ଗୁରୁଦକ୍ଷିଣା ସ୍ୱରୂପ ଆପଣଙ୍କୁ ଦେବୁ । ଆପଣ ତାହା ଗୁରୁଦକ୍ଷିଣା ରୂପେ ସ୍ୱୀକାର କରିବାକୁ ଅନୁମତି ଦିଅନ୍ତୁ।' 'ନା, ତୁମର ମାତାପିତା ହୁଏତ ଭାବିବେ ଗୁରୁ ଆପଣା ପଦର ଅନୁଚିତ ଲାଭ ଉଠାଇ ଧନପ୍ରାପ୍ତି ଆଶାରେ ଏହା କରୁଛନ୍ତି । ସେମାନେ ଏହାକୁ ଲୋଭ ବୋଲି କହିବେ ।' ବିଦ୍ୟାର୍ଥୀମାନେ ଚିନ୍ତାରେ ପଡ଼ିଗଲେ । ସେମାନଙ୍କ ଚିନ୍ତା ଦେଖି ଗୁରୁ କହିଲେ- ଏକମାତ୍ର ମାର୍ଗ ଅଛି । ଧ୍ୟାନ ରଖିବାକୁ ହେବ ଏହା ଆଣିବା ସମୟରେ ଯେପରି କେହି ନ ଦେଖନ୍ତି । ଯଦି କେହି ଦେଖନ୍ତି ସେହି ଅର୍ଥ ବିବାହ ଲାଗି ଅଶୁଭ ବିବେଚିତ ହେବ । ସକଳ ବିଦ୍ୟାର୍ଥୀ ଏଥିରେ ସହମତ ହୋଇ କହିଲେ ଗୁରୁଦେବ ! ଆପଣ ନିଶ୍ଚିନ୍ତ ରହନ୍ତୁ । ଆପଣ ଯେଭଳି ଚାହୁଁଛନ୍ତି, ସେହି ଅନୁରୂପ ହେବ । ପରବର୍ତ୍ତୀ ସମୟରେ ବିଦ୍ୟାର୍ଥୀମାନେ ଯିଏଯେଝା ବାଟରେ ଭିନ୍ନଭିନ୍ନ ପ୍ରକାର ମାର୍ଗରେ ଅର୍ଥ, ସାମଗ୍ରୀ ଆଣି ଗୁରୁଙ୍କ ନିକଟରେ ଜମା କରିଦେଲେ । ବିବାହ ନିମନ୍ତେ ଏହା ପର୍ଯ୍ୟାପ୍ତ ଥିଲା । ପ୍ରତ୍ୟେକ ଶିକ୍ଷାର୍ଥୀ କିଛି ନା କିଛି ଆଣି ଗୁରୁଙ୍କୁ ଦକ୍ଷିଣା ସ୍ୱରୂପ ଦେଲାବେଳେ ଜଣେ ଶିକ୍ଷାର୍ଥୀ କିଛି ହେଲେ ଆଣି ନଥିଲେ । ଗୁରୁଜୀ ପଚାରିଲେ- ବତ୍ସ ! ତୁମର ମାତାପିତା କ'ଣ ସମ୍ପୂର୍ଣ୍ଣ ନିର୍ଦ୍ଧନ ? ଶିଷ୍ୟଙ୍କର ଉତ୍ତର ଥିଲା- ନା ଗୁରୁଜୀ । ମୁଁ ଅତି ଦ୍ୱନ୍ଦ୍ୱରେ ପଡ଼ିଗଲି । ଆପଣ କହିଥିଲେ କି ଯାହା ଆଣିବ ତା'କୁ ଏପରି ଭାବରେ ଆଣିବ ଯେମିତି କେହି ଦେଖିବାକୁ ନ ପାଆନ୍ତି । ମୋତେ ସେହି ସୁଯୋଗ ମିଳି ନଥିଲା ।' ଗୁରୁଜୀ ଏହାକୁ ଗୁରୁତ୍ୱର ସହ ନେଇ ପଚାରିଥିଲେ- କ'ଣ ସତରେ ଏଭଳି ଅବସର ମିଳି ନଥିଲା, ଯେପରି ତୁମକୁ କେହି ଦେଖି ନପାରନ୍ତି । ଶିଷ୍ୟ ଉତ୍ତର ଦେଇଥିଲେ- ଗୁରୁଜୀ ! କିଏ ଦେଖନ୍ତୁ ବା ନ ଦେଖନ୍ତୁ ସବୁର କର୍ତ୍ତା ଉପରେ ଥିବା ଈଶ୍ୱର ତ' ଦେଖୁଛନ୍ତି । ତେବେ ତ' ଏହି ଅର୍ଥ ବିବାହ ଲାଗି ଅଶୁଭ ହୋଇଥା'ନ୍ତା । କଶ୍ୟପମୁନି ଏହାଶୁଣି ଆନନ୍ଦରେ ଅଧିର ହୋଇ ଶିଷ୍ୟକୁ ଗଳାରେ ଲଗାଇ ଆଲିଙ୍ଗନ କରି କହିଲେ-ତୁମେ ହିଁ ଠିକ୍ ଶିକ୍ଷା ଗ୍ରହଣ କରିଛ । ମୋର କହିବା ସତ୍ତ୍ୱେ ବି ତୁମେ ଭୁଲ କାମ କରିନାହଁ । ତୁମେ ଏକମାତ୍ର ଶିଷ୍ୟ ଯିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ । କନ୍ୟାର ବିବାହ ନିମନ୍ତେ ମୁଁ ପ୍ରକୃତରେ ଧନ ନୁହେଁ, ଜଣେ ଗୁଣବାନ, ସଚ୍ଚୋଟ, ନୀତିବାଦୀ ଶିଷ୍ୟ ସଂଧାନରେ ଥିଲି । ତୁମଠାରୁ ଆଉ ଅଧିକ ଉପଯୋଗୀ ଧନ କେଉଁଠି ବା ମିଳିବ ? ଏହାଶୁଣି ଉପସ୍ଥିତ ବିଦ୍ୟାର୍ଥୀମାନେ ସ୍ତବ୍ଧ ହୋଇଯାଇଥିଲେ । ଯଥାର୍ଥରେ ଶିକ୍ଷା ଏହା ନୁହେଁ ଯାହା କେବଳ ଉପଦେଶ ମାଧ୍ୟମରେ ଶୁଣାଯାଏ କି ପୁସ୍ତକରେ ପଢ଼ାଯାଏ । ଶିକ୍ଷା ସେତିକିବେଳେ ହିଁ ପୂର୍ଣ୍ଣାଙ୍ଗ ହୋଇଥାଏ ଯେତେବେଳେ ବ୍ୟାବହାରିକ କ୍ଷେତ୍ରରେ ଉପଶମ କରାଯାଏ । ଏହାର ଗଭୀର ମର୍ମାର୍ଥ ବୁଝି ଯଥାର୍ଥ ବିନିଯୋଗ କରାଯାଇଥାଏ । କେବଳ ପୁସ୍ତକ ଜ୍ଞାନ ସର୍ବଦା ହିତକର ସାବ୍ୟସ୍ତ ହୋଇ ନ ଥାଏ ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ ....

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଦିଲ୍ ତୋ...ବଚ୍ଛା ହୈ...ଜୀ

ନିରୋଳା ନିଜକଥା-୪୮

ସୌମ୍ୟଶ୍ରୀ ପାଣିଗ୍ରାହୀ

ବଡ଼ ନିରୀହ ଭାବେ ପିଲାଟି ମୋତେ ଡାକିଦେଲା 'ଅଙ୍କଲ...'। ବେଶୀ ବଡ଼ ନୁହେଁ, ଜମ୍ମା ୫-୬ ବର୍ଷର ପିଲାଟିଏ ହେବ ପରା! ଆମ କାର୍ଯ୍ୟାଳୟର କେହିଜଣେ କର୍ମଚାରୀଙ୍କ କୁନିଝିଅଟେ। ସେ ବା କୁଆଡୁ ବୁଝିବ ଯେ 'ଅଙ୍କଲ' ଡାକ ପଛର ଯନ୍ତ୍ରଣାକୁ! ସତ କହୁଛି, ମୁଁ ଆଜିପର୍ଯ୍ୟନ୍ତ ଅନ୍ୟ ଅନେକ ଡାକ ଶୁଣିଥିଲେ ମଧ ଏଇ ଅଙ୍କଲ ଡାକଟା ଶୁଣି ନ ଥିଲି। ନିଜକୁ ମୁଁ ଆଜିପର୍ଯ୍ୟନ୍ତ ପିଲାଟିଏ ବୋଲି ଭାବୁଥିବାରୁ ମୁଁ ବି କାହାକୁ ମଉସା, କାହାକୁ ବଡ଼ଭାଇ ନଚେତ୍ ଅଙ୍କଲ ବୋଲି ଡାକିଥାଏ। ମାତ୍ର ଆଜି ଯେତେବେଳେ ମୋତେ କେହିଜଣେ ଅଙ୍କଲ ଡାକିଦେଲା, ମୁଁ ନିଜ ବୟସ ବିଷୟରେ ସଚେତନ ହେଲି। ଥରେ ନିଜ ବଢୁଥିବା ପେଟକୁ ଚାହିଁଲି। ଥରେ କେସହି କୁନିଝିଅଟିର ମୁହଁକୁ ଅନେଇଲି ବଡ଼ କରୁଣ ଭାବେ। ସେ କ'ଣ ବୁଝିଲା କେଜାଣି, ମୋତେ ଆହୁରି ଦୁଃଖୀ କରିବା ପାଇଁ ପୁଣି ଥରେ ଡାକିଲା, 'ଅଙ୍କଲ...', ଏଥର ପୁଣି ଅପେକ୍ଷାକୃତ ବଡ଼ପାଟିରେ।

ମୁଁ ଏ ଅପମାନର ଜ୍ୱାଳାକୁ ହଜମ କରି ନ ପାରି ପାଖରେ ଛିଡ଼ା ହୋଇଥିବା ଆଉ ଜଣେ ସମବୟସ୍କା ତରୁଣୀଙ୍କୁ ଦେଖେଇ ପଚାରିଲି, ''ମୁଁ ଯଦି ଅଙ୍କଲ ହେଲି, ତା'ହେଲେ ୟେ କିଏ?'' ବିଶ୍ୱାସ କରନ୍ତୁ, ଛାତି ମୋର କୋରି ହେଇଗଲା, ତା' ଉତ୍ତର ଶୁଣି। ମୋ' କଟା ଘା'ରେ ଚୂନ ଟିକେ ବୋଳିଦେଲା ପରି, ପିଲାଟି ଉତ୍ତର ଦେଲା, ''ୟେ ଦିଦି... ବଡ଼ଭଉଣୀ।'' ବିଶ୍ୱାସ କରନ୍ତୁ, ଏଥର ମୋତେ ଲାଗିଲା, ଯେମିତି ସତରେ ମୁଁ ବୁଢ଼ା ହେଇଯାଇଛି। କୁନିପିଲା ମାନେ ମୋତେ ଅଙ୍କଲ ଡାକିଲେଣି ମାନେ ମୁଁ ନିଶ୍ଚୟ ସେଇ ପର୍ଯ୍ୟାୟରେ ପହଞ୍ଚିସାରିଲିଣି। ଏଥର ମୁଁ ଆଉ ସହିପାରିଲିନି, ପଚାରିଦେଲି, ''ମୁଁ ଅଙ୍କଲ ହେଲେ, ୟେ ଦିଦି କେମିତି ଯେ?'' ପିଲାଟି ଏଥର ମୋତେ ମୁହେଁମୁହେଁ ଜବାବ ଦେଲା, ''ଅଙ୍କଲ, ତୁମ ପେଟ ବାହାରିଛି ପା!''

ମୁଁ କି ଆଉ ସେ ଜାଗାରେ ରହେ। ସାମାନ୍ୟ ପିଲାଟେ ପାଖରେ ହାରିଯାଇଥିବା ଲୋକଟେ ପରି ମୁଁ ଆଉ କଥା ଆଗକୁ ନ ବଢ଼େଇ ଚୁପ୍ ରହିଗଲି ସିନା, ହେଲେ ଘରେ ପହଞ୍ଚି ନିଜକୁ ଆଉଥରେ ନିରେଖି ଦେଖିବାକୁ ଇଚ୍ଛା ହେଲା। ହଁ, ପେଟ ସାମାନ୍ୟ ବାହାରିପଡ଼ିଛି। ମୁଣ୍ଡରେ ଚୁଟି ମଧ ଅଳ୍ପ କେତେଟା ଧଳା ପଡ଼ିଆସିଲାଣି। ପଛପଟେ ପୁଣି ବୃତ୍ତାକାରରେ କିଛି କିଛି ଚନ୍ଦା ହେବାକୁ ଆରମ୍ଭ କରିଛି। ଆଜିକାଲି ମୁଁ ଆଉ ଆଗଭଳି ପରିଶ୍ରମ କରିପାରୁନି। ଅଳ୍ପ କିଛି କାମ କଲାପରେ ଥକା ଲାଗୁଛି। ଗତ ମାସରେ ଡାକ୍ତରୀ ପରୀକ୍ଷା କରେଇଥିଲି। ଉଚ୍ଚ ରକ୍ତଚାପ, ବ୍ଲଡ୍ ସୁଗାର ଆଦି ସାମାନ୍ୟରୁ ଅଧିକ ରହୁଛି। ଏସବୁ ଡାଇବେଟିସ୍ (ମଧୁମେହ)ର ଲକ୍ଷଣ।

ଏତେବେଳକୁ ଯାଇ ଚେତା ପଶିଲା, ମୁଁ କେବଳ ଶାରୀରିକ ଭାବେ ନୁହେଁ, ମାନସିକ ଭାବେ ମଧ ଦୁର୍ବଳ ହେବାକୁ ଆରମ୍ଭ କରିଛି। ମନ ଭିତରେ ଆଉ ଆଗଭଳି ଉତ୍ସାହ ନାହିଁ। ସକାଳୁ ଶୀଘ୍ର ଉଠିପଡ଼ି ମଝିରେ କିଛି କିଛି ଖେଳାଖେଳି ଆରମ୍ଭ କରିଥିଲି, ଏବେ ଆଉ ପାରୁନି। ଗୋଡ଼ ହାତ ସବୁ ସନ୍ଧ୍ୟା ପରେ ଶିଥିଳ ପଡ଼ିଆସୁଛନ୍ତି। ମୋଟାମୋଟି ଭାବେ ଜୀବନରେ 'ସ୍ଫୂର୍ତ୍ତି' ଆଉ ନାହିଁ। ଅତ୍ୟଧିକ ମାନସିକ ଚାପ ମୁଁ ନେଇପାରୁନାହିଁ। ଅତଏବ ମୁଁ ବୁଢ଼ା ହେଇଯାଉଛି। ଅନ୍ତତଃ ମୁଁ ଯୁବକ ହୋଇ ରହିବାକୁ ଚାହିଁଲେ ମଧ ଶରୀର ସହଯୋଗ କରୁନାହିଁ। ତେଣୁ ମୁଁ ଇଚ୍ଛା ନ ଥିଲେ ବି ଧୀରେ ଧୀରେ ବୁଢ଼ା ପାଲଟିଯାଉଛି। ଏମିତିରେ ମୁଁ 'ଅଙ୍କଲ...' ଡାକ ଶୁଣିବିନି ତ' ଆଉ କିଏ ଶୁଣିବ?

ସତ କହିଲେ, ଆପଣଙ୍କ ମଧ୍ୟରୁ ଅନ୍ୟକେହି କ'ଣ ଏ ସମସ୍ୟାର ସାମ୍ନା କରିନାହାନ୍ତି? ମୁଁ ଯେଉଁ ମାନସିକତା ପାଇଁ ବ୍ୟତିବ୍ୟସ୍ତ ହେଉଛି, ଆପଣମାନେ କ'ଣ ଏକଥା କେବେ ଭାବିନାହାନ୍ତି? ମୋ' ସମବୟସ୍କ ବନ୍ଧୁମାନଙ୍କର ଉଣାଅଧିକେ ସେହି ଅବସ୍ଥା। କାହାର ସ୍ୱାସ୍ଥ୍ୟଗତ ଅନେକ ସମସ୍ୟା ବାହାରିଲାଣି ତ' ବ୍ୟାଙ୍କରେ ଥିବା ଅନେକ ସାଙ୍ଗ ଅର୍ଦ୍ଧାଧିକ ଚନ୍ଦାପଣର ଶିକାର ପାଲଟି ସାରିଲେଣି। ସେମାନେ ଏଥିପାଇଁ ବଦଳୁଥିବା ଜୀବନଶୈଳୀ ଏବଂ କର୍ମକ୍ଷେତ୍ରର ଚାପକୁ ଯେତେ ଦୋଷ ଦେଲେ ବି, ଆମର ମାନସିକତା ହିଁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ମୁଁ କହିବି। ଖାଦ୍ୟପେୟର ଅନିୟମିତତା, ଶାରୀରିକ ପରିଶ୍ରମ ନ କରିବା ଏବଂ ସ୍ଥଳବିଶେଷରେ ରାତିରାତି ଉଜାଗର ରହିବା ଆଦି ମଧ ସ୍ୱାସ୍ଥ୍ୟହାନିର କାରଣ ହେଉନାହିଁ କି? ଏହାକୁ ଆମ ସମୟର ସବୁଠାରୁ ଚିନ୍ତାଜନକ ବିଷୟ ଭାବେ ଗ୍ରହଣ କରାଯାଇପାରେ।

କର୍ମକ୍ଷେତ୍ରରେ ଚାପ ଯୋଗୁଁ ଆତ୍ମହତ୍ୟା କରିବା ଆଜି ନୂଆକଥା ହୋଇ ନାହିଁ। ଆର୍ଥିକ ସ୍ଥିତିର ପରିବର୍ତ୍ତନ ମଧ ଆମ ଖାଦ୍ୟପେୟ ଓ ଜୀବନଶୈଳୀକୁ ପ୍ରଭାବିତ କରୁଛି। ଏଣୁ ମନଭିତରେ ସୁକୋମଳ ଶିଶୁଟିଏ ଅଥବା ଉଦ୍ଦାମ ଯୁବାଟିଏ ଥିଲେ ମଧ ଶରୀରର ସ୍ଥିତାବସ୍ଥା ତାକୁ ବୁଢ଼ା ସଜେଇ ଦେଉଛି। ଏମିତିରେ କେବଳ ସେଇ କୁନିଝିଅଟି ନୁହେଁ, ଅନ୍ୟ କେହି ମଧ ଆମକୁ 'ଅଙ୍କଲ...' ନହେଲେ 'ମଉସା...' ବୋଲି ବି ଡାକିଦେଇପାରେ।

ନା', ଆଉ ନୁହେଁ, ବହୁତ ହେଇଗଲା। ସେ କୁନିଝିଅଟିର 'ଅଙ୍କଲ' ଡାକ ମୋ' ପାଇଁ ଏକ ସତର୍କଘଣ୍ଟି। ନିଜକୁ ବଦଳେଇବି ନିଶ୍ଚୟ, ଯେମିତି କି ଆସନ୍ତା ଥରକୁ ସେଇ ଝିଅଟି ମୋତେ 'ଅଙ୍କଲ' ଡାକି ନ ପାରେ। ମନ ଭିତରର କୁନିପିଲାଟିକୁ ମୁଁ ବାହାରକୁ ଆଣିବି, ଶରୀରର ଗଢ଼ଣକୁ ବଦଳେଇବାକୁ ଚେଷ୍ଟା କରିବି। ଯେମିତି କି ସେ ମୋତେ ଅଙ୍କଲ... ଡାକିଲେ ମଧ, ମୁଁ ମନେମନେ କହିପାରିବି, ''ଦିଲ୍ ତୋ ବଚ୍ଛା ହୈ...ଜୀ''।

-ଛାଇ, ଜଗନ୍ନାଥ ବିହାର, ଭଦ୍ରକ
ଫୋନ୍-୯୮୬୧୪୪୮୮୫୫

ବକ୍‌ସି ଜଗବନ୍ଧୁଙ୍କର ଅମର ଗାଥା

ଉମାଶଙ୍କର ପ୍ରସାଦ

ଐତିହାସିକ ପାଇକମାଟି ଖୋର୍ଦ୍ଧା ଅନେକ ଦୁଃଖ, ଯନ୍ତ୍ରଣା ଓ ଗୌରବକୁ ନେଇ ମୁଣ୍ଡ ଟେକିଛି ଯଦିଓ ୧୮୫୭ ମସିହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଐତିହାସିକମାନେ ମତ ଦିଅନ୍ତି। ମାତ୍ର ଏହାର ଚାରି ଦଶନ୍ଧି ପୂର୍ବ ଅର୍ଥାତ ୧୮୧୭ ମସିହାରେ ବୀରମାଟି ଖୋର୍ଦ୍ଧାର ଇଂରେଜ ବିରୁଦ୍ଧରେ ଯେଉଁ ତୂର୍ଯ୍ୟନାଦ ଶୁଭିଲା ତାହା ଓଡ଼ିଶା ଇତିହାସରେ ପାଇକ ବିଦ୍ରୋହ ନାମରେ ଖ୍ୟାତିଲାଭ କରିଛି । ଏହି ବିଦ୍ରୋହରେ ପାଇକମାନଙ୍କର କର୍ଣ୍ଣଧାର ସାଜି ବକ୍‌ସି ଜଗବନ୍ଧୁ ଓ ପିଣ୍ଡିକି ବାହୁବଳେନ୍ଦ୍ର ଯେପରି ଜୀବନ ଦେଇଥିଲେ, ତାହା ବାସ୍ତବରେ ଏକ ଗୌରବୋଜ୍ୱଳ ଅଧ୍ୟାୟ ହୋଇ ରହିଛି । ଗଜପତି ମୁକୁନ୍ଦଦେବଙ୍କ ସୁପ୍ରିମ କମାଣ୍ଡର ବକ୍‌ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର ଥିଲେ ରକ୍ତରଞ୍ଜିତ ଓଡ଼ିଶାର ଅଦ୍ୱିତୀୟ ଶହିଦ୍। ଏହି ବିପ୍ଳବୀ ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗ ଗ୍ରାମରେ ୧୭୬୯ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ଖୋରଧା ରାଜାଙ୍କ ବଂଶାନୁକ୍ରମିକ ସେନାପତି ଥିଲେ। ତାଙ୍କର "ବିଦ୍ୟାଧର" ପଦବୀରୁ ସେ ଭୋଇ ରାଜବଂଶୀୟ ହୋଇଥିବାର ଜଣାଯାଏ। ଘୁମୁସର ଓ ସେରଗଡ଼ ରାଜାଙ୍କ ସହିତ ତାଙ୍କର ବୈବାହିକ ସମ୍ପର୍କ ଥିଲା । ଜଗବନ୍ଧୁ ଅତ୍ୟନ୍ତ ବଳିଷ୍ଠ, ସ୍ୱାସ୍ଥ୍ୟବାନ ଓ ସୁନ୍ଦର ଥିଲେ। ତାଙ୍କର ବିଶାଳ ବପୁ ଦୀର୍ଘକାୟ ଶରୀର ସମସ୍ତଙ୍କୁ ଆକର୍ଷିତ କରୁଥିଲା । କିମ୍ବଦନ୍ତୀ ଅନୁସାରେ ଖୋରଧାରେ ଏକ ମନ୍ଦିର ପାଖରେ ପଡ଼ିଥିବା ଏକ ବିରାଟ ପଥରକୁ ସେ ପ୍ରତ୍ୟେହ ତଳୁ ଉଠାଇ ଛତି କରୁଥିଲେ ଏବଂ ସ୍ନାନକୁ ଯିବା ପୂର୍ବରୁ ନେଡ଼ିଏ ସୋରିଷ ତେଲ ନିଜର ସର୍ବାଙ୍ଗ ଶରୀରରେ ମାଲିସ୍ କରି ଉକ୍ତ ପଥରକୁ ଗୋଡ଼ରେ ଗଡ଼ାଇ ଗଡ଼ାଇ ଗାଧୁଆ ତୁଠ ପର୍ଯ୍ୟନ୍ତ ନେଉଥିଲେ ଏବଂ ସ୍ନାନ ସାରି ପୁଣି ଗଡ଼ାଇ ଗଡ଼ାଇ ଆଣୁଥିଲେ। ୧୮୦୩ ମସିହାରେ ଇଂରେଜମାନେ ଖୋରଧା ଅଧିକାର କରିବା ପରେ ଏହାକୁ ଖାସମାହାଲରେ ପରିଣତ କରିବା ସହ ଏହାର ପରିଚାଳନା ଭାର ମେଜର ଫ୍ଲେଚରଙ୍କ ହସ୍ତରେ ନ୍ୟସ୍ତ କରିଥିଲେ। ୧୮୦୪ରେ ପ୍ରଥମ ବନ୍ଦୋବସ୍ତ ଆରମ୍ଭ ହୋଇଥିଲା ଏବଂ ଖୋରଧାର ପ୍ରଥମ ତହସିଲଦାର ଭାବେ ଗୋଲାମ କାଦିରଙ୍କ ଦ୍ୱାରା ଏହି କାର୍ଯ୍ୟ ଶେଷ ହୋଇଥିଲା । ୧୮୦୫ ମସିହାଠାରୁ ଆରମ୍ଭ କରି ୧୮୧୬ ମସିହା ଭିତରେ ଘନ ଘନ ବନ୍ଦୋବସ୍ତ ଫଳରେ ଜମା ବୃଦ୍ଧି ପାଇବାରୁ ଖୋରଧାର ଅଧିବାସୀ ଅତିଷ୍ଠ ହୋଇପଡ଼ିଥିଲେ । ରାଜସ୍ୱ ଆଦାୟ ପ୍ରଣାଳୀ ମଧ ତ୍ରୁଟିପୂର୍ଣ୍ଣ ଥିଲା । ଇଂରେଜମାନେ ପ୍ରତ୍ୟକ୍ଷ ଭାବେ ଖଜଣା ଆଦାୟ ନକରି ମୁସ୍ତାଦାରୀ ପ୍ରଥାରେ ଖଜଣା ଆଦାୟ କରୁଥିଲେ । ଏଥିପାଇଁ ପ୍ରକାଶ୍ୟ ନିଲାମରେ ଜମିଦାରମାନେ ନିଯୁକ୍ତ ହୋଇ ପ୍ରଜାମାନଙ୍କଠାରୁ ଖଜଣା ଆଦାୟ କରି ସରକାରଙ୍କ ପାଖରେ ପଇଠ କରୁଥିଲେ । ଓଡ଼ିଶାର ପୁରାତନ ଜମିଦାରମାନେ ମଧ ଇଂରେଜ ଶାସନରେ ନ୍ୟାୟ ପାଉ ନ ଥିଲେ । ଏହି ସମୟରେ ବଙ୍ଗାଳୀମାନଙ୍କର ପ୍ରାଧାନ୍ୟ ଅନେକ ଥିଲା ଏବଂ ସେମାନଙ୍କର କୋର୍ଟକଚେରୀରେ ହେରଫେର ଯୋଗୁ ଓଡ଼ିଆ ଜମିଦାରମାନେ ନିଲାମ ଧରିବାରୁ ବଂଚିତ ହେଉଥିଲେ । ପ୍ରଥମ ବନ୍ଦୋବସ୍ତରେ ଓଡ଼ିଆ ଜମିଦାରଙ୍କ ସଂଖ୍ୟା ୨୩୪୦ ଥିବାବେଳେ ତାହା ୧୮୧୬ ମସିହା ଶେଷଆଡ଼କୁ ୧୪୪୯କୁ ଖସି ଆସିଥିଲା । ଖୋରଧାରେ ଇଂରେଜ ଶାସନ ଆରମ୍ଭରେ ସମସ୍ତ କର୍ମଚାରୀ ଅଣଓଡ଼ିଆ ଥିଲେ ଏବଂ ଖୋରଧାର ପ୍ରଥମ ଦାରୋଗା ଥିଲେ ମିର୍ଜା ମେହେଦି ଏବଂ ଏହାର ରାଜସ୍ୱ ଆଦାୟ ପ୍ରଥମେ ବଙ୍ଗଳାର ଶ୍ୟାମାନନ୍ଦ ରାୟଙ୍କ ହସ୍ତରେ ନ୍ୟସ୍ତ ଥିଲା । ୧୮୦୪ରୁ ୧୮୧୦ ମସିହା ପର୍ଯ୍ୟନ୍ତ ପୁରୀର ତହସିଲଦାର ଥିଲେ ଗୌରହରି ଏବଂ ଚନ୍ଦ୍ରପ୍ରସାଦ ଥିଲେ ସିରସ୍ତାଦାର । ମୌଲବୀ ସାଲିମ୍ ଅଲ୍ଲି ସିରସ୍ତାଦାର ଥାଇ ଅବୈଧ ଉପାୟରେ ୧୭ ହଜାର ଟଙ୍କା ଆଦାୟ କରିଥିଲେ । ପିପିଲିର ଦାରୋଗା ମିର୍ଜା ମେହଦିଙ୍କ ନାମରେ ଅଭିଯୋଗ ଫଳରେ ତତ୍କାଳୀନ ଜିଲ୍ଲାପାଳ ସେଜ୍ ତାହାଙ୍କୁ ସ୍ଥାନାନ୍ତର କରି ଖୋରଧାକୁ ଆଣିଥିଲେ । କିନ୍ତୁ ତାଙ୍କର କୌଣସି ପରିବର୍ତନ ହୋଇନଥିଲା । ଅବୈଧ ଉପାୟରେ ସେ ବହୁ ଅର୍ଥ ସଂଗ୍ରହ କରି ବହୁ ଜମିଦାରୀ ନିଲାମ କ୍ରୟ କରି ବିନା ପାରିଶ୍ରମିକରେ ଲୋକଙ୍କୁ ଖଟାଉଥିଲେ । ଏଭଳି ଜଘନ୍ୟ କାର୍ଯ୍ୟରେ ଅତିଷ୍ଠ ହୋଇଥିବା ବିଦ୍ରୋହୀମାନେ ତାଙ୍କ ଘରେ ନିଆଁ ଲଗାଇ ଦେବା ଫଳରେ ୫୦ ହଜାର ଟଙ୍କାର ସମ୍ପତ୍ତି ଧ୍ୱଂସ ହୋଇ ଯାଇଥିଲା ।

ପରେ ପରେ ବ୍ରିଟିଶ ସରକାର ମଧ ପାଇକମାନଙ୍କଠାରୁ ଖଜଣା ଆଦାୟ ବ୍ୟବସ୍ଥା ଆରମ୍ଭ କଲେ । ହିନ୍ଦୁ ରାଜାମାନଙ୍କ ସମୟରେ ଖୋରଧା କେତେଗୁଡ଼ିଏ ମହଲାରେ ବିଭକ୍ତ ହୋଇଥିଲା । ସେହି ମହଲାମାନଙ୍କର ମୁଖ୍ୟମାନଙ୍କୁ ଦଳାଇ ଦଳବେହେରା କୁହାଯାଉଥିଲା । ସେମାନେ ବେତନ ପରିବର୍ତ୍ତେ ନିଷ୍କର ଜମି ଭୋଗ ଦଖଲ କରୁଥିଲେ । ଜମି ଚାଷ ପାଇଁ ସେମାନଙ୍କୁ କର ଦେବାକୁ ପଡୁ ନ ଥିଲା । ଏହି ବ୍ୟବସ୍ଥାକୁ ଇଂରେଜମାନେ ପରିବର୍ତନ କରିଥିଲେ ଏବଂ ସେମାନଙ୍କ ସେନାବାହିନୀ ପାଇଁ ପାଇକମାନଙ୍କୁ ଅଯୋଗ୍ୟ ଘୋଷଣା କରି ସେମାନଙ୍କ ଉପରେ ମନଇଚ୍ଛା ଖଜଣା ଲାଗୁ କରିଥିଲେ । ଫଳରେ ଏହି ଦଳାଇ, ଦଳବେହେରା ଓ ପାଇକମାନେ ଖଜଣା ଦେବାକୁ ଅସମର୍ଥ ହେବା ସହ ନିଜର ଜାଗିର୍ ହରାଇଲେ । ୮୭୩ ଜଣ ଏହିପରି ଭାବରେ ନିଜର ଜାଗିର୍ ହରାଇଥିଲେ ଏବଂ ସମସ୍ତ ପାଇକଗଣ ୧୮୧୭ ମସିହାରେ ପାଇକ ବିଦ୍ରୋହରେ ଯୋଗଦେଲେ । ଏକ ସମୟରେ କୃଷକମାନଙ୍କର ଦୁର୍ଦ୍ଦଶା, କଉଡ଼ି ମୂଲ୍ୟ ହ୍ରାସ, ଏକଚାଟିଆ ଲୁଣ ବ୍ୟବସାୟ ଓ ମୂଲ୍ୟବୃଦ୍ଧି ଯୋଗୁ ଜନସାଧାରଣ ଏବଂ ଖୋରଧାର ଦୁଃଖ ଦୁର୍ଦ୍ଦଶା ବିଷୟରେ ବକ୍‌ସି ନିଜେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ଫଳ କିଛି ହୋଇ ନ ଥିଲା । କରଭାର, ଅଭାବ, ଅତ୍ୟାଚାର, ଶୋଷଣ ଯେତେବେଳେ ଶେଷ ସୀମାରେ ପହଁଚିଲା, ସେତେବେଳେ ସମସ୍ତ ପାଇକଗଣ ବିଦ୍ରୋହ ଅଗ୍ନିରେ ଝାସ ଦେଲେ, ଯାହାର ନେତୃତ୍ୱ ନେଇଥିଲେ ବକ୍‌ସି ଜଗବନ୍ଧୁ । ଇଂରେଜମାନଙ୍କର ଏହି ସମୟରେ ରୋଡ଼ଙ୍ଗ ଉପରେ ଲୋଲୁପ ଦୃଷ୍ଟି ପଡ଼ିଥିଲା । ମାତ୍ର ୧୮୦୪ ଓ ୧୮୦୫ରେ ହୋଇଥିବା ବନ୍ଦୋବସ୍ତ ସମୟରେ ଜଗବନ୍ଧୁ ଲିମ୍ବାଇ, ରାହାଙ୍ଗା, ସେରାଇ ଓ ଚବିଶିକୁଦ ପ୍ରଗଣାଗୁଡ଼ିକୁ ଜାଗିର ଜମି ବୋଲି ଦାବି କରୁଥିଲେ । ମାତ୍ର ମେଜର ଫ୍ଲେଚର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ । ୧୮୦୫ରେ ଓ୍ୱେବ ପୁରୀର ଜିଲ୍ଲାପାଳ ହେଲେ ଏବଂ ତାଙ୍କର ସିରସ୍ତାଦାର ଭାବେ ଚନ୍ଦ୍ରପ୍ରସାଦ ସିଂହ ନିଯୁକ୍ତ ହେଲେ । ତାଙ୍କର ଭାଇ ଗୌରହରି ପୁରୀର ତହସିଲଦାର ପଦରେ ୧୮୧୦ ମସିହା ପର୍ଯ୍ୟନ୍ତ ରହିଥିଲେ । ଜଗବନ୍ଧୁ ଭୋଗ କରି ଆସୁଥିବା ରୋଡ଼ଙ୍ଗ ଜମିଦାରୀ ଉପରେ ତାଙ୍କ ବିଦ୍ରୋହୀମାନଙ୍କର ଦୃଷ୍ଟି ପଡ଼ିଥିଲା । ତହସିଲଦାର ଗୌରହରି ସିଂହ ଓ ସିରସ୍ତାଦାର ଚନ୍ଦ୍ରପ୍ରସାଦ ସିଂହ ଉଭୟେ ଜଗବନ୍ଧୁଙ୍କ ଶତ୍ରୁ କୃଷ୍ଣଚନ୍ଦ୍ରଙ୍କର ଆତ୍ମୀୟ ଥିଲେ । ଷଡ଼ଯନ୍ତ୍ର କରି ରୋଡ଼ଙ୍ଗ ଜମିଦାରୀ ଖଜଣାକୁ ଜିଲ୍ଲାପାଳଙ୍କ ରାଜକୋଷରେ ଦାଖଲ ନକରି ତହସିଲଦାରଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପରାମର୍ଶ ଦେଇ ରାହାଙ୍ଗା ପ୍ରଗଣା ଓଗେରକୁ ନିଜ କବଳକୁ ନେଇଥିଲେ । ଏକଥା ଜଗବନ୍ଧୁ ଜାଣିପାରି ନ ଥିଲେ । ଯେତେବେଳେ ଜାଣିଲେ, ତାହା ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା ଫଳରେ ଏକ ମକଦ୍ଦମାରେ ଜଗବନ୍ଧୁଙ୍କ ଦାଦା ପୁଅ ଭାଇ ଗଦାଧର ଓ ଜଗବନ୍ଧୁଙ୍କ ଭିତରେ ରୋଡ଼ଙ୍ଗ ଜମିଦାରୀକୁ ଜଗବନ୍ଧୁଙ୍କୁ ୧୦ ଅଣା ଓ ଗଦାଧରଙ୍କୁ ୬ ଅଣା ପାଇବାର ସ୍ଥିର ହେଲା । ୧୮୧୩ ରେଗୁଲେସନ୍ ଅନୁଯାୟୀ କୃଷ୍ଣଚନ୍ଦ୍ର ରାହାଙ୍ଗା ଓଗେର ଜମିଦାରି ସତ୍ୱର ନବୀକରଣ କଲେ ଏବଂ ପରେ ଯେତେବେଳେ ରୋଡ଼ଙ୍ଗ ଦଖଲ କରିବାକୁ ବସିଲେ, ବକ୍‌ସି ଜଗବନ୍ଧୁ ରିଚାର୍ଡ଼ଙ୍କ ପାଖରେ ଆପତ୍ତି କରିଥିଲେ ଏବଂ ରିଚର୍ଡ଼ ଏହି ଦାବିକୁ ସମର୍ଥନ କରିବା ସହ ରୋଡ଼ଙ୍ଗ ଏକ ପୃଥକ ଜମିଦାରୀ ଓ ଏହା ରାହାଙ୍ଗ ଅନ୍ତର୍ଭୁକ୍ତ ହେବା ଅନ୍ୟାୟ ଓ ଅବୈଧ ବୋଲି ମତ ଦେଲେ ଏବଂ ରୋଡ଼ଙ୍ଗ ଜମିଦାରୀକୁ ଜଗବନ୍ଧୁଙ୍କୁ ଫେରାଇଦେବା ପାଇଁ ପ୍ରସ୍ତାବ ଦେଲେ । କିନ୍ତୁ କୁଚକ୍ରି ବଙ୍ଗାଳୀ ଗୋଷ୍ଠି ଏହା କରାଇଦେଲେ ନାହିଁ ଏବଂ ରେଭିନ୍ୟୁ ବୋର୍ଡ଼ରେ ତାଙ୍କର ସ୍ୱତ୍ୱ ଅଦାଲତରେ ସାବ୍ୟସ୍ତ କରିବା ପାଇଁ ନିର୍ଦ୍ଦେଶ ଦେଲେ । କୋର୍ଟ କଚେରୀକୁ ଧାଇଁ ଧାଇଁ ମକଦ୍ଦମା ଖର୍ଚ୍ଚ ଲାଗି ବକ୍‌ସିଙ୍କ ପାଖରେ ପଇସା ନଥିଲା । ଏହି ମାନସିକ ଯନ୍ତ୍ରଣା ସହିତ ନିଜ ଜମିଦାରୀ, ନିଜ ମାତୃଭୂମି ଓ ଓଡ଼ିଶାର ସ୍ୱାଭିମାନ ଯେତେବେଳେ ଧୂଳିସାତ ହୋଇଗଲା, ତାଙ୍କ ମନରେ ବିଦ୍ରୋହର ବହ୍ନି ଜଳି ଉଠିଲା । ସୁପ୍ତ ବ୍ୟାଘ୍ର ଜାଗ୍ରତ ହେଲା । ରଥପୁର ଗାଁ ଭିତରେ ମୌଡ଼ମରା ଘର, କୁଦିଆରୀର ଜମିଦାର ଚରଣ ପଟ୍ଟନାୟକ ବକ୍ସିଙ୍କର ବିଦ୍ରୋହୀ ଥିଲେ ଏବଂ ସେ ତାଙ୍କର ପିଣ୍ଡା ଉପରେ ବସି ବକ୍ସିଙ୍କୁ କିପରି ନାଗଫାଶରେ ପକାଇବେ ସେ ବ୍ୟୁହ ରଚନା କରୁଥିଲେ । ହଠାତ୍ ଏହି ସମୟରେ ବିପ୍ଳବୀ ଶଚି ପଟ୍ଟନାୟକଙ୍କର ଧାରୁଆ ଫାର୍ସା ଚୋଟରେ ଦେଶଦ୍ରୋହୀ ଚରଣ ପଟ୍ଟନାୟକଙ୍କ ଅନ୍ତ ହୋଇଗଲା । ୧୮୧୭ ଅପ୍ରେଲ ୯ ତାରିଖରେ ବକ୍ସିଙ୍କ ପରିଚାଳିତ ବିଦ୍ରୋହୀ ପାଇକକୁଳ ଶ୍ରୀକ୍ଷେତ୍ରରେ ପଶି ଇଂରେଜ ଅଫିସରଙ୍କ ଉପରେ ଆକ୍ରମଣ କରିଦେଇ ପୁରୀକୁ ସ୍ୱାଧୀନ କରିଥିଲେ । ଏହାପୂର୍ବରୁ ୧୮୧୭ ମାର୍ଚ୍ଚ ଶେଷ ସପ୍ତାହ ଆଡ଼କୁ ଚାରି ଶହ କନ୍ଧ ବାଣପୁର ଅଂଚଳକୁ ଆସି ଲୁଟ୍‌ତରାଜ କଲେ । ଏହି ସୁଯୋଗରେ ଖୋରଧାର ସଂଗଠିତ ପାଇକମାନେ ଅବିଳମ୍ବେ ବାଣପୁର ଅଂଚଳକୁ ଯାଇ କନ୍ଧମାନଙ୍କ ସହ ଯୋଗଦେଲେ ଏବଂ ସରକାରୀ ତହବିଲରୁ ୧୫ ହଜାର ଟଙ୍କା ଲୁଟି ନେଇଥିଲେ । ଏମାନଙ୍କ ଭୟରେ ଇଂରେଜମାନେ ଅଫିସ ଛାଡ଼ି ପଳାଇଥିଲେ । ଏହି ବିଦ୍ରୋହ ପଂଚଗଡ଼କୁ ବ୍ୟାପିଥିଲା । ସେ ସମୟରେ ସମ୍ବଲପୁର ରାଣୀ ମୁକ୍ତାଦେଇ ପଂଚଗଡ଼ରେ ରହୁଥିଲେ ଏବଂ ପ୍ରଜାମାନେ ସେଠାରେ ବହୁତ ନିଷ୍ପେସିତ ହେଉଥିଲେ । ଜଗବନ୍ଧୁ ବିଦ୍ରୋହୀମାନଙ୍କ ସହ ମୁକ୍ତାଦେଇ ଓ ଦେଓ୍ୱାନଙ୍କ ଗୃହରେ ଅଗ୍ନିସଂଯୋଗ କରିଦେଲେ । ଏହି ଖବର କଟକରେ ଅବିଳମ୍ବେ ପହଂଚିଲା ପରେ ଲେଫ୍ଟନାଂଟ୍ ଫ୍ରାଇଡ଼ଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ସାମରିକ ସୈନ୍ୟ ଖୋରଧା ଅଭିମୁଖେ ଏବଂ ଆଉ ଦଳେ ସୈନ୍ୟ ପେରିସ୍‌ଙ୍କ ନେତୃତ୍ୱରେ ପିପିଲି ଓ ଲିମ୍ବାଇ ଯାଇଥିଲେ । ବିଦ୍ରୋହୀମାନେ ଏ ଖବର ପାଇ କାଠପଥର ଓ ଢ଼ିମା ପକାଇ ରାସ୍ତା ବନ୍ଦ କରିଦେଇଥିଲେ ଏବଂ ଇଣ୍ଡେଙ୍କ ସୈନ୍ୟ ସେଠାରେ ପହଁଚିବା ମାତ୍ରେ ବିଦ୍ରୋହୀମାନେ ଗୁଳି ଚଳାଇଲେ । ଫଳରେ ଇଣ୍ଡେଙ୍କୁ ସେଠାରେ ରହିବାକୁ ପଡ଼ିଥିଲା । ମାତ୍ର ଖାଦ୍ୟ ଅନାଟନ ଯୋଗୁ ସମସ୍ତ ଇଂରେଜମାନେ କଟକ ପ୍ରତ୍ୟାବର୍ତନ କରିଥିଲେ । ଏହିପରି ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ର ତଥା: ପୁରୀ, ଗୋପ, ପଟାମୁଣ୍ଡାଇ, କୁଜଙ୍ଗ, ବାଲେଶ୍ୱର ଅଂଚଳରେ ବିଦ୍ରୋହର ବହ୍ନି ଜଳିଥିଲା ।

ପିଣ୍ଡିକୀ ବାହୁବଳେନ୍ଦ୍ର ବକ୍ସିଙ୍କର ପ୍ରଧାନ ସହଯୋଗୀ ଥିଲେ । ତାଙ୍କର ବାଲ୍ୟବନ୍ଧୁ ଥିଲେ ମଳିପଡ଼ାର ଜମିଦାର ଧ୍ରୁବଜୟ ହରିଚନ୍ଦନ। ବ୍ରିଟିଶ ସରକାର ତାଙ୍କ ଉପରେ ଚାପ ପକାଇଥିଲେ ପିଣ୍ଡିକୀଙ୍କୁ ଧରାଇଦେବା ପାଇଁ। ପ୍ରଥମେ ଯଦିଓ ସେ ରାଜି ହୋଇ ନ ଥିଲେ, ମାତ୍ର ପରିସ୍ଥିତିର ତାଡ଼ନାରେ ସେ ନିଜର ବନ୍ଧୁଙ୍କୁ ନିମନ୍ତ୍ରଣ କରିଥିଲେ । ଏକଥା ଥୋମାସ୍ ଆଗରୁ ଜାଣି ଦଳବଳ ସହ ପ୍ରସ୍ତୁତ ଥିଲେ । ଫଳରେ ପିଣ୍ଡିକୀ ଧରାପଡ଼ି ବନ୍ଦୀ ହେଲେ । ବନ୍ଦୀଗୃହରେ ତାଙ୍କ ଗୋଡ଼ରେ ସିକୁଳୀ ଲାଗିଥିଲେ ମଧ ହାତ ଦୁଇଟି ଖୋଲା ଥିଲା । ଦିନେ ସେ ତରବାରୀ ସାହାଯ୍ୟରେ ବେଡ଼ି ଖୋଲି ମାଠିଆ ସାହାଯ୍ୟରେ କାଠଯୋଡ଼ି ପାର ହୋଇ ବାରଙ୍ଗ ପଳାଇଥିଲେ । ମାତ୍ର ପଛରୁ ଇଂରେଜମାନଙ୍କର ଘନଘନ ଗୁଳିବର୍ଷଣ ସତ୍ତ୍ୱେ ଚାରୋଟି ଗୋଳାକୁ ହାତରେ ଧରି ପକାଇଥିଲେ ମଧ ପରିଶେଷରେ ତାଙ୍କ ଜୀବନ ପ୍ରଦୀପ ନିର୍ବାପିତ ହୋଇପଡ଼ିଥିଲା । ମାତ୍ର ଇଂରେଜମାନଙ୍କ ଶତଚେଷ୍ଟା ସତ୍ତ୍ୱେ ବକ୍ସି ଓ ତାଙ୍କ ସହଯୋଗୀ କୃଷ୍ଣଚନ୍ଦ୍ର ଧରାପଡ଼ି ନଥିଲେ । ୧୮୨୪ ମସିହାର ଶେଷଭାଗରେ ଜଏଂଟ୍ ମାଜିଷ୍ଟ୍ରେଟ୍ ଉଇଲ୍‌କିନ୍‌ସନ ନିଜେ ନୟାଗଡ଼ ଯାଇ ରାଜାଙ୍କୁ ଭେଟି ଧମକ ଦେଇଥିଲେ, ଜଗବନ୍ଧୁ ଯଦି ଆତ୍ମସମର୍ପଣ ନକରନ୍ତି, ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନୟାଗଡ଼ ରାଜା ଥିଲେ ବକ୍ସିଙ୍କର ଅତ୍ୟନ୍ତ ହିତାକାଂକ୍ଷୀ । ନିଜର ହିତାକାଂକ୍ଷୀ ରାଜାଙ୍କ କୌଣସି କ୍ଷତି ନଘଟୁ, ଏହାକୁ ଦୃଷ୍ଟିରେ ରଖି ଜଗବନ୍ଧୁ ଶେଷରେ ଆତ୍ମସମର୍ପଣ କଲେ । ଜଗବନ୍ଧୁଙ୍କ ସମ୍ମାନାର୍ଥେ ହସ୍ତୀପୃଷ୍ଠରେ ବସାଇ ତାଙ୍କୁ କଟକ ଅଣାଯାଇ ନଜରବନ୍ଦୀରେ ରଖାଗଲା । ନଜରବନ୍ଦୀରେ ୩ବର୍ଷ ୮ମାସ ରହିବା ପରେ ୧୮୨୯ ମସିହା ୨୪ ତାରିଖରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ଲୁହାର ମଣିଷ ଥିଲେ ବକ୍ସି । ଏହି ମହାନ୍ ଆତ୍ମାର ଅବସାନରେ ଉତ୍କଳ ଜନନୀର ଆଖିରୁ ଦୁଇଟୋପା ଲୁହ ଝରି ପଡ଼ିଥିଲା । ଏହି ମା'ମାଟି ପାଇଁ ବିଦେଶୀ ଶାସକମାନଙ୍କୁ ହଟାଇଦେବାକୁ ଦୁର୍ଗମ ବଣଜଙ୍ଗଲ ମଧ୍ୟରେ ସେ ଯେଉଁ କଷ୍ଟସାଧ ସଂଗ୍ରାମ କରିଥିଲେ, ବାସ୍ତବିକ ତାହା ଏକ ମହାନ୍ କ୍ରାନ୍ତିକାରୀ ସହ ଓଡ଼ିଶା ଇତିହାସରେ ଅବିସ୍ମରଣୀୟ ହୋଇ ରହିବ ।

-ସମ୍ପାଦକ, ମାର୍ଗଦର୍ଶୀ, ଖୋରଧା,
ମୋ.ନଂ-୬୩୭୦୬୭୫୫୬୨

ନେଲୁଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

କେନ୍ଦୁଝର: (ପିଏନ) ସଂପ୍ରତି ସଦର ବ୍ଲକସ୍ଥ ନେଲୁଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ ସମବେତ ଅତିଥି ବୃନ୍ଦ ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀଙ୍କ ପାଖରେ ପ୍ରଦ୍ୱୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭାରମ୍ଭ ହୋଇଥିଲା । ସଭାରେ ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ସମନ୍ୱିତ ଆଦିବାସୀ ବିଭାଗ କେନ୍ଦୁଝର ଶ୍ରୀଯୁକ୍ତ ନାରାୟଣ ମୁର୍ମୁ, ସମ୍ମାନୀତ ଅତିଥି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଭାଗବତ ନାଏକ, ଅଂଚଳର ଅତ୍ୟନ୍ତ ପ୍ରିୟ ସମାଜସେବୀ, ସୁସଂଗଠକ ବୟୋଜ୍ୟେଷ୍ଠ ବ୍ୟକ୍ତି ଶ୍ରୀ ରାଧାଶ୍ୟାମ ରାୟ, ସରପଂଚ ନେଲୁଙ୍ଗ ଗ୍ରାମ ପଂଚାୟତ ଶ୍ରୀ ଅଶୋକ କୁମାର ନାଏକ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗୀତିକାର, ଗାଳ୍ପିକ ଓ ବରିଷ୍ଠ ସାମ୍ବାଦିକ ଶ୍ରୀ ସୁବ୍ରତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ପରିଚୟ ପ୍ରଦାନ ଶିକ୍ଷକ ଶ୍ରୀ ନରୋତମ ସାହୁ ପ୍ରଦାନ କରିଥିଲେ । ସ୍କୁଲର ବାର୍ଷିକ ବିବରଣୀ ପ୍ରଧାନଶିକ୍ଷକ ଶ୍ରୀ ଶରତ କୁମାର ନନ୍ଦ ପଠନ କରିଥିଲେ । ବିଶେଷ କରି ମୁଖ୍ୟଅତିଥି ଶ୍ରୀ ମୁର୍ମୁ ତାଙ୍କ ଅଭିଭାଷଣରେ ସେ ନିଜେ ଏକ ନିପଟ ମଫସଲ ସ୍କୁଲ ପ୍ରାଥମିକ ଶିକ୍ଷା ବହୁ କଷ୍ଟ ସ୍ୱୀକାର କରି ସମାପ୍ତ କରି କଠୋର ଅଧ୍ୟବସାୟ ଓ ଶୃଙ୍ଖଳା ଯୋଗୁଁ ସମାଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି ଅତି ସରଳ ଭାଷାରେ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ହୋଇ ସମାଜର ସୁ ନାଗରିକ ହେବା ସଙ୍ଗେ ସଙ୍ଗେ ନିଜ ଅଂଚଳର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଶ୍ରୀ ସ୍ୱାଇଁ ଗପ ଓ କବିତା ମାଧ୍ୟମରେ ଶିକ୍ଷାର ଅତ୍ୟାବଶ୍ୟକ ସମ୍ବନ୍ଧେ ସମବେତ ଛାତ୍ରଛାତ୍ରୀଙ୍କୁ ବ୍ରତୀ ହୋଇ ସମାଜକୁ ସୁସ୍ଥ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଓ ସଭାପତି ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ସ୍କୁଲର ଶିକ୍ଷକ ଶ୍ରୀ ଲଳିତ କୁମାର ବାରିକ, ବିଷ୍ଣୁପ୍ରିୟା ଦାଶ, ରତ୍ନପ୍ରିୟା ସାହୁ, ସୁନନ୍ଦା ମିଶ୍ର ପ୍ରମୁଖ ସଭାକୁ ସୁବ୍ୟବସ୍ଥିତ ଭାବେ ପରିଚାଳନା କରିଥିଲେ । ଧନ୍ୟବାଦ ପୂର୍ବକ ଅଭିଭାଷଣରେ ପ୍ରଧାନଶିକ୍ଷକ ଶ୍ରୀ ନନ୍ଦ କମିଟିର ସଭ୍ୟ/ସଭ୍ୟା, ବିଶେଷ କରି ଯୁବବର୍ଗଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଉକ୍ତ କାର୍ଯ୍ୟକ୍ରମ ସମ୍ଭବ ହୋଇ ପାରିଥିବା ଯୋଗୁଁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଦେଇଥିଲେ ।

ନିଯୁକ୍ତି ଦାବିରେ ଛଟେଇ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅନଶନ ୨୪ ଦିନରେ

କେନ୍ଦୁଝର(ପିଏନ) : ରୋଗୀ କଲ୍ୟାଣ ସମିତି ପକ୍ଷରୁ ନିଯୁକ୍ତି ଆଦେଶ ପାଇ ଜିଲ୍ଲା ମୁଖ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ କାର୍ଯ୍ୟରତ ୨୧ଜଣ ଚତୁର୍ଥ ଶ୍ରେଣୀ ଛଟେଇ କର୍ମଚାରୀ ନିଯୁକ୍ତି ଓ ପୁନଃ ଥଇଥାନ ଦାବିରେ ନୂଆବର୍ଷ ଠାରୁ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ସାମିଲ ହେବା ଗୁରୁବାର ଦିନକୁ ୨୪ଦିନରେ ପହଂଚିଛି । ଛଟେଇ ୨୧ଜଣ କର୍ମଚାରୀ ମଧ୍ୟରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଆଉଟ୍ ସର୍ସିଂ ମାଧ୍ୟମରେ ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ଅଛନ୍ତି । ଅବଶିଷ୍ଟ ୧୭ଜଣଙ୍କ ମଧ୍ୟରୁ ୧୪ଜଣ ପ୍ରଥମ ଦିନରୁ ଅନଶନରେ ସାମିଲ ହୋଇଥିବା ବେଳେ ଗୁରୁବାର ଦିନ ବିଜୟ ବଳ, କୈଳାସ ଚନ୍ଦ୍ର ମହାନ୍ତ, ଜ୍ୟୋସ୍ନା ମୁଖୀ, କୁନ୍ତଳା ସେଠୀ, କବିତା ମୁଖୀଙ୍କୁ ମିଶାଇ ମୋଟ୍ ୬ଜଣ ଅନଶନରେ ସାମିଲ ଥିବା ଦେଖିବାକୁ ମିଳିଛି । ଛଟେଇ ହୋଇଥିବା ଏହି ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ରୋଗୀ କଲ୍ୟାଣ ସମିତି ପକ୍ଷରୁ ନିଯୁକ୍ତି ଦିଆଯାଇଥିବା ବେଳେ ରୋଗୀ କଲ୍ୟାଣ ସମିତି ପକ୍ଷରୁ ଆଦାୟ ୟୁଜର୍ସ ଫିରୁ ଏମାନଙ୍କୁ ବେତନ ଦିଆଯାଇ ଆସୁଥିଲା । ୟୁଜର୍ସ ଫି ଆଦାୟ ବନ୍ଦ ପରେ ଏହି ସମସ୍ତ କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ସିଡିଏମ୍ଓ ଡାକ୍ତର ଅଶୋକ କୁମାର ଦାସ କହିଛନ୍ତି । ତେବେ ଛଟେଇ କର୍ମଚାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦ଜଣଙ୍କୁ ଆଉଟ୍ ସର୍ସିଂ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ଦିଆଯାଇ ଥଇଥାନ କରାଯିବା ସହ ଅବଶିଷ୍ଟ କର୍ମଚାରୀଙ୍କୁ ପରବର୍ତ୍ତି ସମୟରେ ଥଇଥାନ କରାଯିବ ବୋଲି ଅନଶନରତ ଆନ୍ଦୋଳନକାରୀଙ୍କୁ ସିଡିଏମ୍ଓ ଡାକ୍ତର ଶ୍ରୀ ଦାସ ଗତ ୪ ତାରିଖ ପ୍ରତିଶ୍ରୁତି ଦେଇଥିଲେ ହେଁ ଛଟେଇ ସମସ୍ତ କର୍ମଚାରୀଙ୍କୁ ଏକ ସମୟରେ ନିଯୁକ୍ତି ଦାବିରେ ଅନଶନ ଜାରି ରଖିଥିବା ବିଜୟ ବଳ କହିଛନ୍ତି ।

ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

GURUKUL PUBLIC SCHOOL
PRINCIPAL
CHIEF GUEST

ଧର୍ମଶାଳା ୨୪/୧(ପିଏନ); ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ସ୍ଥିତ ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁରୁକୁଳ ପବ୍ଲିକସ୍କୁଲର ବାର୍ଷିକଉତ୍ସବ (ଗୁନ୍‌ଗୁନ୍-୬) ମହାସମାହରେ ଆଜି ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ମୁଖ୍ୟ ବକ୍ତା ଭାବେ ଓଡିଶାର ପ୍ରସିଦ୍ଧ ହାସ୍ୟ କବି ଜ୍ଞାନ ହୋତା , ଏବଂ ସମ୍ମାନୀତ ଅତିଥି ଭାବେ ଯାଜପୁର ଜିଲ୍ଲାପାଳ ରଞ୍ଜନ କୁମାର ଦାସ, ଯୋଗ ଦେଇଥିଲେ । ଉତ୍ସବର ପାରମ୍ଭରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀର୍ କୁମାର କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚେୟାରମ୍ୟାନ ତଥା ବିଶିଷ୍ଟ ଶିଳ୍ପପତି ଅଭୟ କୁମାର ଜେନା ବିଦ୍ୟାଳୟର ସମୃଦ୍ଧି ଓ ବିକାଶ ପାଇଁ ସମସ୍ତ ଶ୍ରେୟ ଅଭିଭାବକ , ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପ୍ରଦାନ କରିଥିଲେ । ସ୍କୁଲର ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ ।' ଗୁରୁକୁଳ ପ୍ରକୃତରେ ଏକ ମଣିଷ ଘଢା କାରଖାନା ' ବୋଲି ଉଦ୍‌ଘାଟକ ମତବ୍ୟକ୍ତ କରିବା ସହ ଗୁରୁକୁଳ ଶିକ୍ଷା ଛାତ୍ର ଛାତ୍ରୀ ମାନଙ୍କ ଜୀବନକୁ ଶୃଙ୍ଖଳିତ କରିପାରିଛି ବୋଲି ମୁଖ୍ୟଅତିଥି ସହଦେବ ସାହୁ କହିଥିଲେ । ପରେପରେ ସ୍କୁଲର ଅଧ୍ୟକ୍ଷ ଦ୍ୱାରିକାନାଥ ପଣ୍ଡା ବାର୍ଷୀକ ବିବରଣୀ ପାଠ କରିଥିବା ଅବସରରେ ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭା ସମ୍ପର୍କରେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଗସପେଲ୍'କୁ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସାଂସ୍କୃତିକ ସେକ୍ରେଟେରୀ ତଥା ଶିକ୍ଷାବିତ୍ ମୁକ୍ତିକାନ୍ତ ମୁଦୁଲି ସମସ୍ତଙ୍କ ମୁଲ୍ୟବାନ ଉପସ୍ଥିତି ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଅଗ୍ରଣୀସ୍ୱେଚ୍ଛାସେବୀ ଅନୁଷ୍ଠାନ ସକ୍ଷମ ପକ୍ଷରୁଜିଲା ଅଧିବେଶନ

କେନ୍ଦୁଝର(ପିଏନ) : ସ୍ଥାନିୟ ନଗର ଭବନ ଠାରେ ଭାରତର ଅଗ୍ରଣୀସ୍ୱେଚ୍ଛାସେବୀ ଅନୁଷ୍ଠାନ ସକ୍ଷମ ପକ୍ଷରୁଜିଲା ଅଧିବେଶନ ଅନୁଷ୍ଠିତହୋଇଯାଇଛି । ସକ୍ଷମ ସାରା ଭାରତରେ ଦିବ୍ୟାଙ୍ଗମାନଙ୍କ ଅଧିକାର ଓ ସେମାନଙ୍କ ସରକାରୀ ସୁବିଧା ପାଇବା ପାଇଁ କାର୍ଯ୍ୟ କରୁଅଛି । ସକ୍ଷମ ପକ୍ଷରୁ ସାରା ଭାରତରେ ତିନି ସହ ଜିଲାରେ ସକ୍ଷମ ସହାୟତା କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗ ମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । ଆଜିର ଜିଲା ଅଧିବେଶନରେମୁଖ୍ୟ ଅତିଥି ଭାବେସଦର ବିଧାୟକମୋହନ ଚରଣମାଝୀଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଏମଏସପି ଗ୍ରୁପର ଚେୟାରମ୍ୟାନ ଇଂ ଦେବବ୍ରତସ୍ୱାଇଁ ,ରୋଟାରି କ୍ଲବର ସଭାପତି ବସନ୍ତ କୁମାର ଦାନି ,ଆରଏସଏସର ପୁର୍ବ ପ୍ରାନ୍ତ ପ୍ରଚାରକବିପିନ ପ୍ରସାଦ ନନ୍ଦ ପ୍ରମୁଖଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ସକ୍ଷମ ଅନୁଷ୍ଠାନ ରାଷ୍ଟ୍ରୀୟସଂଗଠନ ସଂପାଦକ ଡ଼ସୁକୁମାର କାରେଜୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସକ୍ଷମ ପକ୍ଷରୁ କରାଯାଉଥିବାକାର୍ଯ୍ୟ ଓ ଦିବ୍ୟାଙ୍ଗମାନଙ୍କ ଅଧିକାର ବିଷୟରେ ବ୍ୟାପକ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସଂପାଦକ ସରୋଜ କୁମାର ସାହୁ ଦିବ୍ୟାଙ୍ଗ ମାନଙ୍କ ପାଇଁ କେନ୍ଦୁଝରରେ ଡ଼ିଏମଏଫ ରୁ କିପରି ସୁବିଧା ଅଛି ଆଲୋଚନା କରିବା ସହ ଆଗାମି ଦିନରେ କେନ୍ଦୁଝରରେ ଚାରୋଟି ଦିବ୍ୟାଙ୍ଗ ସହାୟତା କେନ୍ଦ୍ର ଖୋଲା ଦିବା ପାଇଁଘୋଷଣାକରିଥିଲେ । କାର୍ଯ୍ୟକ୍ରମକୁଜିଲାଉପସଭାପତିସତ୍ୟବ୍ରତସାହୁ ପରିଚାଳନାକରିଥିବାବେଳେଜିଲାସଂପାଦକ ନିରଞ୍ଜନ ବେଜ ,ରାଜ୍ୟଉପସଭାପତି ଚଣ୍ଡିପ୍ରସାଦ ପଟ୍ଟନାୟକ ସହଯୋଗ କରିଥିଲେ । ଜିଲା ଅଧିବେଶନରେ ପ୍ରୟାସ ଅନୁଷ୍ଠାନର ଦିବ୍ୟାଙ୍ଗ ଅନ୍ତେବାସୀମାନେ ଚିତାକର୍ଷକସଂସ୍କୃତିକକାର୍ଯ୍ୟକ୍ରମ ପରିବେଷଣକରିଥିଲେ । ଆଜିଜିଲା ଅଧିବେଶନରେସକ୍ଷମ ପରିବାର ପକ୍ଷରୁବିଭିନ୍ନକ୍ଷେତ୍ରରେ ଉତ୍କୃଷ୍ଟତାଲାଭକରିଥିବାହରେକୃଷ୍ଣମହାନ୍ତି, ମାନସ ପଣ୍ଡା,ଅମିୟସାମନ୍ତରାଏ,ବିଜୟବାରିକ,ପୁରୁଷୋତମସାହୁଏବଂ ଦିବ୍ୟାଙ୍ଗ କ୍ଷେତ୍ରରେ କାର୍ଯ୍ୟକରୁଥିବା ଜିଲାର ଛଅଟି ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର ଏହି ଜିଲା ଅଧିବେଶନରେ ଜିଲାର କୋଣ ଅନୁକୋଣରୁ ସାତଶହରୁ ଉର୍ଦ୍ଧ ଦିବ୍ୟାଙ୍ଗ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ ପାଳିତ

କେନ୍ଦୁଝର,(ପିଏନ) : କେନ୍ଦୁଝର କାଳୀପଡିଆଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୨ତମ ଶୁଭ ଜନ୍ମ ମହୋତ୍ସବ ଏବଂ କେନ୍ଦୁଝର ସତ୍‌ସଙ୍ଗ ବିହାରର ୧୨ତମ ବାର୍ଷିକ ଉତ୍ସବ ଗୁରୁବାର ଦିନ ପାଳିତ ହୋଇଛି । ଏହି ଅବସରରେ ପ୍ରଥମାର୍ଦ୍ଧରେ ବ୍ରାହ୍ମ ମୁହୁର୍ତ୍ତରୁ ବେଦ ମାଙ୍ଗଳିକ ଓ ନମବତ୍,ଉଷା କୀର୍ତନ,ସମବେତ ବିନତୀ ପ୍ରାର୍ଥନା,ବିଭିନ୍ନ ଧର୍ମଗ୍ରନ୍ଥାଦି ପାଠ,ସଂଗୀତାଞ୍ଜଳୀ,ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସହ ନଗର କୀର୍ତନ କରାଯାଇଥିଲା । ଏଥିସହ ଦ୍ୱିତୀୟାର୍ଦ୍ଧରେ ଏକ ସ୍ୱାସ୍ଥ୍ୟ ଶିବିର ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ପରେ ପରେ ସତସଙ୍ଗ,ସଦାଲୋଚନ,ପ୍ରସାଦ ଗ୍ରହଣ,ସାଂସ୍କୃତିକ କାର୍ଯ୍ୟକ୍ରମ,ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ସମବେତ ବିନତୀ ପ୍ରାର୍ଥନା ପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ସତସଙ୍ଗ ବିହାରର ସଭାପତି କାଳିନ୍ଦୀ ଚରଣ ଶତପଥି ଏବଂ ସଂପାଦକ ଡାକ୍ତର ବେଣୁଧର ମୁଦୁଲିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁଗ ପୁରୁଷୋତମଙ୍କର ସ୍ମୃତିଚାରଣ କରାଯାଇଥିଲା । ତତ୍‌ପରେ ଡାକ୍ତର ବେଣୁଧର ମୁଦୁଲିଙ୍କ ଅଧ୍ୟକ୍ଷତାରେ ସଦାଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଡାକ୍ତର ବିଶ୍ୱରଞ୍ଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଡାକ୍ତର ବିନାୟକ ମହାପାତ୍ର ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଜୀବନରେ ଗୁରୁଙ୍କର ଆଶ୍ରିତ ହୋଇ କିପରି ଦିବ୍ୟ ଜୀବନର ଅଧିକାରୀ ହୋଇପାରେ ଏବଂ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ସେ ଉପରେ ଆଲୋକପାତ କରିଥିଲେ ।

ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ

Celebration 2020

ଚଣ୍ଡିଖୋଲ ୨୪/୧(ପିଏନ)- ଚଣ୍ଡିଖୋଲ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ପ୍ରଥମ ବାର୍ଷିକ ଉତ୍ସବ କାଲିବ୍ରେସନ ୨୦୨୦ ମହା ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଚକ୍ରଧର ପାଣୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରୁଚି କମ୍ପାନୀର ମୁଖ୍ୟ ପରିଚାଳକ ଡ ଶରତ କୁମାର ସାହୁ ଉଦଘାଟକ ମୁଖ୍ୟ ଅତିଥି ସିବିଏସଇ ଆଞ୍ଚଳିକ ଅଧିକାରୀ ଟି ମାଟେ, ମୁଖ୍ୟ ବକ୍ତା ଗୋବର୍ଦ୍ଧନ ପୀଠ ପୁରୀର ରାଷ୍ଟ୍ରିୟ ସଂପର୍କ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ଜାଭିୟର୍ସ ଗ୍ରୁପ ସ୍କୁଲର ନିର୍ଦ୍ଦେଶକ ଡ ପିସି ମହାନ୍ତି, ସମ୍ମାନୀତ ଅତିଥି ଭାବେ ଓଲିଉଡ଼ ଅଭିନେତ୍ରୀ ମିସ ଶିବାନୀ, ହାସ୍ୟ ଅଭିନେତା ପ୍ରଜ୍ଞାନ ରଂଜନ ଖଟୁଆ ଯୋଗ ଦେଇ ପିଲାମାନଙ୍କୁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପିରାମିଡ଼, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ, ହରର ସୋ, ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ବହୁ ଅବିଭାବକ ଅବିଭାବିକା ଯୋଗ ଦେଇଥିଲେ । ପରିଚାଳନା କମିଟିର ସଂପାଦକ ରାଜିବ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଚଣ୍ଡିଖୋଲ ଷ୍ଟେଟ୍ ବ୍ୟାଙ୍କରେ କର୍ମଚାରୀଙ୍କ ମନୋମୁଖି କାର୍ଯ୍ୟ: ଗ୍ରାହକ ମହଲରେ ଅସନ୍ତୋଷ

ଚଣ୍ଡିଖୋଲ ୨୪/୧(ପିଏନ)- ଜନ ସାଧାରଣ ମାନଙ୍କୁ ଉପଯୁକ୍ତ ବ୍ୟାଙ୍କ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାନ ପ୍ରଣୟନ କରିବା ସହିତ ଜନସାଧାରଣଙ୍କର ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ବାଣିଜ୍ୟ ବ୍ୟବସାୟ, କୃଷି, ମତ୍ସ୍ୟପାଳନ ଉପରେ ଋଣ ଦେବା ପାଇଁ ବ୍ୟବସ୍ଥା କରିବା ସହିତ ଲୋକ ମାନଙ୍କୁ ବ୍ୟାଙ୍କ ସଂପର୍କିତ ବିଭିନ୍ନ ସାହାର୍ଯ୍ୟ ସହଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ଅସହଯୋଗ ଯୋଗୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଚଣ୍ଡିଖୋଲ ଛକରେ ଥିବା ଷ୍ଟେଟ ବ୍ୟାଙ୍କଟି ଗ୍ରାହକ ମାନଙ୍କୁ ଉପଯୁକ୍ତ ସେବା ଯୋଗଇ ଦେବାରେ ବିଫଳ ହୋଇଅଛି ବୋଲି ଅଭିଯୋଗ ହେଉଛି । ଚଣ୍ଡିଖୋଲ ଛକ ଏକ ଓଡ଼ିଶାର ପ୍ରମୁଖ ବ୍ୟବସାୟ କେନ୍ଦ୍ର ହୋଇଥିବାରୁ ଏଠାରେ ପ୍ରତିଷ୍ଠା କରାଯାଇଥିବା ଷ୍ଟେଟ ବ୍ୟାଙ୍କରେ ପ୍ରତ୍ୟେହ ଶହଶହ ଲୋକ ନିଜର ବ୍ୟାଙ୍କ କାର୍ଯ୍ୟ କରିବା ପାଇଁ ଯାଇଥାନ୍ତି । ମାତ୍ର ସେଠାରେ ଆବଶ୍ୟକୀୟ ସୁବିଧା ଓ ବ୍ୟାଙ୍କ କର୍ମଚାରୀ ମାନଙ୍କର ଗ୍ରାହକ ମାନଙ୍କ ପ୍ରତି ଖରାପ ବ୍ୟବହାର ଯୋଗୁ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏଠାରେ କର୍ମଚାରୀ ମାନଙ୍କର ମନମୁଖି କାର୍ଯ୍ୟ, ଆବଶ୍ୟକ ସଂଖ୍ୟକ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା, ଭିନ୍ନକ୍ଷମ ମାନଙ୍କ ପ୍ରତି କୌଣସି ସୁବିଧା ସୁଯୋଗ ନାହିଁ । ଫଳରେ ପ୍ରତ୍ୟେହ ଗ୍ରାହକ ମାନେ ଏଠାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କଲା ପରେ ମଧ୍ୟ ସେମାନଙ୍କର କାର୍ଯ୍ୟ ହେଉନାହିଁ । ଫଳରେ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏଥିପ୍ରତି ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଓ ଶାଖା ପରିଚାଳକ ଗୁରୁତ୍ୱ ନଦେଲେ ଗ୍ରାହକ ମାନଙ୍କ ତରଫରୁ ବ୍ୟାଙ୍କ ସମୁଖରେ ଆନ୍ଦୋଳନ କରାଯିବା ପାଇଁ ବହୁ ଗ୍ରାହକ ମତ ପୋଷଣ କରିଛନ୍ତି ।

ଉତ୍କଳ ବିଶ୍ୱବିଦ୍ୟାଳୟ (ଦ୍ୱିତୀୟ କ୍ୟାମ୍ପସ) ଚଣ୍ଡିଖୋଲରେ ଖୋଲିଲା ବି.ଏସ.ସି. ନର୍ସିଂ କୋର୍ସ

ଚଣ୍ଡିଖୋଲ ୨୪/୧(ପିଏନ)--ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଗ୍ରାମୀଣ ଉତ୍କଳ ବିଶ୍ୱବିଦ୍ୟାଳୟରେ ନୂତନଭାବେ ଆଜି ବି.ଏସ.ସି.ନର୍ସିଂ କୋର୍ସକୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଚନ୍ତି । ଆୟୋଜିତ ସଭାରେ ଉଦଘାଟକ ଭାବେ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ସମ୍ମାନିତ ଅତୀଥି ଭାବେ ରେଜିଷ୍ଟ୍ରାର ଦୟାନିଧି ନାୟକ, ମହାବିତ୍ତ ନିୟନ୍ତ୍ରକ ସୁରେନ୍ଦ୍ର କୁମାର ସାହୁ, ଓ.ଏସ.ଡି. ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ପ୍ରେସିଡେଂଟ ସୁହେଟ ବିଜୟ ପ୍ରଧାନ, ଆଡମିନିଷ୍ଟ୍ରେଟିଭି ଅଫିସର ଡ.ମନୋରଞ୍ଜନ ସେନାପତି, ନର୍ସିଂ କୋଅଡିନେଟର ଡ. ହିମାଂଶୁ ଶେଖର ରାଉତ, ବାବା ବୈରାବାନନ୍ଦ ମମହାବିଦ୍ୟାୟର ଅଧକ୍ଷ ଡ.ବିରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ସମସ୍ତ ଅତିଥି ବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ଉଜ୍ୱଳନ କରିଥିଲେ । ଗ୍ରାମାଂଚଳରେ ଶିକ୍ଷାର ବିକାଶ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଚଣ୍ଡିଖୋଲ ଠାରେ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଖୋଲିବାର ସୁବିଧା କରାଇଛନ୍ତି । ୨୦୧୮ ମସିହାରେ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ପରିସରରେ ଦ୍ୱିତୀୟ କ୍ୟାମ୍ପସ ଖୋଲାଯାଇ ବୈଷୟିକ ଜ୍ଞାନର ସୁବିଧା ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଇପାରିଛି । ଏଠାରେ ଏମ.ବି.ଏ. ରୁରାଲ ମ୍ୟାନେଜମେଂଟ, ଏମ.ବି.ଏ. ପବ୍ଲିକ ହେଲଥ ଖୋଲାଯାଇଅଛି । ଆଇ.ଏସ.ସି. ଓ ବି.ଏସ.ସି. ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ବି.ଏସ.ନର୍ସିଂ ଆଜି ଖୋଲାଯାଇ ଅଛି । ଗ୍ରାମାଚଂଳର ଛାତ୍ରଛାତ୍ରୀ ମାନଙ୍କର ସୁବିଧା ପାଇଁ ଯେଉଁ ନର୍ସିଂ କୋର୍ସ ଖୋଲାଯାଇ ଅଛି ସେମାନେ ଏଠାରେ ନାମ ଲେଖାଇ ପାସ କରି ସାରିଲା ପରେ ଚାକିରୀ ମଧ ସୁବିଧାରେ ପାଇପାରିବେ । ଶିକ୍ଷାହିଁ ଜୀବନର ମାନଦଣ୍ଡ । ଗ୍ରାମ୍ୟ ଜୀବନ ଉପରେ ବୌଦ୍ଧିକ ଭିତିରେ ରହିବା ଦରକାର । ସ୍ୱାସ୍ଥ୍ୟ ହିଁ ଅମୁଲ୍ୟ ସମ୍ପଦ, ଗ୍ରାମାଂଚଳର ବିକାଶ, ମହିଳା ମାନଙ୍କର ସଶକ୍ତିକରଣରେ ସମସ୍ତେ ଆଗୁଆ ହେବା ଦରକାର । ଯେଉଁ ଛାତ୍ରଛାତ୍ରୀ ମାନେ ଏଠାରେ ଅଧ୍ୟୟନ କରିବେ ସେମାନେ ଆସନ୍ତାକାଲି ରୋଗୀ ମାନଙ୍କ ସେବାରେ ନିଜକୁ ନିୟୋଜିତ କରି ପ୍ରଶଂସିତ ହେବେ ବୋଲି ଉଦଘାଟକ କୁଳପତି ପ୍ରଫେସର ପଟ୍ଟନାୟକ ପ୍ରକାଶ କରିଥିଲେ । ସଂଚାଳନ କରିଥିଲେ ଏକାଡେମିକି କୋଡିନେଟର ବନ୍ଦନା ବେହେରା ଆଜି ବି.ଏସ.ନର୍ସିଂ କୋର୍ସରେ ୪୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଉତ୍ସବରେ ଦ୍ୱିତୀୟ କ୍ୟାମ୍ପସର ଅଧାପକ ଓ ଅଧାପିକା, ସୁଏଟ ର ସମସ୍ତ ସଭ୍ୟ ନିର୍ଦ୍ଦେଶକ ଓ ସମ୍ପାଦକ ସମେତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଯୋଗ ଦେଇଥିଲେ । ଶେଷରେ ଅଧାପିକା ଭାଗ୍ୟଲକ୍ଷ୍ମୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଲାଶୁଣୀ ଗୁମ୍ଫାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ

ଚଣ୍ଡିଖୋଲ ୨୪/୧(ପିଏନ)-ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଳିକା ପ୍ରସିଦ୍ଧ ଓଲାଶୁଣି ଗୁମ୍ଫା ମେଳାରେ ପାଟରା ପରିବାର ଆମେ ସବୁ ପାଟରା ଗ୍ରୁପ ତରଫରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ମହାପାତ୍ର ଉଦଘାଟନ କରି ବିଶ୍ୱସ୍ତରରେ ପ୍ରଦୂଷଣ ଜନିତ ସମସ୍ୟା ଦିନକୁ ଦିନ ଉତ୍କଟ ହେବାକୁ ଲାଗିଥିବା ବେଳେ ମାନବ ଜୀବନ ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହେବା ସହ ଭବିଷ୍ୟତ ପିଢି ପାଇଁ ଏକ ଅନିଶ୍ଚିତିତାର ବାତାବରଣ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଡେରାବିଶି ଥାନା ଅଧିକାରୀ ଉମାକାନ୍ତ ନାୟକ ଯୋଗଦେଇ ମନୁଷ୍ୟକୃତ ପ୍ରଦୂଷଣ ଜନିତ ସମସ୍ୟା ଯାହାକୁ ଚାହିଁଲେ ମଣିଷ ସମାଧାନ କରିପାରିବା ସହିତ ଆଗାମୀ ପିଢି ପାଇଁ ସୁସ୍ଥ ତଥା ନିରାମୟ ଭବିଷ୍ୟତ ତିଆରି କରିପାରିବ । ଅନ୍ୟମାନଙ୍କ ମଧ୍ୟରେ ପାଟରା ପରିବାର ସଂଘ ସଭାପତି ପ୍ରଦୀପ କୁମାର ଷେଣ୍ଠ, ସଂପାଦକ ବିଜୟ କୁମାର ସାହୁ, ଉପସଭାପତି ରୁପେଶ କୁମାର ପାତ୍ର, ଜନ୍ମେଜୟ ଷେଣ୍ଠ, ଲକ୍ଷ୍ମିଧର ବାନା, ବିଜୟ କୁମାର ବାନା, ଜଗନ୍ନାଥ ବାନା , ସୁଶାନ୍ତ ସାହୁ, ପ୍ରଦୀପ୍ତ ଷେଣ୍ଠ, ମୃତ୍ୟୁଞ୍ଜୟ ଷେଣ୍ଠ, ଜନ୍ମେଜୟ ବାନା, ପ୍ରଶାନ୍ତ ଷେଣ୍ଠ, ତପନ ଷେଣ୍ହ, ସଂଜୟ ସାହୁ, ସତ୍ୟାନନ୍ଦ ସମେତ ୫୦ରୁ ଉର୍ଦ୍ଧ୍ୱ ପାଟରା ସଂଘର ସ୍ୱେଚ୍ଛାସେବୀ ଓଲାଶୁଣୀ ଗୁମ୍ଫାର ପୂର୍ବ ଓ ଦକ୍ଷୀଣ ପାର୍ଶ୍ୱ ରେ ପଡ଼ିଥିବା ପ୍ଲାଷ୍ଟିକ ଓ ବର୍ଯ୍ୟବସ୍ତୁ ଗୁଡ଼ିକ ସଫା କରିଥିଲେ ।

ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଚଣ୍ଡିଖୋଲ ୨୪/୧(ପିଏନ)- ଆଜି ଚଣ୍ଡିଖୋଲ ଛକ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ଜେପିଏମ ରୋଟାରୀ କ୍ଲବ ଚକ୍ଷୁ ହସ୍ପିଟାଲ ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଚାଚାଲିନ ସ୍ୱାଇଁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ଥାନ ଅଧିକାରୀ ଦିପକ କୁମାର ଜେନା, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯୁବ ସମାଜ ସେବୀ ସଂଜୟ କୁମାର ସ୍ୱାଇଁ, ପ୍ରିୟବ୍ରତ ଖିଲାର, ନାଏବ ସରପଞ୍ଚ ମସିର ଆଲାମ, ପୂର୍ବତନ ସରପଞ୍ଚ ମନ୍ଦାକିନୀ ଜେନା, ପଦ୍ମନାଭ ରାଉତ, ଜେପିସି ରୋଟାରୀ କ୍ଲବ କଟକ ପକ୍ଷରୁ ଡ ମିସ ସୁଶ୍ରୀପଲ୍ଲବୀ, ସୁପ୍ରିତ କର, ସନ୍ଧ୍ୟା ସାଗରିକା ଦାସ, ସୁଚିତ୍ରା ଖୁଣ୍ଟିଆ, ସସ୍ମିତା ଓଝା, ପରେଶ କୁମାର, ସୁଧାଂଶୁ ପଟନାୟକ, ହରେକୃଷ୍ଣ ସାହୁ ଯୋଗ ଦେଇ ୧୫୦ ଚକ୍ଷୁ ରୋଗୀ ଙ୍କର ଚକ୍ଷୁପରୀକ୍ଷା କରାଯାଇ ସେଥି ମଧ୍ୟରୁ ୫୦ଜଣଙ୍କୁ ମୋତିଆ ବିନ୍ଦୁ ଅପରେସନ ପାଇଁ କଟକ ସିଡିଏ ସ୍ଥିତ ଜେପିଏମ ରୋଟାରୀ ଚକ୍ଷୁ ହସ୍ପିଟାଲକୁ ସ୍ଥାନାନ୍ତରୀତ କରିଥିଲେ ।



ମୋ ଓଡ଼ିଶା

ଆମେ ଓ ଆମ ପରିବେଶର ପଶୁପକ୍ଷୀ

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ । ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ । ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା'ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ । ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ । ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା'ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ'ଣ? ମଣିଷ ସ୍ୱାର୍ଥ ପାଇଁ କରୁଛି କ'ଣ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ । ଏକଥା ସେ ବୁଝିବା ଉଚିତ୍ । ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ'ଣ କରଣୀୟ ବା କଣ ବର୍ଜନୀୟ । ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା' ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ । ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ । ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି । ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି । ଜୀବେ ଦୟା ଧର୍ମ । ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ । ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି । ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି । ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ । ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ । ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ । ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ । ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି । ଏଥିପାଇଁ ୱାଇଲ୍‌ଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି । ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଠପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥା'ନ୍ତି । ଅନ୍ୟେ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି । ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା ।

ବିପିନବିହାରୀ ମହାନ୍ତି,
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ

ଆର୍ଯ୍ୟବ୍ରତ ଆନସିଏଂଟ୍ ଏକାଡେମୀରେ ନେତାଜୀ ଜୟନ୍ତୀ ଓ ପୁଷ୍ପ ପ୍ରଦର୍ଶନୀ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଆର୍ଯ୍ୟବ୍ରତ ଆନ୍‌ସିଏଂଟ୍ ଏକାଡେମୀରେ ନେତାଜୀ ଜୟନ୍ତୀ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ଡାଃ ନନ୍ଦକିଶୋର ପଟ୍ଟନାୟକ, ଅଧ୍ୟକ୍ଷା ଦିପ୍ତୀମୟୀ ମହାନ୍ତି, ଶୈକ୍ଷିକ ପରାମର୍ଶଦାତା ଚିତରଂଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଜୀବନାଦର୍ଶ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟୀ ହେବ ବୋଲି କହିଥିଲେ । ନାଟ୍ୟ ଶିକ୍ଷକ ଜଳଧର ପ୍ରଧାନ, ଅନନ୍ତଚରଣ ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ସର୍ମିଷ୍ଠା ମହାପାତ୍ର, ଦିବାକର ପାଇକରାୟ ଓ ପ୍ରେମଲତା ମହାରଣାଙ୍କ ନିର୍ଦ୍ଦେଶନାରେ ୧ମରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୁଷ୍ପ ପ୍ରଦର୍ଶନ ହୋଇଥିଲା । ଏଥିରେ ୩୫୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ଏବେ ବି ବଞ୍ଚିଛି ମାନବିକତା !

ବାଲିଚନ୍ଦ୍ରପୁର (ପିଏନ୍): ଓଡ଼ିଶାପ୍ରସିଦ୍ଧ ଐତିହାସିକ ଓଳାଶୁଣୀ ମେଳାର ଥିଲା ଦ୍ୱିତୀୟ ଦିବସ । ମେଳାରେ ଭରପୁର ଜନଗହଳି ଥିଲା ସନ୍ଧ୍ୟା ସମୟରେ । ଏହି ସମୟରେ ମେଳାର ଜନଗହଳିପୂର୍ଣ୍ଣ ପଡ଼ିଆରୁ ଏକ ମନପର୍ସଟିକୁ ପାଇଥିଲେ ଜନୈକ ଯୁବକ । କାହାର ଏ ମନିପର୍ସ, କ'ଣ କରିବେ ଏହାକୁ ଭାବି ଭାବି ଶେଷରେ ଆମ ପୋଲିସ ସହାୟତା କେନ୍ଦ୍ର ନିକଟରେ ପହଞ୍ଚିଥିଲେ । ତେବେ ଆମ ପୋଲିସ ସମିତିର ସଦସ୍ୟମାନଙ୍କ ଉଦ୍ୟମରେ ଯୋଗାଯୋଗ କରାଯାଇ ଜଣାପଡ଼ିଥିଲା ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳର ସୁନନ୍ଦା ପ୍ରଧାନ ଓ ତାଙ୍କ ପରିବାର ସଦସ୍ୟ ମେଳା ବୁଲିବା ପାଇଁ ଆସିଥିଲେ । ମେଳାରେ ବୁଲିବା ସମୟରେ ଅସାବଧାନତାବଶତଃ ଉକ୍ତ ମନିପର୍ସଟି କେଉଁଠାରେ ଗଳିପଡ଼ିଥିଲା । ଏହାକୁ କେନ୍ଦ୍ରାପଡ଼ା ଇନ୍ଦୁପୁର ଅଞ୍ଚଳର ସୁନିଲ ଗୋଚ୍ଛାୟତ ପାଇ ଆମ ପୋଲିସ ସହାୟତା କେନ୍ଦ୍ର ନିକଟରେ ପହଞ୍ଚାଇଥିଲେ । ଏଥିରେ ନଗଦ ୨ହଜାର ୪ଶହ ୪୦ ଟଙ୍କା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଏ.ଟି.ଏମ୍ କାର୍ଡ଼ ଥିଲା । ଯାହାକି ଅକ୍ଷୁର୍ଣ୍ଣ ଅବସ୍ଥାରେ ସୁନନ୍ଦାଙ୍କୁ ହସ୍ତାନ୍ତର କରାଯାଇଛି ।

ନୀରବଘାତକ: ଉଚ୍ଚ ରକ୍ତଚାପ

ଭାରତରେ ବୃଦ୍ଧି ପାଉଛି ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା । ପରିବର୍ତ୍ତନଶୀଳ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ବୃଦ୍ଧି ପାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୨୦୨୦ ବେଳକୁ ଭାରତରେ ଏକ ତୃତୀୟାଂଶ ଲୋକ ଉଚ୍ଚ ରକ୍ତଚାପର ଶିକାର ହେବେ । ୨୦୧୬ରେ ହୋଇଥିବା ଏକ ଗଣନାରୁ ଜଣାପଡ଼ିଛି ସହରାଞ୍ଚଳରେ ୨୦ରୁ ୪୦ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଥିବାବେଳେ ଗ୍ରାମାଞ୍ଚଳରେ ୧୨ରୁ ୧୭ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି । ଭାରତରେ ବର୍ଷକୁ ପ୍ରାୟ ୧.୫ ମିଲିୟନ ଲୋକ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାନ୍ତି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ବର୍ଷକୁ ୧୨.୮ ପ୍ରତିଶତ ଲୋକ ବିଭିନ୍ନ କାରଣରୁ ମୃତ୍ୟୁମୁଖରେ ପଡୁଥିବାବେଳେ ୭.୫ ମିଲିୟନ ଲୋକ କେବଳ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ସାଧାରଣତଃ ଉଚ୍ଚ ରକ୍ତଚାପ ବ୍ୟକ୍ତିକୁ ୪୦ ବର୍ଷ ଟପିଲା ପରେ ଦେଖାଯାଏ । ହେଲେ ଆଜିକାଲି ୨୦-୩୦ ବର୍ଷ ବୟସର ବ୍ୟକ୍ତି ବିଶେଷ କରି କଲେଜ ଛାତ୍ରମାନଙ୍କଠାରେ ଦେଖାଯାଉଛି । ଏଭଳି ଉଚ୍ଚ ରକ୍ତଚାପ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାର କାରଣ କ'ଣ ହୋଇପାରେ ! ପ୍ରମୁଖ କାରଣ ହେଉଛି-ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବ୍ୟକ୍ତି ସର୍ବଦା ଫାଷ୍ଟଫୁଡ୍, ଜଙ୍କଫୁଡ଼ ଓ ବାହାରେ ତିଆରି ହେଉଥିବା ତେଲ ମସଲା ଖାଦ୍ୟ ଖାଉଛି । ଯାହାକି ଉଚ୍ଚ ରକ୍ତଚାପ ବୃଦ୍ଧିର ମୁଖ୍ୟ କାରଣ । ଏହାଦ୍ୱାରା ରକ୍ତବାହୀ ନଳୀରେ କୋଲେଷ୍ଟେରଲ ବୃଦ୍ଧି ହୋଇ ନଳୀ ପଥକୁ ସରୁ କରିଦେଉଛି । ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଉଛି । ଆଜିକାଲିର ଲୋକମାନେ ଶାରୀରିକ ପରିଶ୍ରମ ବ୍ୟତୀତ ମାନସିକ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି । ଅଧିକ ଟଙ୍କା ଲୋଭ ହିଁ ବ୍ୟକ୍ତିକୁ ଶାରୀରିକ ପରିଶ୍ରମଠାରୁ ଦୂରେଇ ରଖୁଛି । ସମୟ ଅଭାବରୁ ମଧ୍ୟ ବ୍ୟକ୍ତି ବ୍ୟାୟାମ କରୁନି । ଏହାଦ୍ୱାରା ଶରୀରରେ ମେଦ ଜମା ହେଉଛି । ଯାହାକି ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ । ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହେଉଛି ଲୁଣ । ଆଡ଼େଡ୍ ଲୁଣ ଅର୍ଥାତ୍ ଖାଦ୍ୟ ପ୍ରସ୍ତୁତ ଅଧିକ ଲୁଣ ଛିଞ୍ଚି ଖାଇବାଦ୍ୱାରା ହିଁ ରକ୍ତଚାପ ବୃଦ୍ଧି ହୋଇଥାଏ । ଏଣୁ ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର । ଜଣେ ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଇବା ଦରକାର । ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଁ ଚିନ୍ତା ହେଉଛି ଅନ୍ୟତମ ଏକ ମୁଖ୍ୟ କାରଣ । ଆବଶ୍ୟକତାଠାରୁ ଅଧିକ କାମ କରିବାର ନିଶା, ଅଧିକ ଧନ ଅର୍ଜନ କରିବାର ପ୍ରୟାସ ହିଁ ମଣିଷକୁ ଚିନ୍ତାରେ ପକାଉଛି । ଚିନ୍ତାରେ ରହିବା ଯୋଗୁଁ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ବୃଦ୍ଧି ପାଏ । ସେହିପରି ଯୁବପିଢ଼ି ତମାଖୁ ତଥା ଗୁଟୁଖା, ବିଡ଼ି, ସିଗାରେଟ ଆଦି ଓ ଆଲ୍‌କୋହଲଯୁକ୍ତ ପାନୀୟ ଗ୍ରହଣ କରିବା ଯୋଗୁଁ ଶିରା ପ୍ରଶିରା ଦୁର୍ବଳ ହୋଇଯାଉଛି । ଏହାଦ୍ୱାରା ରକ୍ତ ଠିକ୍ ଭାବରେ ସଞ୍ଚାଳନ ହୋଇପାରେନାହିଁ । ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଉଛି । ଅନ୍ୟ ଏକ କାରଣ ହେଉଛି, ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ମଧ୍ୟ ଉଚ୍ଚ ରକ୍ତଚାପ ବୃଦ୍ଧି ହୋଇଥାଏ । ବେଳେବେଳେ ବୟସ୍କମାନଙ୍କ କ୍ଷେତ୍ରରେ ହର୍ମୋନର ଅନିୟମିତତା । ମହିଳାମାନଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବଟିକା ଓ ପେନ୍ କିଲର ଖାଇବା ଦ୍ୱାରା ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ । ଏହି ବଟିକା ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧେ । ଏହାଦ୍ୱାରା ରକ୍ତ ସଞ୍ଚାଳନ ସୁଚାରୁ ରୂପେ ନ ହୋଇପାରିବା ଯୋଗୁଁ ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ । ଅନେକ ହୁଏତ ଜାଣିନଥିବେ ଗାଢ଼ ନିଦ୍ରା ନ ହେଲେ ମଧ୍ୟ ଉଚ୍ଚରକ୍ତଚାପ ଦେଖାଯାଏ । ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର । ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା'ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ । ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ । ବ୍ରେନ୍, ହୃତ୍‌ପିଣ୍ଡ, କିଡ଼୍‌ନୀ ଓ ଆଖି ବିଶେଷ ପ୍ରଭାବିତ ହୋଇଥାଏ । ସମୟ ସମୟରେ ଉଚ୍ଚ ରକ୍ତଚାପ ଜୀବନ ନେଇଥାଏ । ହେଲେ ସବୁ ସମୟରେ ମଣିଷ ଜାଣିପାରେନାହିଁ ଯେ ସେ ଉଚ୍ଚ ରକ୍ତଚାପର ଶିକାର ହୋଇଛି । ବିନା ଚିକିତ୍ସାରେ ଏହା ଦୀର୍ଘଦିନ ଧରି ରହିବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍, ହୃଦ୍‌ଘାତ, କିଡ଼୍‌ନୀ ଫେଲ୍ୟୁୟର ଓ ରେଟିନା ଦୁର୍ବଳ ହୋଇଥାଏ । ଏହି ଅଙ୍ଗଗୁଡ଼ିକ କିପରି ପ୍ରଭାବିତ ହୁଏ ! ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମସ୍ତିଷ୍କ କ୍ଷେତ୍ରରେ ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଦୁଇ ପ୍ରକାର ବ୍ରେନ୍‌ଷ୍ଟ୍ରୋକ ହୋଇଥାଏ । ଇସଚେମିକ୍ ଷ୍ଟ୍ରୋକ୍ ଓ ହେମୋରେଜିକ୍ ଷ୍ଟ୍ରୋକ୍ । ବ୍ରେନ୍‌କୁ ସଂଯୋଗ ହୋଇଥିବା ରକ୍ତବାହୀ ନଳୀରେ ଜମାଟ ବାନ୍ଧିରେ ବ୍ରେନ୍‌କୁ ରକ୍ତ ସଞ୍ଚାଳନର ଫ୍ଲୋ କମିଯାଏ । ବ୍ରେନ୍‌କୁ ସଂଯୋଗ ରକ୍ତବାହୀ ନଳୀରେ କୋଲେଷ୍ଟରଲର ମାତ୍ରା ବୃଦ୍ଧି ପାଇଲେ ଇସଚେମିକ୍ ଷ୍ଟ୍ରୋକ ହୁଏ । ବ୍ରେନ୍ ଷ୍ଟ୍ରୋକର ପ୍ରାୟ ୮୦ ପ୍ରତିଶତ ଇସଚେମିକ୍ ଷ୍ଟ୍ରୋକ ହୋଇଥାଏ । ରକ୍ତଚାପ ଅତ୍ୟଧିକ ବୃଦ୍ଧି ପାଇଲେ ବ୍ରେନ୍‌କୁ ସଂଯୋଗ ହୋଇଥିବା ନଳୀ ଫାଟିଗଲେ ହେମୋରେଜିକ୍ ଷ୍ଟ୍ରୋକ ହୋଇଥାଏ । ଅନ୍ୟ ଏକ ସମ୍ବେଦନଶୀଳ ଚକ୍ଷୁ ଦେଖିବାରେ ଆଖି ସହ ସଂଯୋଗ ରେଟିନା ସହାୟକ ହୋଇଥାଏ । ଉଚ୍ଚ ରକ୍ତଚାପ ଯୋଗୁଁ ରେଟିନା ସହିତ ସଂଯୋଗ ଥିବା ରକ୍ତବାହୀ ନଳୀ ଦୁର୍ବଳ ହୋଇଯାଏ । ଏହାଦ୍ୱାରା ରେଟିନାକୁ ଉତ୍ତମ ଭାବେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ । ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଏ । ବ୍ୟକ୍ତିକୁ ଝାପ୍‌ସା ଝାପ୍‌ସା ଦେଖାଯାଏ । ସେହିପରି କିଡ଼୍‌ନୀ କ୍ଷେତ୍ରକୁ ଦେଖିଲେ, ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ଲାଗି ରହିଲେ କିଡ଼୍‌ନୀ ପ୍ରଭାବିତ ହୋଇଥାଏ । କିଡ଼୍‌ନୀ ରକ୍ତକୁ ଛାଣି ପରିଷ୍କାର କରିଥାଏ । ଆମ ଶରୀରରୁ ଅପରିଷ୍କାର ଦ୍ରବ୍ୟ ବାହାରକୁ ବାହାର କରିଥାଏ । ହେଲେ ଉଚ୍ଚ ରକ୍ତଚାପ ଯୋଗୁଁ ଅଧିକ ରକ୍ତ କିଡ଼୍‌ନୀକୁ ପ୍ରବାହିତ ହୋଇଥାଏ, ଏହାଦ୍ୱାରା କିଡ଼୍‌ନୀ ଉପରେ ଚାପ ପଡ଼େ । ଯାହାଦ୍ୱାରା କିଡ଼୍‌ନୀ ଦୁର୍ବଳ ହୋଇଯାଏ । ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ରହିଲେ କିଡ଼୍‌ନୀ ଅକାମୀ ହୋଇଥାଏ । ଶରୀରର ଅତ୍ୟନ୍ତ ଅପରିହାର୍ଯ୍ୟ ହୃତ୍‌ପିଣ୍ଡ, ଉଚ୍ଚ ରକ୍ତଚାପର ବିଶେଷ ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼େ । ରକ୍ତଚାପ ଉଚ୍ଚ ହେଲେ ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ । ଅଧିକ ସ୍ପନ୍ଦନ ଯୋଗୁଁ ହୃତ୍‌ପିଣ୍ଡର ମାଂସପେଶୀ ଦୁର୍ବଳ ହୋଯାଏ । ରକ୍ତଚାପ ବଢ଼ିବା ପରେ ରକ୍ତବାହୀ ନଳୀ ସରୁ ହୋଇଯାଏ । ଫଳରେ ହୃତ୍‌ପିଣ୍ଡକୁ ରକ୍ତ ସ୍ରୋତ କମିଯାଏ କିମ୍ବା ବନ୍ଦ ହୋଇଯାଏ । ଏହାଦ୍ୱାରା ହୃଦ୍‌ଘାତ ହୁଏ । ଉଚ୍ଚ ରକ୍ତଚାପର ନିରାକରଣ ପାଇଁ ପ୍ରଥମେ ଖାଦ୍ୟପେୟରେ ନିୟନ୍ତ୍ରଣ ରହିବା ଦରକାର । ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର । ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ । ଏହାଠାରୁ ଅଧିକ ଖାଇଲେ ଅସୁବିଧା । ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ଼୍ ପରି ଖାଦ୍ୟଠାରୁ ଦୂରେଇ ରହନ୍ତୁ । ସବୁଜ ପନିପରିବା ଓ ତଟକା ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ । ଆଜିକାଲି ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି । ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ । ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େନାହିଁ । ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର । ଏଥିପ୍ରତି ଅଧିକ ସଚେତନ ହେବା ଉଚିତ । ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ । ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହିବା ସହ ମେଦବୃଦ୍ଧି ହୁଏନାହିଁ କି ଉଚ୍ଚରକ୍ତ ଚାପର ସମସ୍ୟା ମଧ୍ୟ ଦେଖାଯିବନାହିଁ । ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟଠାରୁ ଦୂରେଇ ରହନ୍ତୁ । ବିଶେଷ କରି ଧୂମପାନଠାରୁ ଦୂରେଇ ରହିବା ଦରକାର । କାରଣ ଏହା ଶିରାପ୍ରଶିରାକୁ ସଙ୍କୁଚିତ କରିଦିଏ । ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ । ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର । ତେବେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିନେ ବି ବନ୍ଦ କରିବା ଉଚିତ ନୁହେଁ । ବି.ପି. ମେଡ଼ିସିନ ଗୋଟିଏ ଦିନ ବନ୍ଦ ହେଲେ ବି ବ୍ରେନ୍ ଷ୍ଟ୍ରୋକ, ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଯାଏ । ଏଣୁ ରୋଗୀ ଭୁଲରେ ବି ଔଷଧ ବନ୍ଦ କରିବା ଉଚିତ ନୁହେଁ । ଚିନ୍ତା, ଅତ୍ୟଧିକ କାମଠାରୁ ଦୂରରେ ରହି ଉପଯୁକ୍ତ ପରିମାଣ ତଥା ୬-୮ ଘଣ୍ଟା ଗାଢ଼ ନିଦ୍ରାରେ ଶୁଅନ୍ତୁ । ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ୨-୩ ମାସରେ ନିୟମିତ ଭାବରେ ଡାକ୍ତରଙ୍କ ପରାମର୍ଶ ନେବା ଦରକାର । କାରଣ ଔଷଧର ଡୋଜ୍ ପରିବର୍ତ୍ତନ କରିବାକୁ ପଡ଼ିପାରେ । ସର୍ବପ୍ରଥମେ ନିଜକୁ ଶାନ୍ତ ରଖିବା ସହ ବାହ୍ୟଚାପରୁ ମୁକ୍ତ ରହିବା ପାଇଁ ଚେଷ୍ଟା କରନ୍ତୁ । ସୁଷମ ଖାଦ୍ୟ, ଯୋଗ ପ୍ରାଣାୟମ ଖୁବ୍ ଭଲ । ସତ୍‌ଚିନ୍ତା ଓ ଆଧ୍ୟାତ୍ମିକ ସ୍ୱାଧ୍ୟାୟ ଅମୃତ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ । ସମସ୍ତ ନିଶାଦ୍ରବ୍ୟଠାରୁ ଦୂରେଇ ରହନ୍ତୁ, ଉପଯୁକ୍ତ ବିଶ୍ରାମ ନିଅନ୍ତୁ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବଦା ନିଜକୁ ବ୍ୟସ୍ତ ରଖନ୍ତୁ, ଦେଖିବେ ଉଚ୍ଚରକ୍ତଚାପ ଆପଣଙ୍କ ପାଇଁ ବିପଦପୂର୍ଣ୍ଣ ହେବନାହିଁ ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭

ଖୋର୍ଦ୍ଧା ଆଇନ୍ କଲେଜ୍‌ରେ ନେତାଜୀ ମହୋତ୍ସବ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଆଇନ୍ କଲେଜ ପରିସରରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସହ ନେତାଜୀ ମହୋତ୍ସବ ପରିଚାଳନା ସମିତି ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟ, କଲେଜ ଡେଭଲପ୍‌ମେଂଟ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷା ପ୍ରଫେସର ଡ. ସବିତା ଆଚାର୍ଯ୍ୟ ଯୋଗଦେଇ କଲେଜରେ ୫ ବର୍ଷିଆ ଇଂଟିଗ୍ରେଟେଡ୍ ଲ' ଖୋଲାଯିବା ପ୍ରସ୍ତାବ ବିଚାରାଧିନ ଥିବା କହିବା ସହ କମ୍ପୁଟର ଲାବୋରେଟରୀ ଉଦ୍‌ଘାଟନ କରିଥିଲେ । ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଏହି କଲେଜ ଖୋର୍ଦ୍ଧା ସ୍ୱାଭିମାନର ପ୍ରତୀକ ହୋଇଥିବାରୁ କଲେଜ ନାମରେ ଜାଗା ପ୍ରଦାନ କାମ ଅଟକିଥିବା ବେଳେ ତାହା ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ କଲେଜର ମୁଖପତ୍ର "କୌଟିଲ୍ୟ" କୁ ଉନ୍ମୋଚନ କରିବା ସହ ଛାତ୍ରଛାତ୍ରୀମାନେ ଦେଶ ଗଠନରେ ନେତାଜୀଙ୍କ ଭଳି କ୍ରାନ୍ତିକାରୀ ହେବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏହି କାର୍ଯ୍ୟକ୍ରମର ପୃଷ୍ଠପୋଷକ ଡା. ଧିରେନ୍ଦ୍ରନାଥ ପଟ୍ଟନାୟକ ନେତାଜୀଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିବା ସହ ଆଜାଦ୍ ହିନ୍ଦ୍ ଫୌଜ୍‌ରେ ଯୋଗଦେଇଥିବା ଚମ୍ପାଇଲୋ ଗ୍ରାମର ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ସର୍ବଶ୍ରୀ ପ୍ରଫେସର ଡ. ନାରାୟଣ ରାଓ, ଅବସରପ୍ରାପ୍ତ ମେଜର୍ ଜେନେରାଲ୍ ଡ. ରାଜେନ୍ଦ୍ର କୁମାର ସାମନ୍ତରାୟ, ବ୍ରିଗେଡିୟର ଅଭିମନ୍ୟୁ ରାଉତ, ବାର୍ କାଉନ୍‌ସିଲର ସଭାପତି ପ୍ରାଣକୃଷ୍ଣ ଦଳବେହେରା, ପଦ୍ମନାଭ ବିଶ୍ୱାଳ, ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ କଲେଜର ବିକାଶ ତଥା ନେତାଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୀମସେନ ପ୍ରଧାନ, ରାମ ଶଙ୍କର, ଇତିଶ୍ରୀ ସାହୁ, ପ୍ରମୋଦ ଚନ୍ଦ୍ର ପ୍ରତାପସିଂହ, କୁନ୍ତଳା କୁମାରୀ ସାମନ୍ତ, ଯୋଗୀନାଥ ରାଉତରାୟ, ଆଇନ୍‌ଜୀବୀ ରାମାଶିଶ୍ ଦାସ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ । ପୂର୍ବତନ ଅଧ୍ୟକ୍ଷ ଡ. ବୃନ୍ଦାବନ ପଣ୍ଡା ଓ ଡ. ଝରାଶ୍ରୀ ପାଇକରାୟଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କଲେଜ ସମ୍ପାଦକ ସୁଧୀର କୁମାର ମାନସିଂହ ସ୍ୱାଗତ ଭାଷଣ, ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା ବିବରଣୀ ପାଠ ଓ ଅଧ୍ୟାପିକା ପିଆଲି ବିଶ୍ୱାସ ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ପ୍ରକାଶ ଚନ୍ଦ୍ର ବେହେରା, ରାଜଲକ୍ଷ୍ମୀ ରଥ ଓ ଅବଦୁଲ ଜାଫର୍, ତାରାକାନ୍ତ ବଡ଼ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ସ୍ମୃତିପ୍ରଭା ପଣ୍ଡାଙ୍କ ଓଡ଼ିଶୀ ଦଶାବତାର ନୃତ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା ।

ମିରାମ୍ବିକାର ୫୦ ଟଙ୍କା ବିନିଯୋଗରେ ମହିଳା ଉଦ୍ୟୋଗୀ ତିଆରି କାରଖାନା

ଭୁବନେଶ୍ୱର (ପିଏନ୍): ମିରାମ୍ବିକା ତରଫରୁ ୫୦ ଟଙ୍କା ବିନିଯୋଗରେ ମହିଳା ଉଦ୍ୟୋଗୀ ତିଆରି କାରଖାନା କରିବା ପାଇଁ ଏକ ନିଆରା ପଦକ୍ଷେପ ନିଆଯାଇଛି । ସ୍ଥାନୀୟ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମିରାମ୍ବିକାର ପ୍ରତିଷ୍ଠାତା ଜୀବନଜ୍ୟୋତି ବାରିକ କହିଛନ୍ତି ଯେ, ମାତ୍ର ୫୦ ଟଙ୍କା ବିନିଯୋଗରେ ମହିଳାମାନେ ପେପର ବ୍ୟାଗ୍ ତିଆରି କରିପାରିବେ । ଏଥିପାଇଁ ଖବରକାଗଜ ଦୁଇକେଜି ୧୮ ଟଙ୍କା, ଅଠା ପ୍ରସ୍ତୁତ ପାଇଁ ମଇଦା ୧୦ ଟଙ୍କା, ସୁତୁଳି ୧୦ ଟଙ୍କା, କାର୍ଡ଼ବୋର୍ଡ଼ ୧୦ ଟଙ୍କା ଏବଂ ବ୍ଲେଡ଼ ୨ ଟଙ୍କା ଏହିପରି ମୋଟ ୫୦ ଟଙ୍କା ବିନିଯୋଗରେ ମହିଳାମାନେ ଘରେ ବସି ଦୈନିକ ୨୫୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ । ଏହି କାର୍ଯ୍ୟକ୍ରମରେ ୧୦୦୦ ମହିଳାମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା । ଏଥିରେ ଚଳଚ୍ଚିତ୍ର ଅଭିନେତା ବିଶ୍ୱରୂପ ଓ ଅଭିନେତ୍ରୀ ତନୁଷ୍କା ଯୋଗଦେଇ ମହିଳାମାନଙ୍କୁ ପେପର ବ୍ୟାଗ ତିଆରି କରିବା ପାଇଁ ପରାମର୍ଶ ଦେବା ସହ ମହିଳାମାନେ କିପରି ନିଜେ ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହୋଇପାରିବେ, ସେ ଦିଗରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ମିରାମ୍ବିକା ତରଫରୁ ବର୍ତ୍ତମାନ ସୁଦ୍ଧା ୩୦ ଲକ୍ଷ ମହିଳାଙ୍କୁ ତାଲିମ ଦିଆଯାଇଥିବା ବେଳେ ୨୦୨୦ ମସିହା ସୁଦ୍ଧା ଏକଲକ୍ଷ ମହିଳା ଉଦ୍ୟୋଗୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବାରିକ ସୂଚନା ଦେଇଛନ୍ତି ।

କଟକ ରେଲୱେ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଖାଦ୍ୟମେଳା

କଟକ (ପିଏନ୍): ପୂର୍ବତଟ ରେଳବାଇ କଟକ ତରଫରୁ ଖାଦ୍ୟମେଳା ଇନ୍‌ଷ୍ଟିଚ୍ୟୁଟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଇନ୍‌ଷ୍ଟିଚ୍ୟୁଟର କାର୍ଯ୍ୟକାରୀ ସଭାପତି ଡକ୍ଟର ଶେଖ ରହେମତୁଲ୍ଲାଙ୍କ ଅଧ୍ୟକ୍ଷତାରେ ଏହି ଖାଦ୍ୟମେଳା ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ ସିନିୟର ପବ୍ଲିକ ରିଲେସନ ଅଫିସର ରେଲୱେର ନିରାକାର ଦାସ, ଡକ୍ଟର କେ.ସି.ଗୌଡ଼ା, ଦୀପକ ପୃଷ୍ଟି ଯୋଗ ଦେଇଥିବା ବେଳେ ଇନଷ୍ଟିଚ୍ୟୁଟର କର୍ମକର୍ତ୍ତା ସୁରେଶ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ରେଲୱେ କର୍ମଚାରୀ ସହଧର୍ମିଣୀ ଓ ମହିଳା କର୍ମଚାରୀଙ୍କ ହତାରନ୍ଧା ଖାଦ୍ୟ ମେଳା ପରିବେଷଣ ହେବା ସହ ଭୁବନେଶ୍ୱରର ଦୁଇଜଣ ମହିଳା ରୋଷେଇ ପ୍ରଶିକ୍ଷକ ଉପାଲି ଅପରାଜିତା ବିଶ୍ୱାଳ ଓ ବୈଜନ୍ତୀ ସାହୁ ଯୋଗ ଦେଇ ଚାରିଦିନ ପାଇଁ ପଚାଶରୁ ଉର୍ଦ୍ଧ୍ୱ ମହିଳାମାନଙ୍କୁ ରୋଷେଇ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଦୀପ୍ତିକୁମାର ନାୟକ, କପିଳେନ୍ଦ୍ର ବେହେରା, ବିପିନ କୁମାର ସିଂହ, ପ୍ରସନ୍ନ କୁମାର ନାୟକ, ସତ୍ୟରଞ୍ଜନ ସିଂହ, ସୁନୀଲ କୁମାର ରାଉତରାୟ, ରବୀନ୍ଦ୍ର ସାହା, ଅତନୁ କୁମାର ଜେନା, ସବ୍ୟସାଚୀ ଷଡଙ୍ଗୀ, ରଞ୍ଜନ କୁମାର ତ୍ରିପାଠୀ, ସୁଶାନ୍ତ ରାୟ, ସୂର୍ଯ୍ୟନାରାୟଣ ମିଶ୍ର, ସନ୍ତୋଷ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ମାନିତ ଅତିଥି ନିରାକାର ଦାସ ମହିଳା ସଶକ୍ତିକରଣ ଉପରେ ଏହା ଏକ ଉତ୍ତମ ପଦକ୍ଷେପ ବୋଲି ଭୂୟଂଶୀ ପ୍ରଶଂସା କରିଥିଲେ । ଏହି ବୃହତ ଖାଦ୍ୟମେଳାରେ ଭାରତର ବିଭିନ୍ନ ରାଜ୍ୟର ଲୋକପ୍ରିୟ ଓ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ଥାନୀୟ ଖାଦ୍ୟ ପ୍ରସ୍ତୁତି ସହ ଆଦିବାସୀ ଜନଜାତିଙ୍କ ସ୍ୱତନ୍ତ୍ର ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ହୋଇଥିଲା । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା । ବର୍ଷର ନିୟମିତ କାର୍ଯ୍ୟକ୍ରମ ଭିତରେ ରେଳବାଇ କର୍ମଚାରୀଙ୍କ ପରିବାରବର୍ଗ ଓ ଖାଦ୍ୟପ୍ରେମୀ ମହିଳାମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇ ପ୍ରଦର୍ଶନୀ ହେବା ସହ ଏହା ବିଭିନ୍ନ ସମାଜସେବାଭିମୁଖୀ ସଙ୍ଗଠନକୁ ପ୍ରଦାନ କରାଯାଇଥାଏ । ଏହି କାର୍ଯ୍ୟକ୍ରମ ପାଇଁ ପୂର୍ବତଟ ରେଳବାଇ ଓ ଅନ୍ୟ ସଙ୍ଗଠନ ଠାରୁ ଏହି ଅନୁଷ୍ଠାନ ଭୂୟସୀ ପ୍ରଶଂସା ପାଇଛି ।

DISPLAY CLASSIFIED

FOR ADVERTISEMENT
CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ମୋ ସହର

୬୦% ଓଡ଼ିଆ ମହିଳା ନିଜେ ନିଜର ଜୀବନସାଥୀ ସନ୍ଧାନ କରିବାକୁ ପସନ୍ଦ କରନ୍ତି: ଓଡ଼ିଆ ମାଟ୍ରିମୋନିର ରିପୋର୍ଟ

ଭୁବନେଶ୍ୱର: ଓଡ଼ିଆଙ୍କ ପାଇଁ ଉପଯୁକ୍ତ ସାଥୀ ସନ୍ଧାନ କରିବାର ସେବା ପ୍ରଦାନ କରୁଥିବା ଭାରତ ମାଟ୍ରିମୋନିର ଅଗ୍ରଣୀ ସଂସ୍ଥା ଓଡ଼ିଆ ମାଟ୍ରିମୋନି ପକ୍ଷରୁ ଲକ୍ଷାଧିକ ପଂଜୀକୃତ ଗ୍ରାହକଙ୍କ ଜନସଂଖ୍ୟା ସମ୍ବନ୍ଧୀୟ ସ୍ୱରୂପର ସର୍ବେକ୍ଷଣ କରାଯାଇଛି ଏବଂ ସେଥିରୁ ଜଣାପଡ଼ିଛି ଯେ ଅଧିକାଂଶ ବ୍ୟକ୍ତିବିଶେଷ ନିଜେ ନିଜର ଜୀବନସାଥୀ ସନ୍ଧାନ କରିବାକୁ ପସନ୍ଦ କରନ୍ତି ।ଓଡ଼ିଆ ଭାଷାଭାଷୀ ଲୋକ ଏବଂ ସେମାନଙ୍କ ଜୀବନସାଥୀ ଚୟନର ପ୍ରାଥମିକତା ସମ୍ପର୍କରେ ରୋଚକ ତଥ୍ୟ ଜଣାପଡ଼ିଛି:

ବ୍ୟବହାରକାରୀଙ୍କ ସଂଖ୍ୟାରେ ୨୯% ମହିଳା ଓ ୭୧% ପୁରୁଷ ହୋଇଥିବା ବେଳେ ପୁରୁଷ ପଂଜୀକରଣକାରୀଙ୍କ ହାରାହାରି ବୟସ ୨୯ ବର୍ଷ ହୋଇଥିବା ବେଳେ ମହିଳାଙ୍କ ବୟସ ହେଉଛି ୨୬ ବର୍ଷ । ରୋଚକ ବିଷୟ ହେଉଛି ମହିଳାଙ୍କ କ୍ଷେତ୍ରରେ ୬୦% ମାଟ୍ରିମୋନି ପ୍ରୋଫାଇଲ୍‌କୁ ମହିଳାମାନେ ନିଜେ ସୃଷ୍ଟି କରିଛନ୍ତି । ସେହିଭଳି, ପୁରୁଷଙ୍କ ମଧ୍ୟରେ ୭୪% ପ୍ରୋଫାଇଲ୍‌କୁ ସେମାନେ ନିଜେ ସୃଷ୍ଟି କରିଛନ୍ତି । ମାତ୍ର ୭% ପ୍ରୋଫାଇଲ୍‌କୁ ଅଭିଭାବକମାନେ ସୃଷ୍ଟି କରିଥିବା ବେଳେ ବଳକା ପ୍ରୋଫାଇଲ୍‌କୁ ସଂପର୍କୀୟ ଓ ବନ୍ଧୁମାନେ ଖୋଲିଛନ୍ତି । ସାଥୀ ସନ୍ଧାନରେ ଥିବା ୩୬% ମହିଳା ପ୍ରୋଫାଇଲ୍ ୨୨-୨୫ ବର୍ଷର ହୋଇଥିବା ବେଳେ ୩୭%ର ବୟସ ବର୍ଗ ହେଉଛି ୨୬-୨୯ ବର୍ଷ । ପୁରୁଷ ପ୍ରୋଫାଇଲ୍ ଭିତରେ ସାଥୀ ସନ୍ଧାନରେ ଥିବା ଲୋକଙ୍କ ମଧ୍ୟରୁ ୩୪%ଙ୍କ ବୟସ ୨୫-୨୮ ବର୍ଷ ଏବଂ ୨୭%ଙ୍କ ବୟସ ବର୍ଗ ହେଉଛି ୨୯-୩୨ ବର୍ଷ । ୭% ମହିଳା ଓ ୧୦% ପୁରୁଷ ସେମାନଙ୍କ ଜାତି ବାହାରେ ଜୀବନ ସାଥୀ ସନ୍ଧାନ କରିବା ପାଇଁ ନିଜକୁ ଉନ୍ମୁକ୍ତ ରଖିଛନ୍ତି ।

ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ପଂଜୀକରଣ ହେଉଥିବା ସହରଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର, କଟକ, ଗଂଜାମ ଓ ବାଲେଶ୍ୱର । ଓଡ଼ିଶା ବାହାରେ ଅଧିକ ପଂଜୀକରଣ ବାଙ୍ଗାଲୋର, ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀରୁ ଆସୁଛି ।

ପୁରୁଷଙ୍କ ଶ୍ରେଷ୍ଠ ବୃତିଗୁଡ଼ିକ ହେଉଛି ବ୍ୟବସାୟ ମାଲିକ/ଉଦ୍ୟୋଗୀ ଏବଂ ତା' ପଛକୁ ରହିଛି ଏକ୍‌ଜିକ୍ୟୁଟିଭ୍ ଏବଂ ସଫ୍‌ଟୱେୟାର ବୃତିଧାରୀ ଏବଂ ମହିଳାଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଶିକ୍ଷାଦାନ/ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ୍ । ଶିକ୍ଷାଗତ ଯୋଗ୍ୟତା ଭିତରେ ପଂଜୀକରଣକାରୀଙ୍କ ମଧ୍ୟରେ କଳା ହେଉଛି ସବୁଠୁ ଲୋକପ୍ରିୟ ବର୍ଗ । ଏହା ପଛକୁ ରହିଛି ପ୍ରଯୁକ୍ତି ଓ ବୃତିଗତ ପାଠ୍ୟକ୍ରମ ।୨୭% ମହିଳା ଓ ୧୨% ପୁରୁଷ ଚାହାନ୍ତି ସେମାନଙ୍କ ଜୀବନସାଥୀଙ୍କ ଶିକ୍ଷାଗତ ଯୋଗ୍ୟତା ମାଷ୍ଟର ଡିଗ୍ରି କିମ୍ବା ତା'ଠାରୁ ଅଧିକ ହୋଇଥାଉ ।ମୋବାଇଲ୍ ଓ ଇଂଟରନେଟ୍ ଧାରା ଅନୁସାରେ, ୯୧% ଓଡ଼ିଆ ମାଟ୍ରିମୋନି ସଦସ୍ୟ ସେମାନଙ୍କ ଜୀବନସାଥୀକୁ ମୋବାଇଲ୍ ବ୍ୟବହାର କରି ସନ୍ଧାନ କରନ୍ତି ।

ଏହି ରୋଚକ ଧାରା ବିଷୟରେ ମତ ଦେଇ ମୁରୁଗାଭେଲ୍ ଜାନକୀରାମ, ପ୍ରତିଷ୍ଠାତା ଓ ସିଇଓ, ମାଟ୍ରିମୋନି ଡଟ୍ କମ୍ କହିଛନ୍ତି ଯେ, "ବିଗତ ୨୦ ବର୍ଷ ଭିତରେ, ଓଡ଼ିଆ ମାଟ୍ରିମୋନି ଲକ୍ଷ ଲକ୍ଷ ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ପାଇଁ ଜୀବନ ସାଥୀ ଖୋଜିବାର ଏକ ନମ୍ବର ପସନ୍ଦ ହୋଇପାରିଛି । ଲକ୍ଷ ଲକ୍ଷ ଓଡ଼ିଆ ସେମାନଙ୍କ ଜୀବନ ସାଥୀ ଏଠାରେ ପାଇଛନ୍ତି ଏବଂ ଭାରତ ଓ ସାରା ଦୁନିଆରେ ଥିବା ଏହି ଜୀବନ୍ତ ଓଡ଼ିଆ ସମ୍ପ୍ରଦାୟରେ ଆମେ ବ୍ୟବହାରକାରୀ ବଢ଼ାଇବା ଜାରି ରଖିଛୁ । ଓଡ଼ିଶା ଆମ ପାଇଁ ଏକ ବଡ଼ ଅଗ୍ରାଧିକାର ବଜାର ଏବଂ ଅଧିକରୁ ଅଧିକ ଓଡ଼ିଆଙ୍କୁ ସେମାନଙ୍କ ଜୀବନସାଥୀ ସନ୍ଧାନ କରିବାରେ ସହାୟତା କରିବା ଲାଗି ଆମେ ଆମର ଉଦ୍ୟମକୁ ତ୍ୱରାନ୍ୱିତ କରିଛୁ ।''

ଏସ୍‌ପ୍ଲାନେଡ଼ ୱାନର ସାଧାରଣତନ୍ତ୍ର ଦିବସ ଅଫର

ଭୁବନେଶ୍ୱର,୨୪/୧ : ରାଜ୍ୟର ଅଗ୍ରଣୀ ମଲ ଏସ୍‌ପ୍ଲାନେଡ଼ ୱାନର ସାଧାରଣତନ୍ତ୍ର ଦିବସ ସପ୍ତାହନ୍ତକୁ ଗ୍ରାହକଙ୍କ ନିମନ୍ତେ ସରସସୁନ୍ଦର କରିବା ଉଦ୍ଦେଶ୍ୟରେ ୩ ଦିନିଆ ୫୦% ରିହାତି ଘୋଷଣା କରିଛନ୍ତି । 'ଅସଲୀ ହାପିନେସ୍ ୱାଲା ସେଲ'ର ଅଂଶ ଭାବେ ଏହି ରିହାତି ବିକ୍ରି ଜାନୁୟାରୀ ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ବିକ୍ରୟରେ ପ୍ରାୟ ୫୦ଟି ବ୍ରାଣ୍ଡ ରହିବ । ଗ୍ରାହକଙ୍କ ପାଇଁ ଅବିଶ୍ୱନୀୟ ରିହାତି ଓ ଆନନ୍ଦକୌତୁକ ମଧ୍ୟ ଏହି ସମୟରେ ଉପଲବ୍‌ଧ ହେବ । ଲାଇଫଷ୍ଟାଇଲ, ମାର୍କସ୍ ଏଣ୍ଡ ସ୍ପେନସର, ୟୁଏସ୍ ପୋଲୋ, ରିଲାଏନ୍‌ସ ଟ୍ରେଣ୍ଡ, ସାମସୋନାଇଟ, ଦି ବଡ଼ି ସପ୍ ଆଦି ବ୍ରାଣ୍ଡର ସାମଗ୍ରୀ ଗ୍ରାହକ ଏହି ସମୟରେ କ୍ରୟ କଲେ ୫୦% ରିହାତି ପାଇପାରିବେ । ସେହିପରି କପଡ଼ା ବ୍ରାଣ୍ଡ ପିଟର ଇଂଲଣ୍ଡ ଓ ଆଲେନ ସୋଲେରେ ଯଥାକ୍ରମେ ୩ରେ ୩ ବିନା ମୂଲ୍ୟରେ ଓ ୨ରେ ୨ ବିନା ମୂଲ୍ୟରେ ପ୍ରଦାନ କରାଯିବ ।ଦ ଏହି ବିକ୍ରି ଅଫର ସଂପର୍କରେ ଏସ୍‌ପ୍ଲାନେଡ଼ ୱାନର କେନ୍ଦ୍ର ନିର୍ଦ୍ଦେଶକ ପାର୍ଥ ନାୟକ କହିଛନ୍ତି ଯେ, ଗ୍ରାହକଙ୍କ ନିମନ୍ତେ ସାଧାରଣତନ୍ତ୍ର ଦିବସ ସ୍ମରଣୀୟ କରିବା ପାଇଁ ସଂସ୍ଥା ଚାହେଁ । ଏଥିପାଇଁ ସଂସ୍ଥା ଏକାଧିକ କିସମ ଅଫର ପ୍ରଦାନ କରୁଛି । ଗ୍ରାହକମାନେ ମନେ ରଖିବା ପରି ଅନୁଭବ ସର୍ବଦା ପ୍ରଦାନ କରିବା ପାଇଁ ସଂସ୍ଥା ଚାହେଁ । ଖାଦ୍ୟପ୍ରେମୀଙ୍କ ପାଇଁ ଏସ୍‌ପ୍ଲାନେଡ଼ ୱାନ କେଏଫସି, ଏସିଆ ୭, ଡ଼ୋମିନୋଜ୍ ଓ ଚାଏ ବ୍ରେକ ସହ ବୁଝାମଣା କରିଛି । ଏମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖାଦ୍ୟ ପରିବେଷଣ କରିବେ ଏବଂ ଏହାର ମୂଲ୍ୟ ୯୯ ଟଙ୍କାରୁ ଆରମ୍ଭ ହେବ । ଏହି ଅବସର ପାଇଁ ଏକାଧିକ ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି । ୨୫୦୦ ଟଙ୍କା ବା ତାଠାରୁ ଉର୍ଦ୍ଧ ଟଙ୍କାର ସାମଗ୍ରୀ କ୍ରୟ କରୁଥିବା ଗ୍ରାହକଙ୍କ ପାଇଁ ଦୈନିକ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ଲାଭର ସୁଯୋଗ ରହିଛି । ସାପ୍ତାହିକ ଲଟେରୀରେ ଘରୋଇ ଉପକରଣ ସହ ଜଣେ ଭାଗ୍ୟଶାଳୀ ବିଜେତା ବିଏମଡ଼ବ୍ଲ୍ୟୁ ବାଇକ ଜି-୩୧୦-ଆର, ସୁଜୁକି ଇନଟ୍ରୁଡ଼ର ବାଇକ, ଆମ୍ପିୟର ଇଲେକ୍ଟ୍ରିକ୍ ସ୍କୁଟର ଲାଭ କରିବାର ସୁଯୋଗ ରହିଛି ।

ସାମସଙ୍ଗ ପକ୍ଷରୁ ଭାରତରେ ଗ୍ୟାଲେକ୍ସି ଏସ୧୦ ଲାଇଟର ଶୁଭାରମ୍ଭ

ଭୁବନେଶ୍ୱର-ଭାରତର ସବୁଠାରୁ ଅଧିକ ବିଶ୍ୱସନୀୟ ଉପଭୋକ୍ତା ଇଲେକ୍ଟ୍ରାନିକ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ, ଭାରତରେ ଗ୍ୟାଲେକ୍ସି ଏସ୧୦ ଲାଇଟର ଶୁଭାରମ୍ଭର ଘୋଷଣା କରିଛି । ଗ୍ୟାଲେକ୍ସି ଏସ୧୦ ଲାଇଟ ପ୍ରୋଗ୍ରେଡ କ୍ୟାମେରା ଓ ଉନ୍ନତ ବୈଶିଷ୍ଟ୍ୟକୁ ସାମିଲ କରିଛି ଏବଂ ଯୁବପିଢୀମାନଙ୍କର ପୃଥକ ଆବଶ୍ୟକତାରେ ପହଁଞ୍ଚିବା ପାଇଁ ଏହାର ଡିସପ୍ଲେ, କ୍ୟାମେରା ଓ ପ୍ରଦର୍ଶନରେ ଅଭୁତପୂର୍ବ ବିକାଶ ସହିତ ଆସିଛି । ଏକ ଶ୍ରେଷ୍ଠ ମଲଟିଟାସ୍କିଙ୍ଗ ପାଇଁ ଗ୍ୟାଲେକ୍ସି ଏସ୧୦ ଲାଇଟ ୮ଜିବି ର୍‌ୟାମ ଏବଂ ୧୨୮ଜିବି ଇଣ୍ଟରନାଲ ମେମୋରି ସହିତ ଆସିଛି । ଗ୍ୟାଲେକ୍ସି ଏସ୧୦ ଏକ ୪,୫୦୦ ମେଗାହର୍ଜ ବ୍ୟାଟେରୀ ସାମିଲ କରିଛି, ଯାହାକି ଆପଣଙ୍କ ଫୋନର ଶକ୍ତିକୁ ବୁଦ୍ଧିମତାର ସହ ପରିଚାଳନା କରିଥାଏ ଏବଂ ଏହାର ୨୫ୱାଟ ଦ୍ରୁତ ଚାର୍ଜିଙ୍ଗ ଟେକ୍ନୋଲୋଜି ସହ ଚାର୍ଜ ହେବା ପାଇଁ ଖୁବ କମ ସମୟ ନେଇଥାଏ । ଗ୍ୟାଲେକ୍ସି ଏସ୧୦ ଲାଇଟ ଗେମ ବୁଷ୍ଟର ଏବଂ ପରଫରମାନ୍ସ ମନିଟରରେ ବ୍ୟବସ୍ଥିତ ହୋଇଆସିଛି ଯାହାକି ଆପଣଙ୍କ ଗେମିଙ୍ଗ ଅନୁଭୂତିକୁ ଅନ୍ୟ ଏକ ସ୍ତରକୁ ନେଇଯିବ

"ଗ୍ୟାଲେକ୍ସି ଏସ୧୦ ଲାଇଟ ଆମର ଯୁବପିଢ଼ୀ ଉପଭୋକ୍ତାମାନଙ୍କ ପାଇଁ ବାଣିଜ୍ୟ ଅଗ୍ରଣୀ ଅଭିନବତା ଯୋଗାଇଦେବାର ଆମର ଅବିରତ ପ୍ରୟାସର ଏକ ପରିପ୍ରକାଶ ।" ବୋଲି ସାମସଙ୍ଗ ଇଣ୍ଡିଆ, ମୋବାଇଲ ବିଭାଗର ବରିଷ୍ଠ ଉପାଧକ୍ଷ ଶ୍ରୀ ଅସିମ ୱାର୍ଶି କହିଛନ୍ତି । ଏହି ବହୁ ପ୍ରତିକ୍ଷିତ ଶୁଭାରମ୍ଭ ଉପରେ ଫ୍ଲିପକାର୍ଟର ମୋବାଇଲ-ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ଆଦିତ୍ୟ ସୋନି କହିଛନ୍ତି ଯେ, "ଫ୍ଲିପକାର୍ଟରେ ଆମେ ଭାରତୀୟ ଉପଭୋକ୍ତାମାନଙ୍କ ପାଇଁ ସୁଲଭ ମୂଲ୍ୟରେ କଟିଙ୍ଗ-ଏଜ ଟେକ୍ନାଲୋଜି ଏବଂ ଶ୍ରେଷ୍ଠ ବର୍ଗର ଉତ୍ପାଦ ଆଣିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ।"

ପ୍ରିଜମ ହ୍ୱାଇଟ, ପ୍ରିଜମ ବ୍ଲାକ ଏବଂ ପ୍ରିଜମ ବ୍ଲୁ ରଙ୍ଗରେ ଉପଲବ୍ଧ ଏହି ଗ୍ୟାଲେକ୍ସି ଏସ୧୦ ଲାଇଟର ମୂଲ୍ୟ ୩୯,୯୯୯ଟଙ୍କା ରହିଛି । ଆସନ୍ତା ଜାନୁଆରୀ ୨୩ରୁ ଫେବୃଆରୀ ୩ ପର୍ଯ୍ୟନ୍ତ ପ୍ରାୟତଃ ଫ୍ଲିପକାର୍ଟ, ସାମସଙ୍ଗ.କମ ଏବଂ ଅଗ୍ରଣୀ ରିଟେଲ ଷ୍ଟୋରଗୁଡ଼ିକରେ ଆପଣ ଗ୍ୟାଲେକ୍ସି ଏସ୧୦ ଲାଇଟର ପ୍ରିବୁକିଙ୍ଗ ମଧ୍ୟ କରିପାରିବେ । ଗ୍ୟାଲେକ୍ସି ଏସ୧୦ ଲାଇଟର ବିକ୍ରୟ ଫେବୃଆରୀ ୪ରୁ ଆରମ୍ଭ ହେବାକୁ ଯାଉଛି । ଗ୍ରାହକମାନେ ଗ୍ୟାଲେକ୍ସି ଏସ୧୦ ଲାଇଟର ପ୍ରି-ବୁକିଙ୍ଗ କରି ଗୋଟିଏ ଥର ପାଇଁ ୧୯୯୯ଟଙ୍କାର ସ୍କିନ ରିପ୍ଲେସମେଣ୍ଟ ପାଇପାରିବେ, ଯାହାକି ଗୋଟିଏ ବର୍ଷ ମଧ୍ୟରେ ଦୁର୍ଘଟଣା ଜନିତ ସ୍କିନ ଡ୍ୟାମେଜକୁ ମଧ୍ୟ ସାମିଲ କରିଥାଏ ଏବଂ ଆଇସିଆଇସିଆଇ ବ୍ୟାଙ୍କର କ୍ରେଡିଟ କାର୍ଡ ସହିତ ୩୦୦୦ଟଙ୍କାର ଅତିରିକ୍ତ କ୍ୟାସବ୍ୟାକ ମଧ୍ୟ ରହିଛି ।

ଆଧ୍ୟାତ୍ମିକତା ବିକାଶରେ ଓଡ଼ିଶୀ ସଂକୀର୍ତ୍ତନର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର / ବାଲିଅନ୍ତା / ଫୁଲନଖରା / ବାରଙ୍ଗ / କଟକ, (ପିଏନ) : ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବ ଆଞ୍ଚଳିକ ସଂକୀର୍ତ୍ତନ ମହାମଣ୍ଡଳୀର ବିଂଶତମ ବାର୍ଷିକ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ପବିତ୍ର ତ୍ରିବେଣୀ ଅମାବାସ୍ୟା ତିଥିରେ ଆଜି ପୂର୍ବାହ୍ନରେ କଟକ-ଭୁବନେଶ୍ୱର ମହାନଗରନିଗମ ସୀମାରେ ଥିବା ଲକ୍ଷେଶ୍ୱର ମହାଦେବଙ୍କ ପୀଠସ୍ଥଳୀରେ ମହନ୍ତ ନଳିନୀ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫୨ଗୋଟି ସଂକୀର୍ତ୍ତନ ମଣ୍ଡଳୀର ୪୦୦ ରୁ ଉର୍ଦ୍ଧ୍ୱ କଳାକାର ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶା ମୋ ପରିବାରର ଆବାହକ ମୁମ୍ବାଇର ପୂର୍ବତନ ପୋଲିସ୍ କମିଶନର ଅରୂପ ପଟ୍ଟନାୟକ, ବିଧାୟକ ସୁଶାନ୍ତ କୁମାର ରାଉତ, ଡକ୍ଟର ଅରବିନ୍ଦ ଢାଲି, ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଅଲେଖ କୁମାର ଜେନା, ଉତ୍କଳ ସମ୍ମିଳନୀ ସଭାପତି ଡକ୍ଟର ଅଦ୍ୱୈତ କୁମାର ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ମିଶ୍ର, କବିତା ମଞ୍ଜରୀ ପରିଡ଼ା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଭାଷ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଶାନ୍ତ କୁମାର ଦାସ, ସରପଞ୍ଚ ରଶ୍ମିତା ସାହୁ, ସମିତିସଭ୍ୟ ମହେଶ୍ୱର ଦାସ, ପୂର୍ବତନ କର୍ପୋରେଟର ଗାୟତ୍ରୀ ଲେଙ୍କା, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ନାଥ, ସମାଜସେବୀ ପଦ୍ମନାଭ ପଟ୍ଟନାୟକ, ଶିବ ଚରଣ ଜେନା, ଯଜ୍ଞାଶୀଷ ମହାପାତ୍ର, ଯୁବନେତା ଅକ୍ଷୟ କୁମାର ଲେଙ୍କା, ଅଧ୍ୟାପକ ଡକ୍ଟର ଯୁଧିଷ୍ଠିର ଖଟୁଆ, ଡକ୍ଟର ପ୍ରଭାକର ଦାସ, ଭାଜପା ନେତା ଦିଲ୍ଲୀପ କୁମାର ମଲ୍ଲିକ, ସୁଶାନ୍ତ କୁମାର ମଲ୍ଲିକ, ବସନ୍ତ କୁମାର ନାୟକ ଯାଦବ ସଂଘର ସଭାପତି ଧନେଶ୍ୱର ବେହେରା, ସମ୍ପାଦକ ଧ୍ରୁବଚରଣ ବେହେରା, କୃଷ୍ଣକେଶବ ଆପଟ୍ଟ, ସୁରେଶ ବେହେରା, ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ଉତ୍କଳୀୟ ଆଧ୍ୟାତ୍ମିକ, ସାମାଜିକ, ବିକାଶରେ ଓଡ଼ିଶୀ ସଂକୀର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ପିଲା ଜନ୍ମର ଏକୋଇଶିଆ ଉତ୍ସବଠାରୁ ଆରମ୍ଭ କରି ମୃତ୍ୟୁପରେ ଶବ ଶୋଭାଯାତ୍ରା ଚତୁର୍ଦ୍ଦଶ ଦିବସ ମୋକ୍ଷ କାର୍ଯ୍ୟକ୍ରମରେ ଓଡ଼ିଶୀ ସଂକୀର୍ତ୍ତନ ଯୁଗଯୁଗ ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା, ଦୋଳମେଳଣ, ଦୁର୍ଗାପୂଜା ଓ ପ୍ରତ୍ୟେକ ପୂଜା ପାର୍ବଣରେ ଓଡ଼ିଶୀ ସଂକୀର୍ତ୍ତନ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସଂକୀର୍ତ୍ତନ ସେବକ ଲକ୍ଷ୍ମୀଧର ବେହେରା ସ୍ୱାଗତ ଜଣାଇବା ବେଳେ ପବିତ୍ର ମୋହନ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ, ଉପଦେଷ୍ଟା ଆଶୁତୋଷ ସାମନ୍ତରାୟ, ଜଗଦାନନ୍ଦ ରାଉତରାୟ, ଯୁଧିଷ୍ଠିର ପରିଜା, କିଶୋର କୁମାର ବରାଳ, ଦେବେନ୍ଦ୍ର ମହାନ୍ତି, ଅର୍ଜୁନ ପରିଡ଼ା ପ୍ରମୁଖ ସଂକୀର୍ତ୍ତନ ପରିଚାଳନା କରିଥିଲେ । ଅଧିକାରୀ ଚୈତନ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସଂକୀର୍ତ୍ତନ କଳାକାରଙ୍କ ସମେତ ୫୦୦ ରୁ ଉର୍ଦ୍ଧ୍ୱ କଳାକାର ଓ କଳାପ୍ରେମୀଙ୍କୁ ଉତ୍ତରୀୟ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏକ ନୂଆ ଲକ୍ଷ୍ୟ ସହ କୋଲ୍‌କାତାରେ ପହଞ୍ଚିଛି ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍ ୨୦୧୯-୨୦

ଭୁବନେଶ୍ୱର: ୟୁନିଭର୍ସ ଅଫ୍ ପ୍ରାଇଡ୍‌କୁ ଜୀବନ୍ତ କରି ସେଲିବ୍ରେଟେଡ୍ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍ ପାରମ୍ପରିକ ରନୱ୍ୱେ ଶୋ'ଏହାର ୧୫ତମ ସଂସ୍କରଣରେ ଫ୍ୟାଶନର ଏକ ନୂତନ ଚେହେରାକୁ ଉନ୍ମୋଚନ କରିବାକୁ ଯାଉଛି । ଏହି ଟୁର୍ କୋଲ୍‌କାତାଠାରେ ପ୍ରଖ୍ୟାତ ଫ୍ୟାଶନ ଡିଜାଇନର୍ ଅନାମିକା ଖାନ୍ନାଙ୍କ ସହ ଆରମ୍ଭ ହୋଇଛି, ଯିଏକି ନିଜର ଆକର୍ଷଣୀୟ ଡିଜାଇନ୍‌ଗୁଡିକ ମାଧ୍ୟମରେ ଅସାଧାରଣ କଳାର ଉଜାଗର କରି ଏକ ଚମତ୍କାର ଅଭିଜ୍ଞତା ପ୍ରଦାନ କରିଥିଲେ । ଶୋ'ର ଭବ୍ୟତାକୁ ଆହୁରି ବୃଦ୍ଧି କରି ଶୋଜଟପର୍ ଅର୍ଜୁନ କପୁର ଓ ଜାହ୍ନଭି କପୁର ଅନାମିକାଙ୍କ ମାଷ୍ଟରପିସ୍‌ଗୁଡିକୁ ପରିଧାନ କରି ଖୁବ୍ ସୁନ୍ଦର ଦେଖାଯାଉଥିଲେ । ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର୍‌ର ପ୍ରତିଷ୍ଠିତ ୧୫ତମ ବର୍ଷ କ୍ୟୁରେଟର-ଇନ୍-ଚିଫ୍ ଭାବେ ଡିଜାଇନର୍ ଆଶିଷ ସୋନି ଓ ଇଣ୍ଡଷ୍ଟ୍ରୀ ଥଟ୍ ଲିଡର୍ ଫ୍ୟାଶନ ଡିଜାଇନ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ (ଏଫ୍‌ଡିସିଆଇ) ସହ ଏକ ସ୍ୱତନ୍ତ୍ର ସହଭାଗିତା ମାଧ୍ୟମରେ ଏକ ନୂତନ ଫର୍ମାଟ୍ ନେଇ ଆସିଛି । ଫ୍ୟାଶନ ଉପରେ ନିଜର ଧ୍ୟାନକେନ୍ଦ୍ରିତ କରି ଏହି ଟୁର୍ ଫ୍ୟାଶନର ଫେଷ୍ଟିଭାଲ୍‌କୁ ଉପସ୍ଥାପନ କରିବା ସହ ଏହାର ୩ଟି ମୁଖ୍ୟ ବିଷୟବସ୍ତୁ କ୍ରାଫ୍ଟ, ବ୍ଲେଣ୍ଡ ଓ ଆଇଡେଂଟିଟି ମାଧ୍ୟମରେ ଏକ ୟୁନିଭର୍ସ ଅଫ୍ ପ୍ରାଇଡ୍ ସୃଷ୍ଟି କରିବ ।

ଅଷ୍ଟମ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଉଦଯାପିତ

ଭୁବନେଶ୍ୱର,(ପିଏନ)- ସରକାରୀ ଉଚ୍ଚବିଦ୍ୟାଳୟ, ୟୁନିଟ୍-୧ ପରିସରରେ ଅଷ୍ଟମ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା(ଇନସ୍ପେୟାର)କୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପା ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆଙ୍କ ଦ୍ୱାରା ଉଦଯାପିତ ହୋଇଯାଇଛି । ଏହି ଉଦଯାପନ ସନ୍ଧ୍ୟାରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପା ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ, ଡଃ କାର୍ତ୍ତିକ ଚନ୍ଦ୍ର ଦାସ ଏଡିପି, ଓସେପା, ବିବେକ କୁମାର, ଏନଆଇଏଫ, ନୂଆଦିଲ୍ଲୀ, ବରିଷ୍ଠ ପ୍ରୋଗ୍ରାମ ଅଫିସର, ଶ୍ରୀମତୀ ବନ୍ଦନା ମହାପାତ୍ର ଜିଲ୍ଲା ଶିକ୍ଷାଧିକାରୀ ଖୋର୍ଦ୍ଧା ।

ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ସସ୍ମିତା ମାଳି ଓ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶ୍ରୀସଂଗୀତା ପଣ୍ଡା ଆଦି ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିଭାବରେ ଯୋଗଦେଇ କୁନିକୁନି ବୈଜ୍ଞାନିକମାନଙ୍କୁ ବିଜ୍ଞାନ ଭିତିକ ପ୍ରେରଣା ପ୍ରଦାନ କରିଥିଲେ । ୩୦ଟି ଜିଲ୍ଲାରୁ ୧୪୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ସ୍ୱତନ୍ତ୍ର ଭାବରେ ଶ୍ରୀ ଚିନ୍ମୟ କୁମାର ଦାସଙ୍କୁ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ କଳା ଉତ୍ସବର ବାଳକ ବର୍ଗରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରରେ ୨ୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧୭ଜଣ କୃତି ପ୍ରକଳ୍ପଧାରୀଙ୍କୁ ଜାତୀୟ ସ୍ତରରେ ଭାଗନେବା ପାଇଁ ମନୋନୀତ କରାଯାଇ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ମଧ ଶୁଭଶ୍ରୀ ସ୍ୱାଇଁ(ଖୋର୍ଦ୍ଧା), ଅରବିନ୍ଦ ଦେହୁରୀ(ଅନୁଗୁଳ), ଜ୍ୟୋତି ବାରିକ(ବଲାଙ୍ଗୀର), ବିପ୍ଳବ କୁମାର ଘୋଷ(ବାଲେଶ୍ୱର), ଜୟନ୍ତ ସାହୁ(ବରଗଡ଼), ଚୁଡ଼ାମଣି ମେହେର, ମଲ୍ଲିକା ଶେଷ, ତିତୀକ୍ଷା ବେହେରା(ବରଗଡ଼), ମଧୁସ୍ମିତା ପାତ୍ର(ଗଞ୍ଜାମ), ସୁଶ୍ରୀ ରିତୁରେଶ୍ମା ସ୍ୱାଇଁ(ଗଞ୍ଜାମ), ଅଭିପ୍ସା ଭୋଳ(ଜଗତସିଂହପୁର), ସ୍ମୃତି ରଞ୍ଜନ ଜେନା(ପୁରୀ), ରୁଦ୍ରପ୍ରସାଦ ଦଳେଇ(ରାୟଗଡ଼ା), ଆକାଶ ବେରା(ସୁନ୍ଦରଗଡ଼), ଆକାଶ ଚନ୍ଦ୍ର ସାହୁ(ଢେଙ୍କାନାଳ)ରୁ ମନୋନୀତ ହୋଇ ଜାତୀୟ ସ୍ତରରେ ଓଡ଼ିଶାରୁ ଭାଗନେବା ପାଇଁ ସ୍ବୀକୃତ ହୋଇଛନ୍ତି ।

ଅଧିକରୁ ଅଧିକ ପିଲା ବିଜ୍ଞାନ ଭିତିକ କାର୍ଯ୍ୟକ୍ରମରେ ଯୋଗଦେଲେ ନୂତନ ବୈଜ୍ଞାନିକ ଚିନ୍ତାଧାରାର ଅଭିବୃଦ୍ଧି ଘଟିବ ତଥା ଆଜିର ଜାତୀୟ ସ୍ତରକୁ ଯାଉଥିବା ପିଲାମାନଙ୍କର ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟାର ପରିସର ପରିବ୍ୟାପ୍ତ ହେବା କଥା ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଅନ୍ୟମାନଙ୍କ ମଧ୍ୟରେ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୋନାମିକା ରାୟ, ଡ. ଗୌରହରି ମିଶ୍ର, ଅଦ୍ୱୈତ ବଳିଆରସିଂ, ନଳୀନି ପଟ୍ଟନାୟକ, ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଦୀପ କୁମାର ମିଶ୍ର, ଅମୂଲ୍ୟ କୁମାର ମହାନ୍ତି, ସନ୍ଧ୍ୟା ମହାପାତ୍ର, ଶାନ୍ତା ଦାସ, ତୋଫାନ କୁମାର ରାଉତରାୟ ଆଦି ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀ ଦୀପକ ଦାସ । ପରିଶେଷରେ ୟୁନିଟ୍-୧ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜାତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋଏୟାର ୩ ବର୍ଷ ଧରି ବାର୍ଷିକ ୩୦% ଲେଖାଁଏ ଅଭିବୃଦ୍ଧି

ନୂଆଦିଲ୍ଲୀ,୨୪/୧ : ଗ୍ରାହକଙ୍କ ସହଯୋଗ ଓ ଆସ୍ଥା ଯୋଗୁଁ ଗୋଏୟାର ଗତ ୩ ବର୍ଷ ଧରି ବାର୍ଷିକ ୩୦% ଲେଖାଁଏ ଅଭିବୃଦ୍ଧି କରିଚାଲିଛି । ୨୦୧୯ ନଭେମ୍ବର ମସିହା ମଧ୍ୟରେ ଗୋଏୟାର ଦେଶର ବିଶ୍ୱସନୀୟ ତଥା ସର୍ବନିମ୍ନ ସଂଖ୍ୟକ ଉଡ଼ାଣ ବାତିଲ କରିଥିବା ଏୟାରଲାଇନ୍ ଭାବେ ସ୍ୱୀକୃତି ପାଇଛି । ଲଗାତର ୧୫ ମାସ ଧରି ଏହା ସଠିକ୍ ସମୟ ଦକ୍ଷତା ମଧ୍ୟ ପ୍ରଦର୍ଶନ କରିଆସିଛି । ୧୪୪ଟି ଏୟାରବସ ଏ୩୨୦ ନିଓ ବିମାନ କ୍ରୟ ପାଇଁ ବରାଦ ଦେଇ ଗୋଏୟାର ୨୦୨୫ ମସିହା ସୁଦ୍ଧା ଦ୍ୱିଅଙ୍କ ଅଭିବୃଦ୍ଧି ହାସଲ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି । ଗତ ୪ ସପ୍ତାହ ଧରି ଅଣନିର୍ଦ୍ଧାରିତ ଭାବେ କଂପାନୀ ଉଡ଼ାଣ ବାତିଲ କରିଛି । ସଂପ୍ରତି ବ୍ୟବସାୟିକ ସହଯୋଗୀ ସଂସ୍ଥା ଏୟାରବସ ଓ ପ୍ରାଟ ଏଣ୍ଡ ହ୍ୱିଟନି ୨୦୨୦ ମାର୍ଚ୍ଚ ୯ ତାରିଖ ସୁଦ୍ଧା ପୂର୍ବ ଚୁକ୍ତି ମୁତାବକ ବିମାନ ଓ ଇଞ୍ଜିନ ଯୋଗାଣ ପାଇଁ ଅକ୍ଷମତା ପ୍ରକାଶ କରିଛନ୍ତି ବୋଲି କଂପାନୀ ମୁଖପାତ୍ରଙ୍କ ସୂତ୍ରରୁ ପ୍ରକାଶ । ଫଳରେ ଆମର ବିମାନ ଚଳାଚଳ ସୂଚୀ ବାଧାପ୍ରାପ୍ତ ହେଉଛି । ଏହାଦ୍ୱାରା କେତେକ ଧାର୍ଯ୍ୟ ଉଡ଼ାଣ ଆମକୁ ବାତିଲ କରିବା ପାଇଁ ଆମେ ବାଧ୍ୟ ହେଉଛୁ । ଯାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ନକରିବା ପାଇଁ ଏହି ଉଡ଼ାଣଗୁଡ଼ିକ ଆମେ ଯଥେଷ୍ଟ ପୂର୍ବରୁ ବାତିଲ କରୁଛୁ । ଏହାସତ୍ତ୍ୱେ ଉଡ଼ାଣ ବାତିଲ ଗ୍ରାହକଙ୍କୁ ଅସୁବିଧାର ସମ୍ମୁଖୀନ କରାଇବ, ଏଥିପାଇଁ ଆମେ ଗ୍ରାହକଙ୍କ ନିକଟରେ ଦୁଃଖୀ କ୍ଷମାପ୍ରାର୍ଥୀ । ଯଥାଶୀଘ୍ର ସମ୍ଭବ ଏହି ସମସ୍ତ ଉଡ଼ାଣ ଆରମ୍ଭ ପାଇଁ ଆମେ ଏୟାରବସ ଓ ପ୍ରାଟ ଏଣ୍ଡ ହ୍ୱିଟନିର ସହଯୋଗ ଆଶା କରୁଛୁ । ଆମେ ଗ୍ରାହକଙ୍କୁ ଏକଥା ସୂଚାଇବାକୁ ଚାହୁଁ ଯେ ଆମର ବ ର୍ମାନ ଚଳାଚଳ ସୂଚୀ ଏୟାରବସ ଓ ପ୍ରାଟ ଏଣ୍ଡ ହ୍ୱିଟନି ଦେଇଥିବା ପ୍ରତିଶ୍ରୁତି ଭି ିରେ ପ୍ରସ୍ତୁତ କରାଯାଇଛି । ଆମର ଯୋଜାନାବଦ୍ଧ ଅଭିବୃଦ୍ଧି ପାଇଁ ଗୋଏୟାର ପ୍ରତିବର୍ଷ ୧୨-୧୫ଟି ବିମାନ ୨୦୨୫ ମସିହା ସୁଦ୍ଧା ହସ୍ତଗତ କରିବ । ଗ୍ରାହକଙ୍କୁ ସଠିକ୍ ସମୟରେ ବିଶ୍ୱସନୀୟ ସେବା ଯୋଗାଣ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି କଂପାନୀ ମୁଖପାତ୍ର କହିଛନ୍ତି ।

ପ୍ରାକ୍ ବଜେଟ୍ ମନ୍ତବ୍ୟ: ଭିଲେଜ୍ ଫାଇନାନ୍ସିଆଲ ସର୍ଭିସେସ୍ (ଭିଏଫ୍‌ଏସ୍)

ଭୁବନେଶ୍ୱର: ପ୍ରମୁଖ ମାନଦଣ୍ଡଗୁଡ଼ିକର ପ୍ରାରମ୍ଭିକ ସଙ୍କେତରୁ ଅର୍ଥନୈତିକ ସ୍ଥିତିରେ ସୁଧାର ହେଉଥିବା ଜଣାପଡୁଥିବା ବେଳେ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ବଜେଟ୍ ୨୦୨୦ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ବ୍ୟାଙ୍କିଙ୍ଗ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ଲାଗି ସରକାର ଆଗରୁ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ଆସନ୍ତା ଆର୍ଥିକ ବର୍ଷରୁ ଋଣ ପ୍ରଦାନ କ୍ଷମତା ବଢ଼ାଇବ । ମାତ୍ର ଆବଶ୍ୟକ ପରିମାଣର ଋଣ ଚାହିଦା ସୃଷ୍ଟି କରିବା ଆହ୍ୱାନ ହୋଇ ରହିବ । ସରକାରଙ୍କ ସେହି ସ୍ଥିତିର ମୁକାବିଲା କରିବାକୁ ପଡ଼ିବ ଏବଂ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଋଣ ଚାହିଦାରେ ପୁନରୁଦ୍ଧାର କରିବା ଲାଗି ଭିତିଭୂମି ନିବେଶ ଯୋଜନା ଭଳି ପୁନଶ୍ଚ ସଂସ୍କାର ଆଣିବାକୁ ହେବ । ଏମଏସଏମଇଗୁଡ଼ିକ ହେଉଛି ଆୟ ଏବଂ ନିଯୁକ୍ତି ସୃଷ୍ଟିର ପ୍ରମୁଖ ଉତ୍ସ, କିନ୍ତୁ ନିକଟ ଅତୀତରେ ଏହି କ୍ଷେତ୍ରକୁ ବ୍ୟାପକ ଋଣ ଉପଲବ୍ଧତା ପ୍ରଭାବିତ ହୋଇଛି । ସେମାନଙ୍କୁ ସୁଲଭ ମୂଲ୍ୟର ଫାଇନାନ୍ସ ସୁବିଧା ଉପଲବ୍ଧକୁ ନିଶ୍ଚିତ କରାଇବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ହେବ । ପୁନଶ୍ଚ, ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ କ୍ଷୁଦ୍ର ଏବଂ କୁଟୀର ଶିଳ୍ପର ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଯାହା ହେଉଛି ଗ୍ରାମୀଣ ଉଦ୍ୟମିତାର ମୁଳଦୁଆ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପ୍ରମୁଖ କାରକ । ଏକ "ଫଣ୍ଡ ଅଫ୍ ଫଣ୍ଡସ୍" ଗଠନ କରିବା ଲାଗି ଆମେ ମାନ୍ୟବର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ ଯାହାକୁ ଏମ୍‌ଏଫଆଇ ଓ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ହାସଲ କରିପାରିବେ ।ଏମ୍‌ଏଫ୍‌ଆଇଗୁଡ଼ିକ ଯେହେତୁ ସମାଜର ଗରିବରୁ ଅତି ଗରିବ ଲୋକଙ୍କୁ ସେବା ପ୍ରଦାନ କରୁଛନ୍ତି ତେଣୁ ସେମାନେ ପ୍ରଦାନ କରୁଥିବା ସେବା ଉପରୁ ଜିଏସଟି ଛାଡ଼ କରିବାକୁ ଆମେ ସରକାରଙ୍କୁ ଆହ୍ୱାନ ଦେଉଛୁ ।

ଦେଶ୍‌କି ଭାଷା ସହ ଭାରତର ୭୧ତମ ଗଣତନ୍ତ୍ର ଦିବସର ପାଳନ କରିଛି ଟିକ୍‌ଟକ୍

ଭୁବନେଶ୍ୱର(ପିଏନ) : ଗଣତନ୍ତ୍ର ଦିବସରେ ଜନପଥଠାରେ ଆକର୍ଷଣୀୟ ପରେଡ୍ ସହ ଦେଶର ବିଭିନ୍ନ ଅଂଶରେ ସ୍କୁଲ୍ ପିଲାମାନେ ଦେଶାତ୍ମବୋଧ ସଙ୍ଗୀତ ଗାଇ, ବିଭିନ୍ନ ପ୍ରଦର୍ଶନ କରି ଓ ତ୍ରିରଙ୍ଗା ପତାକା ଉଡାଇ ନିଜର ଦେଶପ୍ରେମଭାବନାକୁ ପ୍ରକାଶ କରିବା ଏକ ସାଧାରଣ ପରମ୍ପରା । ଚଳିତ ବର୍ଷ ଟିକ୍‌ଟକ୍ ସମୁଦାୟ ମଧ ଭାରତର ୭୧ତମ ଗଣତନ୍ତ୍ର ଦିବସକୁ ପାଳନ କରିବା ପାଇଁ ଏହି ଉତ୍ସବରେ ସାମିଲ ହୋଇଛି । ଭାରତର ବିବିଧ ସଂସ୍କୃତିକୁ ଜୀବନ୍ତ ରଖି ବିଶ୍ୱର ପ୍ରମୁଖ ସର୍ଟ-ଫର୍ମ ମୋବାଇଲ ଭିଡିଓ ଡେଷ୍ଟିନେସନ୍ ଟିକ୍‌ଟକ୍ ଏହାର ଗଣତନ୍ତ୍ର ଦିବସ ଅଭିଯାନ ୪ଦେଶ୍‌କି ଭାଷାର ଉନ୍ମୋଚନ କରିଛି, ଯାହାର ଭ୍ୟୁ ସଂଖ୍ୟା ୪୧୫ ମିଲିୟନ୍‌ରେ ପହଞ୍ଚିଛି । ଏହି ଅଭିଯାନ ଉପଭୋକ୍ତାମାନଙ୍କୁ ନିଜ ନିଜର ମାତୃଭାଷାରେ ଟିକ୍‌ଟକ ସମୁଦାୟକୁ ଶୁଭେଚ୍ଛା ଜଣାଇ ଏହି ଐତିହାସିକ ଦିନକୁ ପାଳନ କରିବାକୁ ପ୍ରୋତ୍ସାହିତ କରୁଛି । ଦେଶ୍‌କିଭାଷା ଭାରତର ବିବିଧ ସଂସ୍କୃତିର ଏକ ପ୍ରତିଛବି ଏବଂ ଏହାର ୨୦୦ ମିଲିୟନର ମଜଭୁତ ଉପଭୋକ୍ତା ସମୁଦାୟ ଏହି ସ୍ୱତନ୍ତ୍ର ଦିନକୁ ପାଳନ କରିବା ପାଇଁ ଟିକ୍‌ଟକ୍‌ରେ ଏକତ୍ରିତ ହେଉଛନ୍ତି ।

ଏହି ଅଭିଯାନ ଏବେ ଲାଇଭ୍ ରହିଥିବା ବେଳେ ଏହା ଆସନ୍ତା ଜାନୁଆରୀ ୨୭ ତାରିଖ ୨୦୨୦ ପର୍ଯ୍ୟନ୍ତ ପରିଚାଳିତ ହେବ । ଏହି ଅଭିଯାନର ଅଂଶଭାବେ ଟିକ୍‌ଟକ୍ ସର୍ଟ ଇନ୍-ଆପ୍ କ୍ୱିଜଗୁଡ଼ିକର ମଧ ଆୟୋଜନ କରିବ, ଯେଉଁଠାରେ ଉପଭୋକ୍ତାମାନଙ୍କ ଭାରତ ସମ୍ବନ୍ଧିତ ତଥ୍ୟ ଓ ଜ୍ଞାନ ପରୀକ୍ଷା କରାଯିବ । ଏହି ଖୁସିର ଅବସରରେ ଟିକ୍‌ଟକ୍ ଏହାର ସମସ୍ତ ଉପଭୋକ୍ତାଙ୍କୁ ୭୧ତମ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଉଛି । ଟିକ୍‌ଟକ୍‌ରେ ସାମିଲ ହୁଅନ୍ତୁ ଓ ଏହି ପ୍ରତିଭାବାନ ଉପଭୋକ୍ତାଙ୍କ ଜୀବନ୍ତ ସମୁଦାୟର ଏକ ଅଂଶ ହୁଅନ୍ତୁ, ଯାହା ବିବିଧତା ମଧ୍ୟରେ ଏକତା ପ୍ରସଙ୍ଗକୁ ବିଶ୍ୱାସ କରିଥାଏ; ଯାହା ବାସ୍ତବରେ ଆମ ଦେଶକୁ ପରିଭାଷିତ କରିଥାଏ ।

ଖଣି କ୍ଷେତ୍ରରେ ଚାପ ଯୋଗୁ ଜୀବନଜୀବିକାରେ ବାଧା ସୃଷ୍ଟି ହୋଇଛି:ଏଫ୍‌ଆଇଡିଆର୍

ଭୁବନେଶ୍ୱର : ଦେଶରେ ଖଣି କ୍ଷେତ୍ରରେ ପଡୁଥିବା ଚାପ ଯୋଗୁ ଜୀବନଜୀବିକାରେ ବହୁବିଧ ବାଧା ସୃଷ୍ଟି ହୋଇଛି । ଏନେଇ ଭାରତର ଅଗ୍ରଣୀ ସାମାଜିକ ସଂସ୍ଥା ଫୋରମ୍ ଫର୍ ଇଂଟିଗ୍ରେଟେଡ୍ ଡେଭଲପମେଂଟ୍ ଆଣ୍ଡ୍ ରିସର୍ଚ୍ଚ(ଏଫ୍‌ଆଇଡିଆର୍) ପକ୍ଷରୁ ୫ଟି ରାଜ୍ୟରେ ସର୍ଭେ କରାଯାଇ ଏକ ରିପୋର୍ଟ ଉପସ୍ଥାପନ କରାଯାଇଛି ।ସର୍ଭେରେ ଦେଶର ୬୦ ପ୍ରତିଶତ ଲୋକ ଖଣିକ୍ଷେତ୍ରରେ ଅନୁଭୁତ ହେଉଥିବା ଚାପ ଯୋଗୁ ସେମାନଙ୍କର ଜୀବନ ଶୈଳୀରେ ପରିବର୍ତନ ଆସିଥିବା ସ୍ୱୀକାର କରିଛନ୍ତି । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ହେବାରୁ ମାନସିକ ଚାପ ବଢ଼ିବାରୁ ୬୫ ପ୍ରତିଶତ ପାରିବାରିକ ହିଂସା ବଢୁଥିବା ଏହି ରିପୋର୍ଟରେ ଦର୍ଶାଯାଇଛି । ଗୋଆ ଏବଂ କର୍ଣାଟକରେ ଏଭଳି ଘଟଣା ସର୍ବାଧିକ ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି । ଫଳରେ ଏକ ତୃତୀୟାଂଶ ଲୋକ ସେମାନଙ୍କର ସନ୍ତାନଙ୍କୁ ଶସ୍ତା ବିକଳ୍ପ ଉପଲବ୍ଧ କରାଇବାକୁ ପସନ୍ଦ କରିଛନ୍ତି । ସରକାରଙ୍କ ତ୍ରୁଟିଯୁକ୍ତ ଖଣି ନୀତି ଯୋଗୁ ଏଭଳି ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି ।'ମାଇନିଂ, ଏ ପ୍ରୁଡେଂଟ୍ ପ୍ରସ୍‌ପେକ୍ଟିଭ୍' ନାମକ ଏହି ରିପୋର୍ଟରେ ଗୋଆ, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଏବଂ କର୍ଣାଟକରେ ହୋଇଥିବା ସର୍ଭେ ରିପୋର୍ଟକୁ ସ୍ଥାନୀତ କରାଯାଇଛି । ସର୍ଭେରେ ସମାଜର ସମସ୍ତ ବର୍ଗର ଲୋକଙ୍କୁ ସାମିଲ୍ କରାଯାଇଥିଲା ।ଖଣି କ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା କେବଳ ଏଠାରେ କାମ କରୁଥିବା ଲୋକଙ୍କ ଜୀବନଶୈଳୀକୁ ପ୍ରଭାବିତ କରିନାହିଁ । ବରଂ ଏହା ସେମାନଙ୍କ ପରିବାର ତଥା ସେମାନଙ୍କର ଜୀବନଜୀବିକା ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଛି । ଏହାର ପ୍ରଭାବ ସର୍ବାଧିକ ମହିଳା ଏବଂଛୋଟ ପିଲାଙ୍କ ଉପରେ ପଡ଼ିଛି । ଖଣି କ୍ଷେତ୍ରରେ ସହଜରେ କାମ ମିଳୁଥିବା ୭୦ ପ୍ରତିଶତ ଲୋକ ସର୍ଭେ ସମୟରେ ନିଜର ମତାମତ ଦେଇଥିଲେ । ଜୀବନ ଜୀବିକା ଉପରେ ପ୍ରଭାବ ପଡ଼ିବାରୁ ମାନସିକ ସ୍ଥିତି ଦୁଃସ୍ଥ ହୋଇଥିବା ୨୭ ପ୍ରତିଶତ ଲୋକ ସର୍ଭେ ସମୟରେ ପ୍ରକାଶ କରିଥିଲେ ।ଏସମ୍ପର୍କରେ ଏଫ୍‌ଆଇଡିଆର୍‌ର ମେଂଟର ଚାରୁଦତ ପାଣିଗ୍ରାହୀ କୁହନ୍ତି, ଏହି ରିପୋର୍ଟରେ ଭାରତର ସାଧାରଣ ଲୋକଙ୍କ ସ୍ୱରକୁ ସ୍ଥାନୀତ କରାଯାଇଛି । ଖଣି ଏବଂଶକ୍ତି କ୍ଷେତ୍ର ଦ୍ୱାରେ ସମାନଙ୍କ ରଜୀବନଶୈଳୀ କିଭଳି ପ୍ରଭାବିତ ହେଉଛି ତାହା ସେମାନେ ପ୍ରକାଶ କରିଛନ୍ତି । ଦେଶ ଆଗାମୀ ଦିନରେ ୫ ଟ୍ରିଲିୟନ୍ ଡଲାର ଅର୍ଥ ବ୍ୟବସ୍ଥାରେ ପରିଣତ ହେବାକୁ ଯାଉଥିବାବେଳେ ଖଣି କ୍ଷେତ୍ରରେ ଜାରି ରହିଥିବା ଅସ୍ଥିରତା ଏହି କ୍ଷେତ୍ରରେ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି ।ଏହି ରିପୋର୍ଟରେ ଉଭୟ ପ୍ରାଇମେରୀ ଏବଂ ସେକେଣ୍ଡାରୀ ଷ୍ଟେକ୍‌ହୋଲଡରଙ୍କ ସମ୍ପର୍କରେ ପ୍ରକାଶ ପାଇଛି । ସରକାରଙ୍କ ନିକଟରେ ଏହାର ଉପସ୍ଥାନ ଦ୍ୱାରା ଖଣି ନୀତିରେ ପରିବର୍ତନର ଆଶା ରହିଛି । ଖଣି କ୍ଷେତ୍ରରେ ବିକଳ୍ପ ନିଯୁକ୍ତି ସୁଯୋଗ ରହିଛି । ଭାରତ ସମଗ୍ର ବିଶ୍ୱରେ କୋଇଲା ଉତ୍ପାଦନରେ ରତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଲୌହ ଉତ୍ପାଦନରେ ଚତୁର୍ଥ, ଇସ୍ପାତ ଉତ୍ପାଦନରେ ୫ମ ଏବଂ ଆଲୁମିନିୟମ୍ ଉତ୍ପାଦନ କ୍ଷେତ୍ରରେ ୮ମ ସ୍ଥାନ ହାସଲ କରିପାରିଛି । କୋଇଲା, ଲୌହ, ଇସ୍ପାତ, ଆଲୁମିନିୟମ, ଚୂନପଥର ଆଦି ଭାରତର ଆର୍ଥିକ ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହାଦ୍ୱାରା ବାର୍ଷିକ ୮ ବିଲିୟନ୍ ଫରେନ୍ ଏକ୍ସଚେଞ୍ଜ୍ ସମ୍ପନ୍ନ ହୋଇଥାଏ । ଦେଶର ଜିଡ଼ିପିରେ ୨୦୧୧-୨୦୧୨ରେ ଖଣିକ୍ଷେତ୍ରରେ ଯୋଗଦାନ ୩ ପ୍ରତିଶତ ଥିବାବେଳେ ୨୦୧୮-୧୯ରେ ଏହା ୨.୬ ପ୍ରତିଶତକୁ ଖସି ଆସିଛି ।ଏସମ୍ପର୍କରେ ଏଫ୍‌ଆଇଡିଆର୍‌ର ନିର୍ଦ୍ଦେଶକ ସିଦ୍ଧାର୍ଥ ବେହେରା କୁହନ୍ତି,ଖଣିକ୍ଷେତ୍ର କିଭଳି ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି ସେନେଇ ଦିଲ୍ଲୀରେ ଏକ ଦିନିକିଆ ଆଲୋଚନା ଚକ୍ର ୨୦୨୦ ଜାନୁୟାରୀ ୨୩ରେ ଅନୁଷ୍ଠିତ ହୋଇଯାଇଛି । ଖଣି କ୍ଷେତ୍ରରେ ଜାରି ରହିଥିବା ଚାପ ଯୋଗୁ ସାଧାରଣ ଲୋକଙ୍କ ଜୀବନଜୀବିକା, ପିଲାଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଉପରେ ବହୁବିଧ ପ୍ରଭାବ ପଡୁଥିବା ଉପସ୍ଥିତ ପ୍ୟାନେଲିଷ୍ଟ୍‌ମାନେ ନିଜର ସହମତି ପ୍ରକାଶ କରିଛନ୍ତି ।ଦେଶର ୫ଟି ରାଜ୍ୟରେ ହୋଇଥିବା ସର୍ଭେରୁ ଏହା ଜଣାପଡ଼ିଛି ଯେ, ଖଣିକ୍ଷେତ୍ର ରାଜ୍ୟର ଜିଡ଼ିପିରେ ୧୨ ପ୍ରତିଶତ ଯୋଗଦାନ କରିଥାଏ । ଗୋଆରେ ଖଣିକ୍ଷେତ୍ର ଉପରେ ରୋକ ଲାଗିବା ଦ୍ୱାରା ୩୪ ବିଲିୟନ୍ ଟଙ୍କାର ରାଜସ୍ୱ ଉପରେ ପ୍ରଭାବ ପଡିଛି । ଏହା ପ୍ରସ୍ତାବି୍ ୫ ଟ୍ରିଲିୟନ୍ ଡଲାର ଅର୍ଥ ବ୍ୟବସ୍ଥା ଉପରେ ମଧ ପ୍ରଭାବ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି । ଖଣିକ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା ଯୋଗୁ ଗୋଆର ୩ ଲକ୍ଷ ଲୋକଙ୍କ ଜୀବନଶୈଳୀ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଛି । ଗୋଆ, ଓଡ଼ିଶା ଏବଂ କର୍ଣାଟକରେ ଖଣି ଉପରେ ଲଗାତାର ରୋକ ଲାଗିବା ଦ୍ୱାରା ଏସବୁ ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଫଳରେ ନିବେଶକ ବିଶ୍ୱାସନୀୟତା ହରାଇବାରେ ଲାଗିଛନ୍ତି । ଏହାଦ୍ୱାରା ସମ୍ପୃକ୍ତ ରାଜ୍ୟଗୁଡ଼ିକର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Saturday January 25 ଭୁବନେଶ୍ୱର ଶନିବାର, ଜାନୁଆରୀ ୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

ପ୍ରଥମ ଟି-୨୦ରେ ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଏକ ସଟ୍ ଖେଳୁଛନ୍ତି ଶ୍ରେୟସ ଆୟର

ଦୁଇ ମୂର୍ତ୍ତି ଚୋର ଗିରଫ

ଧର୍ମଶାଳା, ୨୪।୧ (ପି.ଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଭବାନୀପୁର ପଞ୍ଚାୟତ ଅନ୍ତର୍ଗତ ଭୁବନ ମଠରୁ ହୋଇଥିବା ରାଧାକୃଷ୍ଣଙ୍କ ମୂର୍ତ୍ତି ଓ ବିଭିନ୍ନ ପୂଜାସାମଗ୍ରୀ ଚୋରି ଘଟଣାରେ ଦୁଇଜଣ ଚୋରଙ୍କୁ ପୁଲିସ୍ ଗିରଫ କରିଛି । ଗିରଫ ଚୋର ଭୁବନ ଗ୍ରାମର ରତନ ପାଢୀ ଓ ଚହଟା ଗ୍ରାମର ପରିକ୍ଷିତ ମହାନ୍ତିଙ୍କୁ ପୁଲିସ ଆଜି ଚଣ୍ଡିଖୋଲ କୋର୍ଟ ଚାଲଣ କରିଛି । ପ୍ରକାଶ ଯେ, ଭୁବନ ଗ୍ରାମଦେବତୀ ଭୁବନେଶ୍ୱରୀ ମନ୍ଦିର ପରିସରରେ ଥିବା ମଠରେ ଚୋରମାନେ ତାଲା ଭାଙ୍ଗି ପିତ୍ତଳ ନିର୍ମିତ ରାଧାକୃଷ୍ଣଙ୍କ ମୂର୍ତ୍ତି ଘଣ୍ଟ, ଥାଳି, ଦୀପ, ବାସନ କୁସନ ଆଦି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ । ଚୋରମାନେ ଏସବୁକୁ ବିକ୍ରି କରିବା ପାଇଁ ସ୍ଥାନୀୟ ବେପାରୀଙ୍କ ସହ ମୂଲଚାଲ କରିଥିଲେ । ମାତ୍ର ବେପାରୀ ଦାମ୍ କମ୍ କରିବାରୁ ସେମାନେ ଏହାକୁ ଆଣି ଘର ନିକଟରେ ମାଟି ଖୋଳି ପୋତି ଦେବାକୁ ଉଦ୍ୟମ କରୁଥିଲେ । ଏହା ଦେଖି ଗ୍ରାମବାସୀ ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ୍ ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି ।

ଭାରତ ଉଚ୍ଚ ଚିନ୍ତାଧାରା ସହ ୧୦%ଜିଡିପି ବୃଦ୍ଧି ହାର ଲକ୍ଷ୍ୟ ରଖିବା ଉଚିତ୍: ସିଆଇଆଇ ପ୍ରେସିଡେଣ୍ଟ

ନୂଆଦିଲ୍ଲୀ : ନିଜର ପ୍ରଥମ କାର୍ଯ୍ୟଭାର ଗ୍ରହଣ କରିବା ପରେ ସିଆଇଆଇର ପ୍ରେସିଡେଣ୍ଟ ଏବଂ କିଲୋସ୍କର ସିଷ୍ଟମସ୍ ଲିମିଟେଡ୍‌ର ଚେୟାରମ୍ୟାନ୍ ଓ ଏମ୍‌ଡି ତଥା ଟୟଟା କିଲୋସ୍କରର ଭାଇସ ଚେୟାରମ୍ୟାନ ବିକ୍ରମ କିଲୋସ୍କର କହିଲେ, ସୁପର କଞ୍ଜପସନ୍, ଇନ୍‌ଭେଷ୍ଟମେଣ୍ଟ ଏବଂ ନେଟ୍ ଏକ୍ସପୋର୍ଟ ଉପରେ ଜୋର ଦେଲେ ଦେଶର ଜିଡିପିର ହାରରେ ଦୃତ ବୃଦ୍ଧି ହୋଇପାରିବ।

ଉଚ୍ଚ ଚିନ୍ତାଧାରା ସହ ୧୦% ଜିଡିପି ବୃଦ୍ଧିହାର ଲକ୍ଷ୍ୟ ରଖିବା ନିମନ୍ତେ ଏହା ହିଁ ଭାରତ ପାଇଁ ପ୍ରକୃତ ସମୟ। ସଂପ୍ରତି ଦେଶର ନିର୍ବାଚନରେ ବିପୁଳ ଭାବେ ବିଜୟୀ ହୋଇ ନୂତନ ସରକାର ଗଠନ ହୋଇଛି ଏବଂ ଆମେ ଆଶା କରୁଛୁ ନୂତନ ସରକାର, ଦେଶରେ ଡବଲ ଡିଜିଟ୍ ଉନ୍ନତି ନିମନ୍ତେ ଇଣ୍ଡଷ୍ଟ୍ରି ସହ ମିଳିତ ଭାବେ ନୂତନ ଏବଂ ଇମ୍ପାକ୍ଟଫୁଲ ପଲିସି ଆଣିବା ସହ ଏହାର କାର୍ଯ୍ୟକାରୀ କରାଇବା କଥା କହିଛନ୍ତି ଶ୍ରୀ କିଲୋସ୍କର ।ସଂପ୍ରତି ମିଳିଥିବା ରିପୋର୍ଟ ଅନୁଯାୟୀ ସିଆଇଆଇର ଚାରେଟି ମୁଖ୍ୟ ତଥ୍ୟ ଯଥା ଏନରଜାଇଂ ଗ୍ରୋଥ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି, ଭାରତର ବିଦେଶରେ ଫୁଟପ୍ରିଣ୍ଟ ବଢାଇବା ଏବଂ ଏନର୍ଜି ସିକ୍ୟୁରିଟି ଉପରେ ଜୋର ଦେଉଛି। କମ୍ପିଟେଟିଭନେସ୍ ଅଫ୍ ଇଣ୍ଡିଆନ୍ ଇଙ୍କ ଇଣ୍ଡିଆନ୍ ଆଟ୍ ୭୫ ଫୋର୍ଜି ଆହେଡ୍ ସ୍କିମ୍ ଅନ୍ତର୍ଗତ ପଲିସି ସଲ୍ୟୁସନ୍ ଏବଂ ଏହାକୁ ନେଇ ଆକ୍ସନ୍ ନିମନ୍ତେ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିର ଅବଦାନକୁ ବଢାଇବା ଲକ୍ଷ୍ୟ ରଖିଛି ସିଆଇଆଇ। ବିଗତ କ୍ୱାର୍ଟରରେ ଜିଡିପି ବୃଦ୍ଧିକୁ ଲକ୍ଷ୍ୟରେ ରଖି ବୃଦ୍ଧି ହାରକୁ ସୁଦୃଢ କରିବା ପାଇଁ ମୁଖ୍ୟତଃ କଞ୍ଜପସନ୍ ବୃଦ୍ଧି, ଇନଭେଷ୍ଟମେଣ୍ଟ, ସୋସିଆଲ ଏବଂ ଫିଜିକାଲ ଇନ୍‌ଫ୍ରାଷ୍ଟ୍ରକଚର୍‌ରେ ପବ୍ଲିକ୍ ଏକ୍ସପେଣ୍ଡିଚର୍ ଏବଂ ନେଟ୍ ଏକ୍ସପୋର୍ଟ ଉପରେ ସିଆଇଆଇର ପ୍ରେସିଡେଣ୍ଟ ଜୋର ଦେଇଛନ୍ତି। ସିଆଇଆଇ ପକ୍ଷରୁ ଆସନ୍ତା ବଜେଟ୍ ନିମନ୍ତେ ପଲିସି ଇନପୁଟ୍ ପ୍ରଦାନ କରାଯାଇଛି।

ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲରେ ଡାକ୍ତରମାନଙ୍କ ଦ୍ୱାରା ବିରଳ ଅସ୍ତ୍ରୋପଚାର

୪୮ ବର୍ଷୀୟା ମହିଳାଙ୍କ ଗର୍ଭାଶୟରୁ ୮.୩ କେଜିର ଫିବ୍ରଏଡ୍ ଟ୍ୟୁମର୍ ଅପରେସନ୍

ଭୁବନେଶ୍ୱର, (ପିଏନ)-: ଭୁବନେଶ୍ୱରର ଏକ ପ୍ରମୁଖ ହସ୍ପିଟାଲ, ବିଆର୍ ଲାଇଫ୍ କଳିଙ୍ଗ ସୁପର ସ୍ପେଶାଲିଟି ହସ୍ପିଟାଲର ଡାକ୍ତରମାନେ ନିକଟରେ ଜଣେ ୪୮ ବର୍ଷୀୟା ରୋଗୀଙ୍କ ଗର୍ଭାଶୟରୁ ୮.୩ କେଜିର ଫିବ୍ରଏଡ୍ ଟ୍ୟୁମର ବାହାର କରିବା ପାଇଁ ଏକ ଜଟିଳ ଅସ୍ତ୍ରୋପଚାର କରିଛନ୍ତି। ମହିଳାଙ୍କ ଗର୍ଭାଶୟରେ ଥିବା ଉକ୍ତ ଟ୍ୟୁମରର ଆକାର ୨୭ ଘ ୧୫ ଘ ୦୭ ସେମି ଥିଲା। ଏହି ହସ୍ପିଟାଲ ନିଜର ନୂତନ ତଥା ଆଡ୍‌ଭାନ୍ସ ସର୍ଜିକାଲ ଟେକ୍ନୋଲୋଜିର ବ୍ୟବହାର କରି ଏହି ଅସ୍ତ୍ରୋପଚାର କରିଥିଲା ଏବଂ ୟୁରେଟର୍ (ଏକ ବାହକ ଯାହାଦ୍ୱାରା ମୂତ୍ର କିଡ୍‌ନିରୁ ମୂତ୍ରାଶୟକୁ ଯାଇଥାଏ) ଓ ଏକାଧିକ ରକ୍ତବାହକକୁ ପ୍ରଭାବିତ କରୁଥିବା ମହିଳାଙ୍କ ଗର୍ଭାଶୟରେ ଥିବା ଉକ୍ତ ଟ୍ୟୁମର୍‌କୁ ବାହାର କରାଯାଇଥିଲା।ଓଡିଶାର ନିମାପଡାସ୍ଥିତ ଶ୍ରୀମତି ବଦାରୁନ୍ ବିବି ତଳ ପେଟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିବା ସହ ପରିସ୍ରା ସମୟରେ କଷ୍ଟ ଅନୁଭବ କରିବା, ଅନିୟମିତ ରକ୍ତସ୍ରାବ ଭଳି ସମସ୍ୟା ଭୋଗୁଥିଲେ ଏବଂ ତାଙ୍କ ତଳ ପେଟର ଆକାର ଗତ ୩ ମାସ ହେବ ଲଗାତାର ବଢିବାରେ ଲାଗିଥିଲା। ତାଙ୍କ ପେଟରେ ଏକ ବଡ ଟ୍ୟୁମର୍ ରହିଥିବା ସମ୍ପର୍କରେ ଜାଣିନଥିବା ବଦାରୁନ୍ ବିବିଙ୍କୁ ପରିସ୍ରା ସମୟରେ କଷ୍ଟ ହେଉଥିବା କାରଣରୁ ଚିକିତ୍ସା ପାଇଁ ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲକୁ ଅଣାଯାଇଥିଲା। ତାଙ୍କ ଗର୍ଭାଶୟ ଓ ପେଲ୍‌ଭିକ୍‌ର ଏମ୍‌ଆର୍‌ଆଇ ପରେ ତଳ ପେଟରେ ଏକ ବଡ ଟ୍ୟୁମର୍ ରହିଥିବା ଜଣାପଡିଥିଲା। ଏହି ଜଟିଳ ଅସ୍ତ୍ରୋପଚାର ସମ୍ପର୍କରେ ବିଆର୍ ଲାଇଫ୍ କଳିଙ୍ଗ ସୁପର ସ୍ପେଶାଲିଟି ହସ୍ପିଟାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡଃ ରଶ୍ମୀ ଇଶ୍ୱର ହେଗ୍‌ଡେ କହିଛନ୍ତି ଯେ, "ରୋଗୀ ଜଣଙ୍କ ମୋଟା ଓ ହାଇପୋଥାଇରଏଡ୍ ଥିଲେ। ଆମେ ପ୍ରଥମେ ତାଙ୍କର ମେଦବହୁଳତାକୁ କମ୍ କରିଥିଲୁ ଓ ତାହାକୁ ସ୍ଥିର ରଖିଥିଲୁ। ଟ୍ୟୁମରରୁ ୟୁରେଟର୍ ଉପରେ ଚାପ ପଡିବା କାରଣରୁ ତାଙ୍କଠାରେ ବାଇଲାଟେରାଲ ହାଇଡ୍ରୋନେଫ୍ରୋସିସ୍ ବିକଶିତ ହୋଇଥିଲା ଯେଉଁ କାରଣରୁ ମୂତ୍ର କିଡ୍‌ନିରୁ ମୂତ୍ରାଶୟରେ ପହଂଚିପାରୁନଥିଲା। ୨୭ ଘ ୧୫ ଘ ୦୭ ସେମିର ଟ୍ୟୁମର୍ ୟୁରେଟର୍ ଓ ଏକାଧିକ ରକ୍ତବାହିକାକୁ ଭିତରକୁ ଟାଣି ନେଇଥିଲା। ୟୁରୋଟରକୁ ଟ୍ୟୁମରରୁ ଅଲଗା କରିବା ଖୁବ୍ ଜଟିଳ ଥିଲା, ତେଣୁ ଆମେ ବାଇଲାଟେରାଲ ସାଲ୍‌ପିଙ୍ଗୋ-ଓଓଫୋରେକ୍ଟୋମି ସହ ସମ୍ପୂର୍ଣ୍ଣ ଆବ୍‌ଡୋମିନାଲ ହିଷ୍ଟେରେକ୍ଟୋମି କରିଥିଲୁ ଏବଂ ଟ୍ୟୁମରକୁ ପୁଣିଥରେ ଫେରିବାରୁ ରୋକିବା ପାଇଁ ଉଭୟ ଟ୍ୟୁମର ଓ ଗର୍ଭାଶୟକୁ ବାହାର କରିଥିଲୁ। ଯଦି ଏହାର ଚିକିତ୍ସା କରାଯାଇନଥାନ୍ତା ତେବେ ଟ୍ୟୁମରଟି ମହିଳାଙ୍କ ଶରୀରର ଏକାଧିକ ଅଙ୍ଗକୁ କ୍ଷତି ପହଂଚାଇବା ସହ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାନ୍ତା।"

ୟୁଟେରାଇନ୍ ଫିବ୍ରଏଡଗୁଡିକ ହେଉଛି ଅଣ-କ୍ୟାନ୍ସରଯୁକ୍ତ ଟ୍ୟୁମର ଯାହା ଗର୍ଭରେ ଥିବା ମାଂସପେଶୀର ଆବରଣରୁ ବଢିଥାଏ। ପ୍ରଜନନ ବର୍ଷ ସମୟରେ ଫିବ୍ରଏଡ୍ ହେବା ଏକ ସାଧାରଣ କଥା ହୋଇଥାଏ ଏବଂ ଏହା ୩୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାୟ ୩୦% ମହିଳାଙ୍କୁ ଓ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ୨୦ରୁ ୫୦% ମହିଳାଙ୍କୁ ପ୍ରଭାବିତ କରିଥାଏ। ତେବେ ଫିବ୍ରଏଡ୍ ହେବାର କାରଣ ଅସ୍ପଷ୍ଟ ରହିଛି କିନ୍ତୁ ଶରୀରରେ ଏଷ୍ଟ୍ରୋଜେନ୍‌ର ସ୍ତର ଅଧିକ ରହିଲେ ଫିବ୍ରଏଡ୍ ବିକଶିତ ହେଉଥିବା କୁହାଯାଏ। ଏହାର ଲକ୍ଷଣଗୁଡିକ ହେଉଛି ବାରମ୍ବାର ପରିସ୍ରା ଲାଗିବା, ତଳ ପିଠିରେ ଯନ୍ତ୍ରଣା ହେବା, ମଳକଷ୍ଟକ, ଆନେମିଆ କାରଣରୁ ହେଉଥିବା ଯନ୍ତ୍ରଣାଦାୟକ ଗର୍ଭାଶୟ ରକ୍ତସ୍ରାବ ଓ ଅଧିକ ବଡ ଫିବ୍ରଏଡ୍ ଥିଲେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହେବା।ତାଙ୍କ ଜୀବନ ବଞ୍ଚାଇଥିବାରୁ ଡାକ୍ତର ଓ ହସ୍ପିଟାଲକୁ ଧନ୍ୟବାଦ ଜଣାଇ ବଦାରୁନ୍ ବିବି କହିଛନ୍ତି ଯେ, "ଏତେ ବର୍ଷ ପର୍ଯ୍ୟନ୍ତ ମୋ ପେଟରେ ଏକ ବଡ ଟ୍ୟୁମର୍ ରହିଥିବା ସମ୍ପର୍କରେ ମୁଁ କିଛି ବି ଜାଣିନଥିଲି। ଅନେକ ଦିନ ହେବ ମୁଁ ତଳ ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲି ଓ ଏହାକୁ ଅଣଦେଖା କରିଚାଲିଥିଲି। କିନ୍ତୁ ହସ୍ପିଟାଲର ଡାକ୍ତରମାନେ ଓ ଅନ୍ୟ କର୍ମଚାରୀମାନେ ମୋର ବାସ୍ତବ ସମସ୍ୟାକୁ ଚିହ୍ନଟ କରି ଯତ୍ନର ସହ ଚିକିତ୍ସା କରାଇଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି।"

ବିଶ୍ୱ ଅର୍ଥନୈତିକ ଫୋରମ ୨୦୨୦ରେ ଟାଟା ଷ୍ଟିଲ କଳିଙ୍ଗନଗର ସମ୍ମାନିତ

କଳିଙ୍ଗନଗର / ମୁମ୍ବାଇ,(ପିଏନ): ଗ୍ଲୋବାଲ ଲାଇଟହାଉସ୍ ନେଟଓ୍ୱାର୍କରେ ଗ୍ରହଣୀୟତା ପାଇଁ ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ)କୁ ବିଶ୍ୱ ଅର୍ଥନୈତିକ ଫୋରମ (ଡ଼ବ୍ଲ୍ୟୁଇଏଫ) ୨୦୨୦ରେ ସମ୍ମାନିତ କରାଯାଇଛି। ଗ୍ଲୋବାଲ ଲାଇଟହାଉସ୍ ନେଟଓ୍ୱାର୍କ ହେଉଛି ଏକ କ୍ଷୁଦ୍ର କିନ୍ତୁ ବର୍ଦ୍ଧିଷ୍ଣୁ କର୍ପୋରେଟ ଗୋଷ୍ଠୀ ଯାହା ୪ର୍ଥ ଶିଳ୍ପ ବିପ୍ଳବର ପ୍ରଯୁକ୍ତି ଉପଯୋଗ କ୍ଷେତ୍ରରେ ନେତୃତ୍ୱ ପ୍ରଦର୍ଶନ କରୁଛି। ମାକିନ୍‌ସେ ଏଣ୍ଡ କଂପାନୀ ସହଯୋଗରେ ଏହା ହେଉଛି ବିଶ୍ୱ ଅର୍ଥନୈତିକ ଫୋରମର ଏକ ପ୍ରକଳ୍ପ। ଟାଟା ଷ୍ଟିଲ ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି.ଭି.ନରେନ୍ଦ୍ରନ ଡ଼ାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ (ଡ଼ବ୍ଲ୍ୟୁଇଏଫ) ୨୦୨୦ରେ କଂପାନୀର ପ୍ରତିନିଧିତ୍ୱ କରିବା ଅବସରରେ ଗ୍ଲୋବାଲ ଲାଇଟହାଉସ୍ ନେଟଓ୍ୱାର୍କର ବେସରକାରୀ ନୈଶ ଭୋଜିରେ ଯୋଗ ଦେଇଥିଲେ । ସେ ଏହି ପୁରସ୍କାର ମାକିନ୍‌ସେ ଏଣ୍ଡ କଂପାନୀର ବରିଷ୍ଠ ଅଂଶୀଦାର ସୁଶ୍ରୀ କାଟି ଜର୍ଜ ଓ ସେପିଙ୍ଗ ଦି ଫ୍ୟୁଚର ଅଫ ଆଡ଼ଭାନସ୍ଡ଼ ମାନ୍ୟୁଫାକଚରିଂ ଏଣ୍ଡ ପ୍ରଡ଼କସନ ମୁଖ୍ୟ, ଡ଼ବ୍ଲ୍ୟୁଇଏଫ ଫ୍ରାନସିସ୍‌କୋ ବେଟିଙ୍କ ନିକଟରୁ ଗ୍ରହଣ କରିଥିଲେ। ଏକମାତ୍ର ଭାରତୀୟ ଉତ୍ପାଦନକାରୀ କଂପାନୀ ଭାବେ ଟିଏସକେ ୨୦୧୯ ମସିହା ଜୁଲାଇ ମାସରେ ଡ଼ବ୍ଲ୍ୟୁଇଏଫର ଲାଇଟହାଉସ୍ ନେଟଓ୍ୱାର୍କରେ ସାମିଲ ହୋଇଥିଲା । ଟାଟା ଷ୍ଟିଲର ନେଦରଲାଣ୍ଡସ୍ଥିତ ଇଜମୁଡେନ ପ୍ଲାଣ୍ଟ ଏହି ନେଟଓ୍ୱାର୍କରେ ରହିଛି । ଏହି ଅବସରରେ ଟି.ଭି ନରେନ୍ଦ୍ରନ କହିଛନ୍ତି ଯେ ଟାଟା ଷ୍ଟିଲ କଳିଙ୍ଗନଗର ଡ଼ବ୍ଲ୍ୟୁଇଏଫର ସମ୍ମାନଜନକ ଲାଇଟହାଉସ ନେଓ୍ୱାର୍କରେ ସାମିଲ ହୋଇପାରିବା ଆମ ପାଇଁ ଗର୍ବର ବିଷୟ । ଭାରତୀୟ ଷ୍ଟିଲ ଶିଳ୍ପ କ୍ଷେତ୍ରରେ ଟାଟା ଷ୍ଟିଲ କଳିଙ୍ଗନଗର ଅନେକ ନୂଆ ପଦକ୍ଷେପ ଆପଣେଇଛି । କଳିଙ୍ଗନଗରରେ ସ୍ୱଦେଶୀ ଯନ୍ତ୍ରାଂଶ ଉପଯୋଗ କରାଯିବା ସହ ସ୍ୱୟଂଚାଳିତ ଓ ଡ଼ିଜିଟାଲ ବ୍ୟବସ୍ଥା ଦ୍ୱାରା ଉତ୍ପାଦନରେ ବୃଦ୍ଧି ଅଣାଯାଇପାରିଛି । ଟିଏସ୍‌କେର ବାର୍ଷିକ ଉତ୍ପାଦନ କ୍ଷମତା ୮ ନିୟୁତ ଟନକୁ ବୃଦ୍ଧି କରାଯାଇପାରିଛି ବୋଲି ସେ କହିଛନ୍ତି ।

ବିଶିଷ୍ଟ ସମାଜସେବୀ ରତ୍ନାକର ମାଣିଆଙ୍କ ୯୭ତମ ଜୟନ୍ତୀ ପାଳିତ

ରତ୍ନାକର ମାଣିଆ ପାଉଣ୍ଡେସନ

ଭୁବନେଶ୍ୱର,(ପିଏନ): ବିଶିଷ୍ଟ ସମାଜସେବୀ ରତ୍ନାକର ମାଣିଆଙ୍କ ୯୭ତମଜୟନ୍ତୀ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ବୈଦ୍ୟନାଥ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦାନ କରି ସ୍ୱର୍ଗତ ମାଣିଆଙ୍କ ବହୁମୁଖି ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । ଜଣେ ପ୍ରଶାସକ ଅଧିକାରୀ ହୋଇ ମଧ କିଭଳି ସମାଜରେ ଦଳିତ, ପତିତ. ଅବହେଳିତ ଓ ନିଷ୍କେସିତମାନଙ୍କୁ ସହଯୋଗର ହାତ ବଢାଇଥିଲେ ତାହା ଆଜି ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଦୁର୍ଯ୍ୟୋଧନ କାଠୁଆ, ମନୋରଂଜନ ଦାସ, ରାଜକିଶୋର ଦାସ, ପ୍ରଫୁଲ୍ଲ କୁମାର ଦାସ, ସ୍ୱର୍ଗତ ମାଣିଆଙ୍କ ଜ୍ୟୋଷ୍ଟପୁତ୍ର ବରିଷ୍ଠ କ୍ରିକେଟ କୋଚ୍ କିଶୋର ମାଣିଆ,ଆଇନଜିବୀ ଅକ୍ଷୟପ୍ରସାଦ ବେହେରା, ବ୍ରଜକିଶୋର ବେହେରା, ଯୋଗଦାନ କରିବା ସହ ନିଜର ମତ ଉପସ୍ଥାପନା କରିଥିଲେ । ସୁଶ୍ରୀଏଲିନା ପ୍ରିୟାଙ୍ଗୀଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ପ୍ରତିବର୍ଷ ଭଳି ଏବର୍ଷ ମଧ ଲୋପାମୁଦ୍ରା ବେହେରାଙ୍କୁ ରତ୍ନାକର ମାଣିଆ ବିଦ୍ୟାର୍ଥୀ ପରିଷଦ ପୁରସ୍କାର ପ୍ରଦାନ କରାଯାଇଥିଲା ।

କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଆଇସି-୩ ଆଞ୍ଚଳିକ ଫୋରମ୍ ଅନୁଷ୍ଠିତ

ଭୁବନେଶ୍ୱର,(ପିଏନ)-କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଇଣ୍ଟରନାଲ୍ କ୍ୟାରିଅର୍ ଓ କଲେଜ୍ କାଉନ୍‌ସେଲିଂ (ଆଇସି-୩)ର ଆଞ୍ଚଳିକ ଫୋରମ-୨୦୨୦ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଇସି-୩ର ପ୍ରତିଷ୍ଠାତା ଗଣେଶ କୋହଲି ଏବଂ ଅଶୋକା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ବିନୀତ ଗୁପ୍ତା ପ୍ରମୁଖ ଯୋଗଦେଇ ସ୍କୁଲ୍ କ୍ୟାରିଅର ପରେ ଛାତ୍ରଛାତ୍ରୀମାନେ କିପରି ତାଙ୍କର ଉଚ୍ଚତର ଶିକ୍ଷା ପାଇଁ ଉଚିତ ପରାମର୍ଶ ପାଇପାରିବେ ସେଥିପାଇଁ ଆଇସି-୩ କାର୍ଯ୍ୟ କରୁଛି ବୋଲି କହିଥିଲେ। ପିଲାମାନଙ୍କୁ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଅନୁସାରେ କେଉଁ ପ୍ରକାର ଉଚ୍ଚତର ଶିକ୍ଷା ଆବଶ୍ୟକ ଏବଂ ଏଥିପାଇଁ ବିଶ୍ୱର ବିଭିନ୍ନ ସ୍ଥାନରେ ରହିଥିବା ଉଚ୍ଚତର ଶିକ୍ଷାନୁଷ୍ଠାନ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟସ୍ତରରୁ କାଉନ୍‌ସେଲିଂ କରାଯିବା ଆବଶ୍ୟକ ବୋଲି କହିଥିଲେ। ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଏଭଳି ଆଞ୍ଚଳିକ ଫୋରମ୍ ସ୍କୁଲ୍, କଲେଜ ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟରେ ଥିବା ସଂପର୍କକୁ ସୁଦୃଢ଼ କରିପାରିବ। ଏଭଳି ଫୋରମ୍ ପ୍ରଥମ ଥର ଲାଗି ଓଡ଼ିଶାରେ ଅନୁଷ୍ଠିତ ହୋଇଥିବା ବେଳେ ୭ଟି ଦେଶର ପ୍ରତିନିଧିଙ୍କ ସମେତ ଭାରତର ୧୪ଟି ବିଶ୍ୱବିଦ୍ୟାଳୟ ଓ ୪୯ଟି ସ୍କୁଲ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ସ୍କୁଲ୍‌ର ଅଧ୍ୟକ୍ଷ ଡ. ସଞ୍ଜୟ ସୁଆରଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ନାଭିଗେଟିଂ ଅଣ୍ଡରଗ୍ରାଜୁଏଟ୍ ଷ୍ଟଡି ଅପ୍‌ସନ୍‌ସ ଇନ୍ ଇଣ୍ଡିଆ ଉପରେ ଏକ ପ୍ୟାନେଲ୍ ଆଲୋଚନା ଅନୁଷ୍ଠିତ ହୋଇଥିଲା।

ଏକ୍ସନ୍‌ମୋବିଲ୍ ଭାରତରେ ଲଞ୍ଚ କରୁଛନ୍ତି ମୋବିଲ ଡିଟିଇ ଟିଏମ୍ ୨୦ ଅଲଟ୍ରା ଶୃଙ୍ଖଳା

BETTER PROTECTION

ଭୁବନେଶ୍ୱର : ଏକ୍ସନ୍‌ମୋବିଲ୍ ଟିଏମ୍ ଆଜି ମୋବିଲ ଡିଟିଇ ଟିଏମ୍ ୨୦ ଅଲଟ୍ରା ଶୃଙ୍ଖଳା - ହାଇଡ୍ରୋଲିକ ତୈଳରେ ଏକ ଟେକ୍ନୋଲୋଜିକାଲି ଉନ୍ନତ ଶୃଙ୍ଖଳା ଲଞ୍ଚ କରିବା ପାଇଁ ଘୋଷଣା କଲେ । ସମସ୍ତ ପ୍ରକାରର ହାଇଡ୍ରୋଲିକ ପ୍ରଣାଳୀ ଏବଂ କ୍ଲୋଜ୍ କ୍ଲିୟରନସ ସରଭୋ-ଭେଲ୍‌ଭ ଓ ଉଚ୍ଚ ସଠିକତା ସଂଖ୍ୟାତ୍ମକ ଭାବେ ନିୟନ୍ତ୍ରିତ (ଏନସି)ମେସିନ ଟୁଲ ପାଇଁ ନୂତନ ଶୃଙ୍ଖଳା ଡିଜାଇନ କରାଯାଇଛି । ୨ଘ ପର୍ଯ୍ୟନ୍ତ ଅଧିକ ଲମ୍ବା ତୈଳ ଜୀବନ ଏବଂ କଠୋର ପରିସ୍ଥିତି ରେ ଅସାଧାରଣ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଥିବା ନୂତନ ଶୃଙ୍ଖଳା ଉଦ୍ୟୋଗ ମାନଙ୍କୁ ସହଜରେ ଅଭୁତ ପୂର୍ବ ପ୍ରଦର୍ଶନ ଲକ୍ଷ ହାସଲ କରିବାରେ ସହାୟ କରିଛି । ମୋବିଲ ଡିଟିଇ ଟିଏମ୍ ୨୦ ଅଲଟ୍ରା ଶୃଙ୍ଖଳା ରକ୍ଷଣାବେକ୍ଷଣ ର ବାରମ୍ବାରତା ହ୍ରାସ କରିଦେବା ଦ୍ୱାରା ମଣିଷ –ମେସିନ ଇଣ୍ଟରାକ୍ସନ ନ୍ୟୁନତମ ହୋଇଥାଏ ଯାହା ସାଇଟ କୁ ଉଦ୍ୟୋଗିକ କର୍ମଚାରି ମାନଙ୍କ ପାଇଁ ସୁରକ୍ଷିତ କରିଥାଏ । ଏହା ଅତିରିକ୍ତ, ୨ ଗୁଣ ତୈଳ ଜୀବନ ଦ୍ୱାରା ହାଇଡ୍ରୋଲିକ ତୈଳ ଖର୍ଚ୍ଚ ହ୍ରାସ କରି ଏହା ପର୍ଯ୍ୟାବରଣ ଯତ୍ନକୁ ମଧ ସମର୍ଥନ ଦେବ । ତୈଳର ଲମ୍ବା ଜୀବନ ଏବଂ ସଂଚାଳନ ରେ ସଠିକତା ପାଇଁ ୮୯.୨% ର ଉନ୍ନତ ଜମା ନିୟନ୍ତ୍ରଣ ପ୍ରଦାନକରି ମୋବିଲ ଡିଟିଇ ୨୦ ଅଲଟ୍ରା ଶୃଙ୍ଖଳା ଘଟକ ଜୀବନକୁ ସଂପ୍ରସାରଣ କରିବା ପାଇଁ ମଧ ବୃହତ ସୁରକ୍ଷା ପ୍ରଦାନ କରିଥାଏ । ବ୍ୟାପକ ପରିକ୍ଷଣରୁ ଜଣା ପଡିଛି ଯେ ଏହା ବୃହତର ପାଣି ସମ୍ଭାଳିବା ଏବଂ ଫିଲଟର ରେଟିଙ୍ଗ ସହିତ ଆସିଥାଏ । ଇଟନ ୩୫ଭିକିୟୁ୨୫ ଅନୁସାରେ- ହାଇଡ୍ରୋଲିକ ତରଳ ଯୋଗ୍ୟତା ପାଇଁ ପରିଚିତ ଏକ ଉଦ୍ୟୋଗିକ ପରୀକ୍ଷଣ, ତୈଳ୍ରୁ୭୨% ବୃହତ ସୁରକ୍ଷା ପ୍ରଦାନ କରିଥାଏ। "ଉଚ୍ଚ-ଚାପ ଏବଂ ଉଚ୍ଚ-ଆଉଟପୁଟ ପରିବେଶରେ ହାଇଡ୍ରୋଲିକ ପ୍ରଣାଳୀ ଗୁଡିକ ସଂଚାଳନ କରିଥାଏ । ଉଦ୍ୟୋଗ ମାନଙ୍କ ଦ୍ୱାରା ସାମ୍ନା କରାଯାଉଥିବା ପ୍ରମୁଖ ଆହ୍ୱାନ ହେଲା ପ୍ରଦର୍ଶନ, ଉତ୍ପାଦକତା ଏବଂ ଦକ୍ଷତା," କହିଥିଲେ ଶଙ୍କର କାର୍‌ନିକ ଇଣ୍ଡଷ୍ଟ୍ରିଆଲ ଲୁବ୍ରିକାଣ୍ଟସ, ଏକ୍ସନ୍ ମୋବିଲ୍ ଲୁବ୍ରିକାଣ୍ଟ ପ୍ରାଇଭେଟ ଲିମିଟେଡ । ମୋବିଲ ଡିଟିଇ ୨୦ ଅଲଟ୍ରା ଶୃଙ୍ଖଳା ସହିତ ବର୍ତ୍ତମାନ ରକ୍ଷଣାବେକ୍ଷଣ ମୁଲ୍ୟ ଏବଂ ସିଷ୍ଟମ୍ ହ୍ରାସ ସହିତ ଭରସା ଯୋଗ୍ୟ ପ୍ରଦର୍ଶନ ଏବଂ ସମ୍ପ୍ରସାରିତ ଘଟକ ଜୀବନ ପ୍ରଦାନ କରିବା ପାଇଁ ଗ୍ରାହକ ମାନଙ୍କ ପାଖରେ ଏକ ବିକଶିତ ଜ୍ଞାନକୌଶଳ ରହିଛି । ଉଭୟ ତୈଳ ଏବଂ ମେସିନ କାରକ ଯୋଗୁଁ ହାଇଡ୍ରୋଲିକ ପ୍ରଣାଳୀ ଗୁଡିକରେ ରକ୍ଷଣାବେକ୍ଷଣର ଆବଶ୍ୟକତା ପଡିଥାଏ । ସମୟ ସହିତ ତୈଳ ଅକ୍ସିଡାଇଜ ହେବା ଯୋଗୁଁ ଜମା ଗଠନ ହୋଇଥାଏ ଯାହା ଯୋଗୁଁ ଉଭୟ ତୈଳ ଏବଂ ଫିଲଟର ପ୍ରତିବଦଳ କରିବା ଆବଶ୍ୟକ ହୋଇଥାଏ । ଅଧିକାଂଶ ସମୟରେ ଭେଲ୍‌ଭ ପମ୍ପ ଏବଂ ସମୟ ହୋଇଯାଇଥିବା ଯୋଗୁଁ ନଷ୍ଟ ହୋଇ ଯାଇଥିବା ଅନ୍ୟାନ୍ୟ ମେସିନୀୟ ପାର୍ଟର ମଧ ପ୍ରତି ବଦଳ ଆବଶ୍ୟକ କରିଥାଏ । ମୋବିଲ ଡିଟିଇ ୨୦ ଅଲଟ୍ରା ବ୍ୟବହାର କରି ବିନା ପ୍ରୟାସରେ ଏହି ରକ୍ଷଣାବେକ୍ଷଣ ହ୍ରାସ କରାଯାଇପାରିବ ଏବଂ ଉପକରଣ ଗୁଡିକର ବ୍ୟୟସାଧକତା ମନ୍ଥର କରିବାରେ ଏହା ଏକ ପ୍ରମୁଖ ଭୂମିକା ନିଭେଇଥାଏ ଏବଂ ରକ୍ଷଣାବେକ୍ଷଣ ପ୍ରୟାସ ହ୍ରାସ କରିଥାଏ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray